Split by PDF Splitter



ସ୍ଥିତି ଦେଖାଦେବାର ସୁଖ ପାଇ ନା ବୋଲି " ଜାହି ନ ଥିଲେ । ଆପଣ ଅନୁଗ୍ରହପୂର୍ବକ ଏହି ସଂଶୋଧନ ପ୍ରକାଶ କରି ଅମ୍ଭଙ୍କୁ ବାଧିତ ଓ ଜ୍ଞାପକ କରିବା ହେବେ । ପ୍ରକାଶ ଥାଉ କି ଉକ୍ତି ଶିକ୍ଷକଙ୍କୁ ପତ୍ରିକାରେ ପ୍ରଶ୍ନର ଦେବା ସମ୍ପୂରେ ଅମ୍ଭେ ସ୍ୱଦେଶରେ ଥିବାରୁ ଓ ସ୍ୱଦେଶରୁ ମେଳ ଅସି ଅଡ଼ଶୟ ପୀଡ଼ିତ ହୋଇ ଥିବାରୁ ସଂଶୋଧନ ଗୋଟିକ ପ୍ରକାଶ କରିବାରୁ ବିଳମ୍ବ ହୋଇଅଛି ।

କଟକ } ଆପଣଙ୍କର ବଶମ୍ବଦ
୨।୩।୮୮ } ଶ୍ରୀଚତୁର୍ଭୁଜ ପଟ୍ଟନାୟକ

———

ମହାଶୟ !

ଗତସପ୍ତାହ ପତ୍ରିକାରେ ଜଣେ ପ୍ରଶଂସ୍ୟ ସରବୋଷାନ୍ୱେଷଣକାଶ୍ରୀ ନାମଧାରୀ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଗତମାସ ତା ୨୯ ରଖ ଅପରାହ୍ନରେ ଅପରପ୍ରାଇମେର ପରୀକ୍ଷାରେ ଯେଉଁ ଭୂଗୋଳପ୍ରଶ୍ନ ଦିଅହୋଇଥିଲା ତାହା ତ୍ରୟୋଦଶବର୍ଷୀୟ ବାଳକମାନଙ୍କ ପକ୍ଷରେ ଅତିଶୟ କଷ୍ଟକର ହୋଇଥିଲା । ଏପରି ଶର୍‌ତକାଳୀନ ଚନ୍ଦ୍ରପର ଦଶମାଇ ନାମଧାରୀଙ୍କୁ ମୁଁ ପଚାରେଁ ଯେତେବେଳେ କେତେକ ପିଲା କେବଳ ପ୍ରଶ୍ନଗୁଡ଼ିକ ସନ୍ତୋଷଜନକ ଉତ୍ତର ଦେଇ ପୂର୍ଣ୍ଣସଂଖ୍ୟା ନ ୭୦ ମଧ୍ୟରୁ ନ ୪୦ ମ୍ବର୍ପର୍ଯ୍ୟନ୍ତ ରଖିଅଛନ୍ତି ପ୍ରଶ୍ନ ଅତିଶୟ କଷ୍ଟ ଥିଲା ବୋଲି କପରି ବୋଲାଯିବ ? ପତ୍ରପ୍ରେରକ ଯେବେ ଆପଣାର ପରିଚୟ ନ ଦେଇ ଅମ୍ଭଠାରେ କାଗଜ ଦେଖିବାର ଇଚ୍ଛା ପ୍ରକାଶ କରନ୍ତି, ତେବେ ସେ ସମ୍ପୂର୍ଣ୍ଣରୂପେ ଅଦ୍ଭୁତ । ସେ ଲେଖିଅଛନ୍ତି ଯେ ୩ୟ ପ୍ରଶ୍ନରେ ଉତ୍ତରମହାସାଗରରେ କୌଣସି ସ୍ଥାନ କରୁପିତ କରି ଦେଇଥିଲେ ସୁଚତୁର ବାଳକମାନେ ତହିଁର ସହଜରେ ଉତ୍ତର କରିପାରିଥାନ୍ତେ ଏକଥା ସମ୍ପୂର୍ଣ୍ଣ ସତ୍ୟ ମାତ୍ର ମୁଁ ତାହା ନ କରି ପିଲାମାନଙ୍କର ମାନଚିତ୍ରରେ ଶପଷ୍ଟ ଗତି ଏହା ବୁଝିବାକୁ ଯେତେବେ ସେପରି କରିଥାଏଁ ମୋତେ କି ପ୍ରାୟଶ୍ଚିତ୍ତ କରିବାକୁ ହେବ ? ଯେଉଁ ଟିକମାନଙ୍କର ମାନଚିତ୍ରସଙ୍ଗେ ବେଶି ପରିଚୟ ଥିବ ସେମାନେ କ ଯେ—କୌଣସିଅନ୍ତରୁ ସରଳରେଖା ଟାଣି ଦେଖିବାମଧ୍ୟ କାର୍ଯ୍ୟ କରିବାଅପେକ୍ଷା ସହଜମାର୍ଗ ଅବଲମ୍ବନ କରିବାରେ ତ୍ରୁଟି କରିଥିବେ ? ଯେବେକ ସେମାନେ ସେପରି କରିଥାନ୍ତି ତାହା ହେଲେ କ ସେମାନେ ନମ୍ବର

ପାଇବାର ଯୋଗ୍ୟ ହେବେ ନାହିଁ ? ଅଭ୍ ୩ୟ, ୪ର୍ଥ ଓ ପଞ୍ଚମ ପ୍ରଶ୍ନର କେତେକାଂଶ ଅପରୋ ସ୍କୁଲର ନବୀନତ ପାଠ୍ୟପୁସ୍ତକରେ ନାହିଁ ବୋଲି କହି ଯେ ଯେ ଦୁଃଖ ପ୍ରକାଶ କରଅଛନ୍ତି ତାହା ଭ୍ରାନ୍ତିମୂଳକ, ଯେହେତୁ ମୋହର ଖୁବ୍ ସ୍ମରଣ ହେଉଅଛି ଯେ ମୁଁ ସରଳଭୂଗୋଳରୁ ସେସବୁ ଅଂଶ ଉଦ୍ଧୃତ କରିଥିଲି ! କଥାଟି ଏହି ଯେ ଦୁଇଜଣଙ୍କର ସରଳଭୂଗୋଳ ଆଜକାଲି ସ୍କୁଲରେ ଚଳୁଅଛି, ଏକଖଣ୍ଡ ଦ୍ୱାରକାବାବୁଙ୍କର ଆଉଖଣ୍ଡେ ସୀତାନାଥ ବାବୁଙ୍କର, ଯେଉଁ ଶିକ୍ଷକମାନେ ନୂଆ ସରଳଭୂଗୋଳ ନ କିଣି ଦ୍ୱାରକାବାବୁଙ୍କର ପୁରୁଣା ସରଳଭୂଗୋଳ ପଢ଼ାଇଥିଲେ ସେହି ସେହି ଶିକ୍ଷକମାନଙ୍କର ପିଲାମାନଙ୍କୁ ସନ୍ଦେହ କରିବାକୁ ପଡ଼ିଲା ଯେହେତୁ ମୁଁ ଖଣ୍ଡେ ସରଳଭୂଗୋଳ ଖୋଜି ଖୋଜି ଏଠାରେ ତାହାଙ୍କଠାରୁ ନ ପାଇ ଛାପାଖାନା ଦୋକାନରୁ ନୂଆଖଣ୍ଡେ କିଣିଆଣି ପ୍ରଶ୍ନ ଦେଇଥିଲି ।

୨।୩।୮୮ } ବଶମ୍ବଦ
} ଶ୍ରୀ ବାମଦେବ ଜନ ।

ଏଣ୍ଟ୍ରାନ୍ସ ପାଠ୍ୟପୁସ୍ତକ ତାଲିକାରେ ଥିବା କୌଣସି ପୁସ୍ତକ ପଢ଼ାଇବା ଶିକ୍ଷକମାନଙ୍କର ଅଧିକାର ଅଛି । ସେଥିଁବିଷୟ ସବୁ ପୁସ୍ତକରେ ଅଛି ସେଥିରୁ ପ୍ରଶ୍ନ ଦେବା ପରୀକ୍ଷକଙ୍କ କାର୍ଯ୍ୟ ତାହା ନ ହେଲେ କୌଣସି ଏକ ଗ୍ରନ୍ଥକାରଙ୍କ ପକ୍ଷପାତର ଦୋଷ ଘଟିବାର ସମ୍ଭାବନା ।—ସମ୍ପାଦକ ।

———

ମହାଶୟ !

ଶ୍ରୀଯୁକ୍ତ ଭାଳଚେନ୍ଦ୍ରସ୍ୱଧର ହିନ୍ଦୁଧର୍ମସମ୍ପର୍କୀୟ ପୁସ୍ତକ ପ୍ରକାଶ ଓ ବିତରଣ କରି ଗୋଟିଏ ମହତ୍‌କାର୍ଯ୍ୟରେ ବ୍ରତୀ ହୋଇଥିବାରୁ ଉତ୍କଳବାସୀ ପ୍ରତ୍ୟେକ ଶିକ୍ଷିତ ହିନ୍ଦୁଙ୍କର ହୃଦୟ ଅଜ ତାଙ୍କପ୍ରତି କୃତଜ୍ଞତା ପ୍ରଦର୍ଶନ କରୁଅଛି—ପ୍ରତ୍ୟେକ ଲୋକ ଅଜ ତାଙ୍କର ପ୍ରଶଂସା ଗାନ କରୁଅଛି । ସଭ୍ୟତମ ଉନବିଂଶ ଶତାବ୍ଦୀରେ ଏଦେଶର ଦାନର ଗତି ଓ ପଦ୍ଧତି ଯେରୂପ ସଭ୍ୟତାଳିବ ହଉଅଛି ତାହା କଳ୍ପନାରେ ସହସ୍ରଗୁଣେ ପଶ୍ଚାତ୍ କରୁଅଛି । ଆଜ ଲକ୍ଷ ଲକ୍ଷ ଟଙ୍କା ଅଡ଼ାଳରେ ଲୋକମାନେ ଦାନ କରୁଅଛନ୍ତି କିନ୍ତୁ ଧର୍ମୋପାର୍ଜନ, ପୁଣ୍ୟସଞ୍ଚୟ ତହିଁର ଉଦ୍ଦେଶ୍ୟ ନୁହେ ! ପର୍ବକାଳ ସହିତ ସେସବୁ ଦାନର ସମ୍ପର୍କ ରହିବାକୁ ହୁଏ ନାହିଁ—ଇହକାଳରେ ତାହାର ଉଦ୍ଦେଶ୍ୟ ସଫଳ ହୋଇ ଥାଏ । ଭଦ୍ରସମାଜରେ, ରାଜଦ୍ୱାରରେ ବା ସମ୍ବାଦପତ୍ରସ୍ତମ୍ଭରେ ପ୍ରଶଂସା ପାଇବାଠାରୁ ଅଧିକ ଉଚ୍ଚତଥା

ଜଣ ?—ତାହାର ସ୍ୱର୍ଗପ୍ରାପ୍ତ ହେବାର ସୋପାନସ୍ୱରୂପ ହୋଇ ବିବେଚିତ ହୁଏ । ଓଡ଼ିଶାରେ ତାହାମାନଙ୍କ ସଂଖ୍ୟା ଅତ୍ୟନ୍ତ ଅଳ୍ପ ହେଲେ ସୁଦ୍ଧା ଅଧିକାଂଶ ଏହି ପ୍ରଣାଳୀର ପକ୍ଷପାତୀ କିନ୍ତୁ ଭାଳଚେନ୍ଦ୍ରସ୍ୱଧର କଦାପି ସେହି ଶ୍ରେଣୀଭୁକ୍ତ ନୁହନ୍ତି ଏବଂ ତାଙ୍କର ଉଦ୍ଦେଶ୍ୟ ସେପରି ଅସାର ନୁହେ । ତାଙ୍କର ଧର୍ମାନୁରାଗ ଏବଂ ମହତ୍ ଉଦ୍ଦେଶ୍ୟ ଶତଗୁଣେ ପ୍ରଶଂସନୀୟ ।

ଶୁଭକାର୍ଯ୍ୟରେ କୌଣସି ଲୋକ ହସ୍ତକ୍ଷେପ କଲେ ଅନେକଲୋକ ତାଙ୍କ ନିକଟରେ ନାନା ପ୍ରକାର ଅନୁନୟ କରନ୍ତି ତାଙ୍କଠାରୁ ଅନେକ ଶୁଭଫଳ ପାଇବାର ଆଶା ରଖନ୍ତି । ଭାଳଚେନ୍ଦ୍ର ମହାରାଜା ଉତ୍କଳ ମରୁଭୂମିରେ କପାଳ କଟ୍ଟଳବୃକ୍ଷ ସ୍ୱରୂପ ଶ୍ରୀଧୃଷ୍ଣପ୍ ପ୍ରଦାନ କରୁଥିବାରୁ ଅନେକ ଲୋକ ତାଙ୍କ ନିକଟରେ ଆହୁରି ସତ୍‌କାର୍ଯ୍ୟର ଆଶା କରୁଅଛନ୍ତି ଏବଂ କେହି କେହି ଆପଣା ଆପଣାର ଅଭିଳାଷ ବ୍ୟକ୍ତ କରୁଅଛନ୍ତି । ନିର୍ଦ୍ଦିନଲୋକ ସତ୍‌କାର୍ଯ୍ୟ କରିବାକୁ ଗଲେ ସେସବୁ ଅର୍ଥାଭାବରେ କଷ୍ଟଭୋଗ କରନ୍ତି କିନ୍ତୁ ମହାରାଜାଙ୍କ ପକ୍ଷରେ ସେପରି କଷ୍ଟର ଆଶଙ୍କା ନାହିଁ ସୁତରାଂ ସେ ସମାଜର ଅଭିଳାଷ ପୂରଣ କରିବାକୁ ଅସମର୍ଥ ନୁହନ୍ତି । ସମସ୍ତଙ୍କର ପ୍ରତ୍ୟୟ ଜନ୍ମିଅଛି ଯେ ମହାରାଜାଙ୍କଦ୍ୱାରା ଓଡ଼ିଶାରେ ଏହିପରି ଆହୁରି ଅନେକ କାର୍ଯ୍ୟ ସାଧିତ ହେବ । କେତେକ ସପ୍ତାହପୂର୍ବେ ଜଣେ ପାଠକ ପତ୍ରିକାରେ କେତେକଖଣ୍ଡି ପୁସ୍ତକର ନାମ ପ୍ରକାଶ କରି ମହାରାଜାଙ୍କୁ ସେହିସବୁ ପୁସ୍ତକ ମୁଦ୍ରିତ କରାଇ ବିତରଣ କରିବା ନିମନ୍ତେ ପ୍ରାର୍ଥନା କରିଥିଲେ । ପତ୍ରପ୍ରେରକଙ୍କ ପ୍ରାର୍ଥିତ ପୁସ୍ତକମାନ ଅସାର ବା ଅନାବଶ୍ୟକ ନୁହେ କିନ୍ତୁ ତଦପେକ୍ଷା ଅଧିକ ପ୍ରୟୋଜନୀୟ ଖଣ୍ଡିଏ ପୁସ୍ତକର ବଡ଼ ଅଭାବ ଦେଖା ଯାଉଅଛି । "ଆହ୍ନିକତତ୍ତ୍ୱ" ଖଣ୍ଡିଏ ପରମ ଉପାଦେୟ ଗ୍ରନ୍ଥ । ପ୍ରତ୍ୟେକ ହିନ୍ଦୁର ପ୍ରତ୍ୟହ କି କି ନିୟମ ପ୍ରତିପାଳନ କରିବା ଏବଂ କି କି କାର୍ଯ୍ୟ କରିବା ଉଚିତ ତାହା ଏହି ପୁସ୍ତକରେ ବିଶେଷରୂପେ ବର୍ଣ୍ଣିତ ହୋଇଅଛି । ଅତଏବ ଏହା ପ୍ରତ୍ୟେକ ସମସ୍ତଙ୍କର ଆବଶ୍ୟକ କିନ୍ତୁ ଆଜ ପାଠକମାନଙ୍କ ମଧ୍ୟରୁ ଅନେକେ ଏହାର ନାମମାତ୍ର ଶୁଣି ନ ଥିବେ । ଏହି ପୁସ୍ତକର ପ୍ରଚଳନ ନ ଥିବାରୁ ଅନେକ ହିନ୍ଦୁ ଆପଣାର ଦୈନିକ କର୍ତ୍ତବ୍ୟ କାର୍ଯ୍ୟ ଅବଗତ ନୁହନ୍ତି ଏବଂ କେହି କେହି ଆପଣା ଆପଣାର ବିଶ୍ୱାସ ଅନୁଯାୟୀ ଦୈନିକ-

Digitized by srujanika@gmail.com

ନିଯ୍ୟା ସମ୍ପନ୍ନ କରନ୍ତୁ । ଏହା ସମସ୍ତଙ୍କର ଇଚ୍ଛା ଏବଂ ଆବଶ୍ୟକ—ଏହା ପୁନରୁକ୍ତି କରିବା ନିଷ୍ପ୍ରୟୋଜନୀୟ । ଏତେକାଳ ପରେ ଏହି ପୁସ୍ତକଖଣ୍ଡିକ ବଙ୍ଗଭାଷାରେ ପ୍ରକାଶିତ ହୋଇଅଛି ଅତଏବ ମହାଶ୍ରୀ ଏହି ପୁସ୍ତକଖଣ୍ଡିକ ଓଡ଼ିଆ ଅକ୍ଷରରେ ମୁଦ୍ରିତ କରାଇ ଓ ବିତରଣ କଲେ ପ୍ରତ୍ୟେକ ହିନ୍ଦୁଙ୍କର ବିଶେଷ ଉପକାର ହେବ ।

କଟକ । ଶ୍ରୀ, ହନୁ,

To the Editor of the Utkal Dipika
Cuttack.

Sir,

I have great pleasure in acknowledging through your columns a generous contribution of Rs. 130 from Rai Baidyanath Pundit Bahadur towards the Gymnasium of the Ravenshaw College and School boys. It is intended with this money to open two Tennis Courts and Two Foot Ball Courts, besides repairing the existing cricket gear. There are already three cricket grounds and a pair of skittles. When all these different sports will be set agoing, about two hundred boys will be able to play at one and the same time.

The Rai Bahadur's liberality in throwing open these sports to school boys merits all praise and thankfulness.

Cuttack 2nd March, 1888. Yours faithfully,
Ram Das Chakrabarty.

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଜାନକୀନାଥ ମହାନ୍ତି ମୋକ୍ତାର କଟକ | | ବକାୟା | ଟ ୩ |
| „ ସଦାନନ୍ଦ ମହାନ୍ତି | ଦେଙ୍କାନାଳ | „ | ଟ ୬ |
| „ ନାରାୟଣଚନ୍ଦ୍ର ମିଶ୍ର | ବୁଢ଼ାଖାଲ | ଅଗ୍ରିମ | ଟ ୬ |
| „ ଲକ୍ଷ୍ମୀମଣି ମହାନ୍ତି | କଟକ | „ | ଟ ୩ |
| „ ବ୍ରଜକିଶୋର ଘୋଷ ଜମିଦାର ଅନ୍ତଗ୍ରୋ | „ | | ଟ ୩ |
| „ ଦେବେଶ୍ୱର ମହାନ୍ତି | କଟକ | „ | ଟ ୧୨ |
| ପୁରୀ କଲେକ୍ଟ ଅଫିସ୍ | | „ | ଟ ୩ |
| ମୁନ୍‌ସଫ ଜଜାରାମ ଅଲ୍ | | „ | ଟ ୩ |
| ବାବୁ ଜମାକରଣ ମିତ୍ର | କଟକ | „ | ଟ ୧ |
| „ ଲକ୍ଷ୍ମଣ ଦାସ | ଯୋରଦା | „ | ଟ ୧୨ |
| „ ଜଗନ୍ନାଥ ତ୍ରିପାଠୀ ଶିକ୍ଷକ ବାଣପୁର | „ | | ଟ ୧୨ |
| „ ଦୁର୍ଯୋଧନ ସିଂହ ଦେବ ରଞ୍ଜିତପୁର | „ | | ଟ ୬ |
| „ କମଳାପତି ମହାପାତ୍ର | କାକଟପୁର | „ | ଟ ୩ |
| „ ଦାମୋଦର ମହାନ୍ତି ମୋକ୍ତାର ଜଗତସିଂହପୁର | „ | | ଟ ୩ |
| „ ଅନନ୍ତ ମହାନ୍ତି | ବଡ଼ଗଡ଼ | | ଟ ୩ |
| „ ବଳୀ କଟକ ବାମଣ୍ଡା | | | ଟ ୭ |
| ବାବୁ କୃଷ୍ଣପ୍ରସାଦ ଦାସ | ଜଗତସିଂହ | „ | ଟ ୬ |
| ମିଃ ... ଅଭ ଅର ଡାକ୍ତର ଆକସ୍ତ୍ର | | | |
| ଷ୍ଟ୍ର, ସି ସନ୍‌ସ୍ | | | ଟ ୧ |
| ବାବୁ ସୁନ୍ଦର ଦାସ | ଦଶପଲା | | ଟ ୩ |
| „ ଗଞ୍ଜାମ ... ଦେଓଘର | „ | | ଟ ୩ |
| ହେଡ଼ମାଷ୍ଟର ଗୋଷ୍ଠ ଉର୍ଦ୍ଦୁ ସ୍କୁଲ ସ୍କୁଲ | „ | | ଟ ୩ |
| ଗୋବର୍ଦ୍ଧନ ବାବୁ ଦୌଡ଼ | | „ | ଟ ୩ |
| ହାଜି ଦାଦାମିଆଁ ଅବଦୁଲ ସଲମ | | „ | ଟ ୧୨ |
| ବାବୁ ଶିବଚନ୍ଦ୍ର ବ୍ରହ୍ମ | କଟକ | ଅଗ୍ରିମ | ଟ ୩ |
| „ ହରମୋହନ ରାୟ | | ବକାୟା | ଟ ୨ |
| ମୁନସି ଏଜଲମଶହି | | ଅଗ୍ରିମ | ଟ ୩ |
| ବାବୁ ରଘୁନାଥ ବୋଷ | | „ | ଟ ୩ |
| „ ଗଣେଶପ୍ରସାଦ ହିତ | „ | „ | ଟ ୩ |
| „ ଗୋପାଳଚନ୍ଦ୍ର ଦାସ | „ | „ | ଟ ୧୨ |
| „ ମଂଗୁଣି ଦାସ | „ | „ | ଟ ୧ |

## ବି ଜ୍ଞା ପ ନ ।

ନୂତନ ପୁସ୍ତକ ।

## କଳିକାଳ ନାଟକ ।

( ପ୍ରହସନ । )

କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଗୃହଅଣା । ମୋଫସଲକୁ ପଠାଇବା କାରଣ ଦୁଇପଇସାର ଡାକଟିକଟ ଲାଗିବ ।

## NOTICE.

TO BE LET OR SOLD

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to
Hadjee Dadamia Abdool Salam
Managing Agent for Hajee Jackaria
Mohomed &c.

ବିଜ୍ଞାପନ ।

ଯେଉଁ ହୋମହଳ ପକ୍କାକୋଠି କାଲେଜର ଓ ବଗିଚା ଓଗେରେ ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲ ପକ୍କାକୋଠି ଯାହାର ବାକେ ଘର ଭାଙ୍ଗିଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

ବିକ୍ରୀ ହେବ ।

୧ ଏକମହଲ ପକ୍କାକୋଠି ଓ ଯାହାର ବାକେଘର ଓଗେରେ ନଂ ୧୩ ମୂର ପଲଟଣ ଇଲକାମଧ୍ୟରେ ଅଛି । ଯାହାର କେସ୍ଥାୟୀ ପ୍ରତିମାସକୁ ଟ ୩୨ ଙ୍କା ଅସୁ ହେଉଅଛି ।

୧ ଦୋମହଲ ପକ୍କାକୋଠି ଓ ବାହେଇଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରିଣୀ ଓ ବଗିଚା ଓଗେରେ ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରନ୍ତେ
ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲାମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ଜାଳବେ ଶ୍ରୀ ହାଜି ଜକରିଆ
ମହମଦ କମ୍ପାନୀ ।

## NOTICE.

Is hereby given that a Sub-Overseer on a salary of Rs. 20 per month is wanted for the Pooree Municipality. Applications with copies of testimonials will be received by the undersigned up to the 15th Instant. None need apply who has not passed in Surveying and Levelling.

Pooree Municipal Office 3rd March 1888.
Ananda Chandra Mukerjee
*Vice-Chairman.*

## NOTICE.

Babu Kali Pada Banergy having liberally offered a Silver Medal to the best essay in Urdu "on the present condition of the Mahamedans and how to improve it" all the regular and Ex-Officio members of the JALSAI FAIZIAM CUTTACK and those who will be enlisted as such upto the 30th April 1888 are invited to compete.

The essay should be sent in sealed covers to the address of the undersigned up to the 15th May, 1888.

CUTTACK, JALSAI FAIZIAM 7th March, 1888.
J. S. Rout.
Sulabat Cuttack.

ଜାହେର ।

କେହି କେହି ହେଉଛନ୍ତି ଜେଲକୁ ସୁଧିଲେ ଦସ୍ତା ଖରଚ କରନ୍ତୁ ନିମନ୍ତେ ସୁଧିଲେ ଦେଇ ପାରନ୍ତି ।

ଗୋ ... ବଙ୍ଗଳା ସ୍କୁଲ ଅଟଳଠାରେ ଅଛି ।

ଏହି ପତ୍ରିକା କଟକ ପ୍ରିଣ୍ଟିଙ୍ଗ୍‌କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Split by PDF Splitter

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଖ | ସଂ ୧୧ ସଂଖ୍ୟା

ତା ୧୭ ଋଷ ମାହେ ମାର୍ଚ୍ଚ ସନ ୧୮୮୮ ଇଂରାଜୀ । ସ । ଚୈତ୍ର ୫ ୭ ୬ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲

ଏ ନଗରରେ ଉତ୍କଳର ଶିକ୍ଷିତଯୁବା ଅର୍ଥାତ୍ ଯେଉଁମାନେ ବିଶ୍ୱବିଦ୍ୟାଳୟର ବୃତ୍ତି ଓ ନିମ୍ନପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ସେମାନଙ୍କର ଗୋଟିଏ ସଭା ହୋଇଅଛି । ଗତଇମାସ ତା ୩ ରଖରେ ଏସଭାର ପ୍ରଥମ ଅଧିବେଶନ ହୋଇଥିଲା ଏବଂ ତହିଁର ବିବରଣ ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀପତ୍ରରୁ ପାଠକମାନେ ଅବଗତ ହେବେ । ଶିକ୍ଷିତ ଲୋକଙ୍କଠାରେ ଦେଶର ସମସ୍ତ ଆଶା ଭରସା ଏମାନଙ୍କୁ ଯେବେ ଉଦ୍ୟମଶୀଳ ଓ ପରିଶ୍ରମୀ ଦେଖିବୁଁ ତେବେ ଆନନ୍ଦର ବିଷୟ ।

ଗତମାସରେ ଡେପୁଟୀକଲେକ୍ଟରୀ ପଦାକାଂକ୍ଷୀମାନଙ୍କର ଯେ ପରୀକ୍ଷା ହୋଇଥିଲା ତହିଁରେ ଜ ୧୪ ଣ ଉପସ୍ଥିତ ହୋଇଥିଲେ । ଏଥି ମଧ୍ୟରୁ ଯେଉଁମାନେ ଉତ୍ତୀର୍ଣ୍ଣ ହେବେ ସେମାନଙ୍କ କ୍ରମଅନୁସାରେ ପ୍ରଥମାଦ ଜ ୬ ଣ କାର୍ଯ୍ୟ ପାଇବେ ଅବଶିଷ୍ଟ ଜ ୮ ଣ ସେବେ ଭଲ ପରୀକ୍ଷା ଦେଲେସୁଦ୍ଧା କାର୍ଯ୍ୟ ପାଇବେ ନାହିଁ । ଏ ନଗରର ବାବୁ ବୈକୁଣ୍ଠନାଥ ଦତ୍ତ ପରୀକ୍ଷା ଦେଇ ଫେରି ଆସିଅଛନ୍ତି । ଯେବେ ଭାଗ୍ୟବାନ୍ ଜ ୬ ଣଙ୍କ ମଧ୍ୟରେ ଏହାଙ୍କ ନାମ ପଡ଼ିବ ତେବେ ଅମ୍ଭେମାନେ କେତେ ଆନନ୍ଦିତହେବୁଁ କହି ନ ପାରୁଁ ।

ତିବ୍ବତସହିତ ଇଂରାଜଙ୍କର ଯୁଦ୍ଧ ଘଟିବାର ଉପକ୍ରମ ହୋଇଅଛି ଏବଂ ଇଂରାଜଙ୍କପକ୍ଷରୁ ସେନାବାହିନୀ ସମସ୍ତ ପ୍ରସ୍ତୁତ ଅଛନ୍ତି । ତିବ୍ବତୀୟ ସେନାଙ୍କୁ ସିକିମରୁ ବାହାର କରିଦେବା କାରଣ ସିକିମରାଜାଙ୍କ ନିକଟକୁ ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟ ପତ୍ର ଲେଖିଥିଲେ ଏବଂ ଗତ ତା ୧୫ ରିଖ ପର୍ଯ୍ୟନ୍ତ ମିଆଦ ଦେଇଥିଲେ । ଯେବେ ଏଥିମଧ୍ୟରେ ସିକିମରାଜା ସନ୍ଧି ସହିତ କାର୍ଯ୍ୟ କରିଥିବେ ତେବେ ସବୁକଥା ସୁଖରେ ନିଷ୍ପତ୍ତି ହୋଇଥିବ ନୋହିଲେ ଇଂରାଜସେନା ସେ ରାଜାଙ୍କ ଉପରେ ଚଢ଼ାଉ କରିବାର ସମ୍ବାଦ ଦୂତ ଏକ ଦଳରେ ଏଠାରେ ଆସି ପହୁଞ୍ଚିବ ।

ଏ ନଗରରେ ଗତ କେତେବର୍ଷ ହେଲା ସନ୍ନ୍ୟାସୀ ସଭାବସିବା ଏବଂ କ୍ରମାଗତ ସଭ୍ୟସଂଖ୍ୟା ବୃଦ୍ଧି ହେବାର ଦେଖି ଅମ୍ଭେମାନେ ବିବେଚନା କରୁଅଛୁଁ କି ଏଠାରେ ଗୋଟିଏ ସଭାଗୃହ ବା ଟାଉନହଲ ନ ହେଲେ ଏଣିକି ଆଉ ଚଳିବ ନାହିଁ । ଏତେକାଳ ସଭାଗୃହର ଅଭାବ କଟକ-ପ୍ରିଣ୍ଟିଂକମ୍ପାନୀଙ୍କ ବଦାନ୍ୟତା ହେତୁ ଜଣାପଡ଼ି ନ ଥିଲା କିନ୍ତୁ ଏଣିକି ଯେପରି ସଭାର ଆଦର ବଢ଼ୁଅଛି ଏବଂ ବହୁସଂଖ୍ୟକ ଲୋକ ଯୋଗ ଦେଉଅଛନ୍ତି ତହିଁରେ ଉକ୍ତଘରରେ ଆଉ ସ୍ଥାନ ହେଉ ନାହିଁ । ଏଥିପାଇଁ ହାଇସ୍କୁଲର ସାହାଯ୍ୟ ଲୋଡ଼ା ହେଉଅଛି । ଅମ୍ଭେମାନେ ଏହାନ୍ତ ଆଶା କରୁଁ କି ନଗରବାସୀ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏ ବିଷୟର ସୁବିଧାର କରିବେ ।

ରାଜା ଶ୍ୟାମାନନ୍ଦଦେବଙ୍କ ଦୋଲଯାତ୍ରା ମଜଲିସ ଅନ୍ୟାନ୍ୟବର୍ଷ ପରି ତାହାଙ୍କ ବୈଠକଖାନାରେ ନ ହୋଇ ନୂତନ ପ୍ରତିଷ୍ଠିତ ଦେବାଳୟରେ ହୋଇଥିଲା ଓ ସେଠାକୁ ମୁସଲମାନମାନଙ୍କୁ ଯିବାକୁ ନ ଦେବାରୁ କେତେ ମୁସଲମାନ ଗତ ବାହୁଡ଼ାରେ ବିରକ୍ତ ହୋଇଯାଇଅଛନ୍ତି । ହିନ୍ଦୁ ମଜଲିସରେ ଯେଉଁ ଦୁଇଜଣ ବେଶ୍ୟା ନାଚୁ ଥିଲେ ସେମାନେ ପ୍ରକାଶ୍ୟରୂପେ ମୁସଲମାନଙ୍କ ସଂସର୍ଗ କରୁଥିବା ପ୍ରତ୍ୟକ୍ଷ ଯେବେ ସେମାନେ ମନ୍ଦିରକୁ ଯାଇ ପାରିଲେ ତେବେ ମୁସଲମାନଙ୍କର ଦୋଷ କଣ ? ପ୍ରଶ୍ନଟି ଅବଶ୍ୟ ଯୁକ୍ତିସଙ୍ଗତ ଅଟଇ ସନ୍ଦେହ ନାହିଁ । ବାସ୍ତବରେ ଏପ୍ରଦେଶର ବେଶ୍ୟାମାନେ ଦେବାଳୟରେ ପ୍ରବେଶ କରିବାର ଯୋଗ୍ୟ ନୁହନ୍ତି ଏବଂ ଏହି ହେତୁ ଏଠା ଗୋପାଳଜିଉଙ୍କ ମନ୍ଦିର ଏବଂ ଅନ୍ୟାନ୍ୟ ଦେବାଳୟମଧ୍ୟରେ ବେଶ୍ୟାନାଚ ହୁଅଇ ନାହିଁ । ସବୁ ଦେବାଳୟରେ ଏହି ନିୟମ ଦୃଢ଼ରୂପେ ପ୍ରତିପାଳିତ ହେଲେ ଭଲ ହେବ ।

ଜର୍ମାନୀର ସମ୍ରାଟ ପ୍ରଥମ ୱିଲିୟମ ଅତି-ବୃଦ୍ଧବୟସରେ ସାମାନ୍ୟପୀଡ଼ାରେ ଗତମାସ ତା ୯ ରିଖ ସକାଳେ ସ୍ୱର୍ଗାରୋହଣ କରିବାର ଶୋକସମ୍ବାଦ ଅମ୍ଭେମାନେ ଦୁଃଖସହିତ ପ୍ରକାଶ କରୁଅଛୁଁ । ଏରାଜା ସ୍ନ ୧୭୯୭ ସାଲ ମାର୍ଚ୍ଚମାସରେ ଜନ୍ମ ଏବଂ ସ୍ନ ୧୮୬୧ ସାଲରେ

Digitized by srujanika@gmail.com

Split by PDF Splitter



ସିଂହାସନାରୂଢ଼ ହୋଇଥିଲେ ସୁତରାଂ ବ ୧୧ ଶ ବୟସରେ ସେ ୨୭ ଶ ଗତକଲ୍ ସୋମବାର ଇହଲୀଳା ଶେଷକଲେ । ଏମନ୍ତ ଦୀର୍ଘାୟୁ ଅଳ୍ପ ଲୋକଙ୍କ ଭାଗ୍ୟରେ ଘଟଇ । ଏ ରଜା ବଡ଼ ପ୍ରତାପୀ ଥିଲେ ଏବ ଏହାଙ୍କ ପ୍ରଧାନମନ୍ତ୍ରୀ ବିସମାର୍କ ବର୍ତ୍ତମାନ କାଳରେ ସଂସାରରେ ଅଗ୍ରଗଣ୍ୟ ଅଟନ୍ତି । ମୃତ୍ୟୁ ପୂର୍ବଦିବସରେ ଏରେ ଅଚେତନ ହୋଇଥିଲେ କିନ୍ତୁ ଅଳ୍ପକ୍ଷଣ ଉତ୍ତାରୁ ଚେତନା ହେଲା ଏବ ପ୍ରାୟ ସମସ୍ତରାତ୍ର ଯୁବରାଜ ଏବ ମନ୍ତ୍ରୀ ସେନାପତି ପ୍ରଭୃତିଙ୍କ ସହିତ କଥା ବାର୍ତ୍ତା କରି ସର୍ବଶେଷରେ ଦେହ ତ୍ୟାଗକଲେ । ଯୁବରାଜଙ୍କୁ ଅନ୍ୟକଥା ମଧ୍ୟରେ ରୁଷର ସମ୍ରାଟଙ୍କ ସହିତ ସର୍ବଦା ବନ୍ଧୁଭାବ ରକ୍ଷିବାକାରଣ ଉପଦେଶ କରି କହିଗଲେ । ଯୁବରାଜ ତୃତୀୟ ଫ୍ରେଡରିକ ନାମ ଧାରଣପୂର୍ବକ ସିଂହାସନାରୂଢ଼ ହୋଇ ଅଛନ୍ତି ଏବ ଯଦ୍ୟପି ସେ ଏହାଙ୍କର ଶ୍ୱାସଯନ୍ତ୍ରପୀଡ଼ା ହୋଇଅଛି ମାତ୍ର ଆରୋଗ୍ୟ ଲାଭକରିବାର ଆଶା ଟେଲେଗ୍ରାଫରୁ ହୋଇଅଛି । ଏହାଙ୍କ ବୟସ ପ୍ରାୟ ୫୦ ଶ ହେବ ।

———

ପୁରୀର ମୁଳକଲେକ୍ଟର ଯୋନ୍ସସାହେବଙ୍କ ହତ୍ୟା ବିଷୟରେ ଟେଲରସାହେବ ଡେପୁଟୀ କଲେକ୍ଟର ସାଣ୍ଡେଲସାହେବ ଡାକ୍ତର ଓ ପୁଲିସ ସୁପ୍ରିଣ୍ଟ ପ୍ରଭୃତିଙ୍କ ସାକ୍ଷ୍ୟ ଓ ଏ ତଦନ୍ତପତ୍ରର ପ୍ରତିଲିପି ଗବର୍ଣ୍ଣମେଣ୍ଟ କେତେକ ସମ୍ବାଦପତ୍ରମାନଙ୍କ ନିକଟକୁ ପଠାଇ ଦେଇଅଛନ୍ତି । ତହିଁରୁ ସ୍ପଷ୍ଟ ଜଣା ଯାଉଅଛି ଯେ ସାହେବ କ୍ଷଣିକ ବାତୁଳତା ପ୍ରଭାବରେ ସ୍ୱହସ୍ତରେ ଗଳା କାଟିବାଦ୍ୱାରା ଆତ୍ମହତ୍ୟା କରିଅଛନ୍ତି । ଅତଏବ କେହି ତାହାଙ୍କୁ ମାରିପକାଇ ଅଛି ବୋଲି ଯାହା ସନ୍ଦେହ ହେଉଥିଲା ତାହା ଅମୂଳକ ହୋଇଅଛି । ସାହେବ ସେପରି ଉଦ୍ୟମ ଲୋକ ଥିଲେ ଓ ଅନ୍ୟାନ୍ୟ ସ୍ଥଳରେ ଉଚ୍ଚ ଯେମନ୍ତ ସମସ୍ତଙ୍କର ପ୍ରୀତି ହୋଇଥିଲେ ତହିଁରେ ତାହାଙ୍କୁ କେହି ବଧ କରିବାର କୌଣସି କାରଣ ଦେଖାଯାଉ ନାହିଁ । ଯଦ୍ୟପି ସେ ଘଟନାର ଦୁଇଦିନ ମୋଫସଲ ଯିବେ ବୋଲି ପୂର୍ବରୁ ହୁକୁମ ଦେଇଥିବାରୁ ଅନୁମାନ ହୋଇ ଥିଲେକ ଆତ୍ମହତ୍ୟା କରିବା କଥା ତାହାଙ୍କ ମନରେ ଉଦୟ ହୋଇ ନ ଥିବ ମାତ୍ର ଅନେକ କର୍ଣ୍ଣେଲ ସାହେବ ଅପଣାର ପ୍ରାତ୍ୟାହିକକାର୍ଯ୍ୟ ଲେଖି ଯାଉଥିବା ପ୍ରାୟସେ ମୁଦ୍ରିତ ଅଠ ଦଶ ବର୍ଷପୂର୍ବରୁ ତାହା ଗତ ହେଉଥିଲା ଏବ ନିଳକଣ୍ଠରୁ କେତେକ ସାମଗ୍ରୀ ଅଣାଇବା ନିମନ୍ତେ ଯେଉଁ ଫରମାସ ପଠାଇଥିଲେ ମୃତ୍ୟୁର ପୂର୍ବଦିନ ଡାକଯୋଗେ ସେ ଫରମାସକୁ ରଦ କରିଥିଲେ । ଏପର ଟେଲରସାହେବ ଅନୁସନ୍ଧାନରେ ତାହାଙ୍କ ଔଷଧବାକ୍ସରୁ ଗୋଟାଏ ଅଫିମଅର୍କର ବଡ଼ଶିଶି ପାଇଥିଲେ ଏବ ଶିଶିଟି ନିକଟରେ ଖାଲି ହୋଇଥିବାର ଜଣାଗଲା । ଏ ସମସ୍ତ ଘଟନାରୁ ଆତ୍ମହତ୍ୟାର ଅନୁମାନଟି ଅଧିକ ପରିମାଣରେ ସିଦ୍ଧ ହେଉଅଛି । କଥିତ ଅଛି ସାହେବଙ୍କ ଆର୍ଥିକଅବସ୍ଥା ଭଲ ନ ଥିଲା ଏବ ସେ ଋଣାଦି ଠିକଲେକ ଥିବାରୁ ତାହାଙ୍କ ମନ ଅସୁ ଥର ନ ଥିବ ।

———

ଚଳିତମାସ ତା ୬ ଦିବସରେ । ପ୍ର । କେଣାହାର । ମୌ । ବାଲକୁଦା ସ୍କୁଲ ଘରରେ ଗୋରକ୍ଷିଣୀ ସଭା ହୋଇଥିଲା । ପ୍ରାୟ ଆଠଶତ ଲୋକ ଏଠାରେ ଉପସ୍ଥିତ ହୋଇଥିଲେ । ବଷ୍ୟାତ ଜମିଦାର ଚୌଧୁରୀ ପରୀକ୍ଷିତ ଦାସ ସଭାପତି ହୋଇ କାର୍ଯ୍ୟନିର୍ବାହ କରିଥିଲେ ଏବ ପଣ୍ଡିତ ଶ୍ରୀ ନାରଦଭରଥ, ଓଭରସିଅର ବାବୁ ରାମଚନ୍ଦ୍ର ସିଂହ, ହେଡ଼ମାଷ୍ଟର ବାବୁ ଗୋପାଳଦାସ ସେନ ଗୋରକ୍ଷାର ଅବଶ୍ୟକତା ଗୋଖାଦକଙ୍କୁ ଗୋରୁ ବିକ୍ରୟ କରିବାର ଅନିଷ୍ଟକାରିତା ଓ ତହିଁର ପ୍ରାୟଶ୍ଚିତ୍ତ ଇତ୍ୟାଦି ବିଷୟରେ ବକ୍ତୃତାମାନ କରିଥିଲେ । ପୂର୍ବରୁ ଅବାଦ ହୋଇଥିବା ଗୋଦଣ୍ଡା ଓ ଗୋଚର ଭୂମିସବୁ ପୂର୍ବାବସ୍ଥାକୁ ଫେରାଇ ଆଣିବା ବିଷୟରେ ଜମିଦାର ଏବ ପ୍ରଜାଙ୍କମଧ୍ୟରେ ପ୍ରାୟ ଘ ୩ ଘଣ୍ଟା ତର୍କବିତର୍କ ଲାଗିବାଉତ୍ତାରୁ ସମସ୍ତଙ୍କ ସମ୍ମତିରେ ଧାର୍ଯ୍ୟ ହେଲା ଯେ (୧) ଗୋଖାଦକଙ୍କୁ କୌଣସି ବ୍ୟକ୍ତି ଗୋରୁ ବିକ୍ରୟ କଲେ ଶାସ୍ତ୍ରାନୁସାରେ ପ୍ରାୟଶ୍ଚିତ୍ତ କରିବାକୁ ବାଧ୍ୟ ହେବେ (୨) ଗୋଦଣ୍ଡା ଓ ଗୋଧଉସ ସବୁ ଗୋରକ୍ଷାର୍ଥ ବ୍ୟବହୃତ ହେବ (୩) ଏ ବିଷୟମାନ କାର୍ଯ୍ୟରେ ପରିଣତ ହେଲା କି ନା ଏହା ଦେଖିବାନିମିତ୍ତ ମାସକୁ ୧ରେ ସଭା ବସିବ । (୪) କୌଣସି ବ୍ୟକ୍ତି ଏହି ନିୟମମାନ ଭଙ୍ଗ କଲେ ସଭାପତିଙ୍କି ସର୍ବପ୍ରଥମେ ଜଣାଇବାକୁ ହେବ ।

ଉପରଲିଖିତ ସମ୍ବାଦଟି ଜଣେ ପତ୍ରପ୍ରେରକ ଅମ୍ଭମାନଙ୍କ ନିକଟକୁ ଲେଖି ଅପଣା ପତ୍ରଟି ଏହିରୂପେ ଶେଷ କରିଅଛନ୍ତି ଯେ "ସଭାର କାର୍ଯ୍ୟ ହୋଇଗଲା ମାତ୍ର ପ୍ରସ୍ତାବଗୁଡ଼ିକ କାର୍ଯ୍ୟରେ ପରିଣତ ହେଲେ ସଭାପତି ବାବୁ ପରୀକ୍ଷିତ ଦାସ ମହାଶୟ ଜଣେ ଦେଶହିତୈଷୀ ବୋଲି ସର୍ବ ସାଧାରଣଙ୍କର ପ୍ରିୟପାତ୍ର ହେବେ । ଉକ୍ତପ୍ରସ୍ତାବନା ବଳବତୀ ହେବାରୁ ଅମ୍ଭେମାନେ ଅର୍ଯ୍ୟଋଷିଙ୍କ ନିୟମମାନ ବିସ୍ମରଣପୂର୍ବକ ଅପଣାର ଅନିଷ୍ଟ ଆପେ କରୁଅଛୁଁ ଏହା ଯେବେ ସମସ୍ତଙ୍କର ହୃଦୟଙ୍ଗମ ହେବ ତେବେ ଗୋଦଣ୍ଡା ଗୋଧଉସପ୍ରଭୃତି ଗୋରକ୍ଷାନିମିତ୍ତ ବ୍ୟବହାର କରିବାର କର୍ତ୍ତବ୍ୟ କାର୍ଯ୍ୟ ବୋଲି ସହଜରେ ପ୍ରତୀୟମାନ ହେବ ।" ଯଥାର୍ଥ କଥା ।

———

ଅମ୍ଭେମାନେ ଶ୍ରୀ ବାବୁ ମଧୁସୂଦନଦାସଙ୍କଠାରୁ ପାଇଥିବା ଉଲ୍ଲିଖିତ ପତ୍ର ଅନବଧାନତା ପ୍ରକାଶ କରିବା ସଙ୍ଗେ ୨ ବାବୁ ମହାଶୟ ଅମ୍ଭମାନଙ୍କ ଭ୍ରମ ଦେଖାଇ ଦେଇଥିବାରୁ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । କିନ୍ତୁ ଯେ ସ୍ଥଳେ ସ୍ୱୟଂ କହୁଅଛନ୍ତି ସେ ସ୍ୱଦେଶୀୟଙ୍କ ପକ୍ଷରୁ କହୁ ନ ଥିଲେ ସେ ସ୍ଥଳେ ସେ ବିଷୟରେ ଆଉ ସନ୍ଦେହ ନାହିଁ ସୁତରାଂ ଉତ୍କଳଦୀପିକାରେ ଅମ୍ଭେମାନେ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲୁଁ ତାହା ବାତୁଡ଼ାଇ ନେଲୁଁ । ମାତ୍ର ଏ ଭ୍ରମଟି ଏକା ଅମ୍ଭମାନଙ୍କର ନୁହଇ ଷ୍ଟାରନ ଓ କଲିକତାର ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ଏ ବିଷୟର ତାରସଂବାଦରେ ଠିକ୍ ଏହି ଭ୍ରମଟି ଘଟିଅଛି । ଉକ୍ତ ଲୋକଙ୍କ ପ୍ରକାଶିତ ବିବରଣରେ ଏକ ପ୍ରକାର ଭୁଲ ରହିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

"ମହାଶୟ ଚଳିତ ମାସ ତା ୫ ଦିବସ ଶ୍ରୀମନ୍ତ ଓ ଶ୍ରୀଯୁକ୍ତ ମେଟ୍କାଫଙ୍କ ବିଦାୟ ହେବା ଉପଲକ୍ଷରେ ଅମ୍ଭ ଘରଠାରେ ହୋଇଥିବା ମଜଲିସରେ ଅମ୍ଭେ ସାହେବ ମହୋଦୟଙ୍କ ସମ୍ବନ୍ଧେ ଯେଉଁ ବକ୍ତୃତା କରିଥିଲୁଁ ତହିଁର ସାରମର୍ମ ଆପଣ ଗତସପ୍ତାହଦୀପିକାରେ ପ୍ରକାଶ କରିଅଛନ୍ତି କିନ୍ତୁ ତହିଁରେ ଆପଣ ଭ୍ରମକ୍ରମେ କେତେ ଗୋଟି କଥା ଉଲ୍ଲେଖ କରିଥିବାରୁ ତାହା ସଂଶୋଧନ କରିବାର ବାଞ୍ଛନୀୟ । ପ୍ରଥମତଃ, ଅମ୍ଭେ ମେଂବର ଯାହା କହିଥିଲୁଁ ତାହା ସ୍ୱଦେଶୀୟଙ୍କ ପକ୍ଷରୁ ନୁହେ । କିନ୍ତୁ ଉକ୍ତ ମଜଲିସରେ ଉପସ୍ଥିତ ଅମ୍ଭର କେତେକ ବନ୍ଧୁମାନଙ୍କ ଅନୁରୋଧରେ ଅମ୍ଭେ ମେଷ୍ଟର ଓ ମିସେସ ମେଟ୍କାଫଙ୍କ ସମ୍ବନ୍ଧେ କେତେକ କଥା କହିଥିଲୁଁ ଓ ତାହା ଉକ୍ତ ବନ୍ଧୁମାନଙ୍କ ପକ୍ଷରୁ କହୁଥିବା ବିଷୟ ଅମ୍ଭେ ବକ୍ତୃତା-

Digitized by srujanika@gmail.com

ଅଦ୍ୟରେ ପ୍ରକାଶ କରିଥିଲୁଁ । ଦ୍ଵିତୀୟତଃ ବାସ୍ତବିକ ଇଂରାଜମାନଙ୍କମଧ୍ୟରେ ଆମ୍ଭର ଏପରି ଅନେକ ବନ୍ଧୁ ଅଛନ୍ତି ଯେ ଯାହାଙ୍କୁ ଆମ୍ଭେ ପିତା ମାତାପରି ସ୍ନେହ କରୁଁ । କିନ୍ତୁ ଏ କଥା ଆମ୍ଭେ କହିବାରେ ପ୍ରକାଶ କରୁନାହୁଁ । ଆମ୍ଭେ ଏଡିକି ମାତ୍ର କହିଥିଲୁଁ କି ଯେଉଁ ଇଂରାଜମାନେ ଆମ୍ଭର ଦେଶପ୍ରତି ଅନୁରାଗ ପ୍ରକାଶ କରନ୍ତି ଆମ୍ଭେ ସେମାନଙ୍କୁ ପିତା ମାତାପରି ସ୍ନେହ ଓ ଆଦର କରୁଁ । ମହାଶୟର ପରବର୍ତ୍ତୀ ଆମ୍ଭର କହିବାର ସାରମର୍ମ ଲେଖି ସେ ସମୟରେ ଉପସ୍ଥିତ ଆମ୍ଭର କେତେକ ବନ୍ଧୁମାନଙ୍କଦ୍ଵାରା ତାହା ସଂଶୋଧନ କରାଇ ରଖିଅଛୁଁ ତହିଁରେ ଏହିପରି କଥ ପ୍ରକାଶ ଅଛି । ଆମ୍ଭର ପ୍ରାର୍ଥନା ଯେ ଆମ୍ଭର ଏହି ପତ୍ର ପ୍ରକାଶ କରିବାଦ୍ଵାରା ଆପଣଙ୍କର ଭୁଲ ସଂଶୋଧନ କରିବା ହେବେ ।"

---

ପବ୍ଲିକ ସର୍ଭିସ କମିଶନ ।

ସରକାରୀ-ଚାକିରିବିଷୟକ ଯେଉଁ ଅନୁସନ୍ଧାନସମିତି ବସିଥିଲା ତହିଁର ରିପୋର୍ଟ ପ୍ରକାଶିତ ହୋଇଅଛି ଏବଂ ସେଥିର ସାରାଂଶ ଯାହା ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୋଇଅଛି ସେଥିରୁ ଜଣାଯାଏ ଯେ ଉକ୍ତ ରିପୋର୍ଟ ଆମ୍ଭମାନଙ୍କ ପ୍ରତି ଅନୁକୂଳ ଅଟଇ । ସମିତି ଗବର୍ଣ୍ଣମେଣ୍ଟଙ୍କୁ ଯେ ସମସ୍ତ ପରାମର୍ଶ ଦେଇଅଛନ୍ତି ସେଥିରେ ସମସ୍ତ ସଭ୍ୟଙ୍କର ସମ୍ମତି ଅଛି ଅତଏବ ସେ ପରାମର୍ଶମାନ ବିଶେଷ ମାନବର ଅଟଇ । ସିଭିଲସର୍ଭିସ ପରୀକ୍ଷାରେ ଏ ଦେଶୀୟଲୋକ ଉତ୍ତୀର୍ଣ୍ଣ ହୋଇ ପାରୁନାହାନ୍ତି ଏହି ଅଭିପ୍ରାୟରେ ବୟସର ନିୟମ ଊଣା କରି ଦିଆ ଯାଇଥିବାରୁ ସେହି ସୀମା ବଢ଼ାଇ ଦେବା କାରଣ ଅନେକ ଦେଶୀୟମାନେ ନେଟିଭବର୍ଗ ହେଲ ଗବର୍ଣ୍ଣମେଣ୍ଟଙ୍କୁ ପୁନଃ ଅନୁରୋଧ କରିଆସୁଅଛନ୍ତି । ସମିତି ଏହି ଅନୁରୋଧକୁ ଯୁକ୍ତିସଙ୍ଗତ ଜ୍ଞାନ କରି ପ୍ରସ୍ତାବ କରିଅଛନ୍ତି କି ଏ ଦେଶୀୟଙ୍କପକ୍ଷରେ ପରୀକ୍ଷାର୍ଥିଙ୍କ ବୟସର ନ୍ୟୂନସୀମା କ ୧୯ ବର୍ଷ ଓ ଊର୍ଦ୍ଧ୍ୱସୀମା କ ୨୩ ବର୍ଷ ହେବ ଏହି ଗୋଟିଏ ପରାମର୍ଶ ଯେବେ ଗବର୍ଣ୍ଣମେଣ୍ଟ ଶୁଣନ୍ତି (ଅନ୍ତ ଏବେ ବେଳଠାରୁ ଯେବେ ଶୁଣା ନ ଯିବେ ତେବେ ଅଉ କାହାକୁ କହିବା) ତାହା ହେଲେ ଗୋଟିଏ ଭାରି ଅଭାବର ଉପରି ହେବ ସନ୍ଦେହ ନାହିଁ । ସମିତିଙ୍କ ଅନ୍ୟାନ୍ୟ ପ୍ରସ୍ତାବମାନ ଏହିପ୍ରକାର । ସିଭିଲ-ସର୍ଭିସ ପରୀକ୍ଷା କେବଳ ବିଲାତରେ ଗୃହୀତ ହେବ ଏ ଦେଶରେ ହେବ ନାହିଁ । ସିଭିଲ—ସର୍ଭିସନାମଟି ଉଠିଯାଇ ତହିଁ ପରିବର୍ତ୍ତେ ଇମ୍ପିରିଆଲ-ସର୍ଭିସ ନାମ ରଖାଯିବ । ଯେଉଁମାନେ ଏଥିରେ ଭରତି ହେବେ ସେମାନେ ଉଚ୍ଚ କର୍ମମାନ ପାଇବେ ମାତ୍ର ଏକାପ୍ରକାର କାର୍ଯ୍ୟରେ କେତେଜଣ ଦେଶୀୟ ଏବଂ କେତେଜଣ ଇଉରୋପୀୟ ରହିପାରିବେ ସମିତି ତାହା ନିର୍ଣ୍ଣୟ କରି ଦେଇଅଛନ୍ତି । ଦେଶୀୟଲୋକଙ୍କୁ ସିଭିଲ ସର୍ଭିସରେ ଭରତି କରିବା ଉଦ୍ଦେଶରେ ଷ୍ଟାଟୁଟରି ଅର୍ଥାତ୍ ଦେଶୀୟ ସିଭିଲକର୍ମଶ୍ରେଣୀ ବୋଲି ଯେଉଁ ନୂତନ ଶ୍ରେଣୀ କେତେକବର୍ଷ ହେଲା ସୃଷ୍ଟି ହୋଇଥିଲା ତାହା ଉଠାଇ ଦିଆଯିବ । ବର୍ତ୍ତମାନ ଅଚୁକ୍ତିତ କର୍ମଶ୍ରେଣୀ ବୋଲି ଯେଉଁ ନାମଟି ଅଛି ତାହା ଉଠିଯାଇ ତହିଁ ପରିବର୍ତ୍ତେ ପ୍ରଭିନସିଏଲ ଅର୍ଥାତ୍ ପ୍ରଦେଶୀୟ ଶ୍ରେଣୀ ବୋଲି ଏକଶ୍ରେଣୀର ଶ୍ରେଣୀ ସ୍ଥାପିତ ହେବ ଏବଂ ତହିଁତଳେ ସବଅର୍ଡିନେଟ ଅର୍ଥାତ୍ ନିମ୍ନଶ୍ରେଣୀ ବୋଲି ଆଉ ଗୋଟିଏ ଶ୍ରେଣୀ ହେବ । ଏହି ଶ୍ରେଣୀର ଅନ୍ତର୍ଗତ କର୍ମଚାରୀମାନେ ଆପଣା ପ୍ରଦେଶରେ କର୍ମ କରିବେ । ନିମ୍ନଶ୍ରେଣୀରେ ପ୍ରତିଯୋଗିତାଦ୍ଵାରା ଲୋକ ନିଯୁକ୍ତ ହେବେ ଏବଂ ଯୋଗ୍ୟତାନୁସାରେ ଉପରସ୍ଥ ଶ୍ରେଣୀକୁ ଉଠିବେ । ଯେ ସବୁ ମହକୁମାରେ ଦେଶୀୟଲୋକଙ୍କୁ ଅଦ୍ୟୌ ଗ୍ରହଣ କରା ନ ଯିବାର ବର୍ତ୍ତମାନ ନିୟମ ଅଛି ତହିଁ ମଧ୍ୟରୁ ଅନେକଗୁଡ଼ିଏ ମହକୁମା କାଟିଦେବାକୁ ହେବ ଏବଂ ଦେଶୀୟଲୋକଙ୍କୁ ସେ ସବୁ ମହକୁମାର କାର୍ଯ୍ୟ ଶିଖିବା କାରଣ ବିଶେଷ ସାହାଯ୍ୟ ଓ ସୁବିଧା ଦିଆଯିବ । କାର୍ଯ୍ୟଶିକ୍ଷାର ବିଶେଷ ବନ୍ଦୋବସ୍ତ ବର୍ତ୍ତମାନ ଇଂଲଣ୍ଡରେ ହୋଇଅଛି ତାହା ଏକାବେଳକେ ଉଠିବ ହେବ ନାହିଁ ମାତ୍ର କ୍ରମଶଃ ଭାରତବର୍ଷରେ ଶିକ୍ଷା କରିବାର ବନ୍ଦୋବସ୍ତ ହେବ । ସରକାରୀକାର୍ଯ୍ୟ ଉତ୍ତମରୂପ ଏବଂ ଅଳ୍ପବ୍ୟୟରେ ଚଳିବା ଉଦ୍ଦେଶରେ ସମିତି ସକଳ ପ୍ରସ୍ତାବ କରିଅଛନ୍ତି । ଏଥିଉତ୍ତାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏବଂ ବିଲାତର ସେକ୍ରେଟେରୀଙ୍କ ବିଚାରରେ ଏହି ପ୍ରସ୍ତାବମାନ କେତେଦୂର ରହିପାରିବ ତାହା କିଏ କହିପାରେ ? ଆମ୍ଭମାନଙ୍କର ବର୍ତ୍ତମାନ ଗବର୍ଣ୍ଣର ଜେନରଲ ଆଉ ଅଠମାସ ଏ ଦେଶରେ ରହିବେ ଏବଂ ଏଥିମଧ୍ୟରେ ଏହି ପ୍ରସ୍ତାବମାନ ବିବେଚନା କରି ଉଚିତ ଆଦେଶମାନ ଜାରୀ କରିବାର ଯଥେଷ୍ଟ ସମୟ ଅଛି । ଯେବେ ସେ ଦେଶୀୟଲୋକଙ୍କର ହିତ କରିବାକୁ ଇଚ୍ଛା କରିବେ ଏବଂ ସେପରି ଇଚ୍ଛା ତାହାଙ୍କର ଯେ ଥିବାର କୌଣସି କାର୍ଯ୍ୟଦ୍ଵାରା ପ୍ରକାଶ ପାଇ ନାହିଁ ତେବେ ସେ ଏମନ୍ତ ସୁନ୍ଦର ସୁଯୋଗକୁ ଛାଡ଼ିବେ ନାହିଁ । ଆମ୍ଭମାନଙ୍କର ଏକାନ୍ତ ଆଶା ହେଉଅଛି କି ସରକାରୀ ଉଚ୍ଚପଦସ୍ଥମାନଙ୍କରେ ଦେଶୀୟଲୋକଙ୍କ ଅଧିକାର ବିଶେଷରୂପେ ବଢ଼ାଇ ଦେଇ ସେ ଅସ୍ମଦେଶୀୟଙ୍କଠାରେ ଚିରସ୍ମରଣୀୟ ହେବେ ଏବଂ ତାହାଙ୍କର ନାମ ବହୁକାଳପର୍ଯ୍ୟନ୍ତ ଏ ଦେଶରେ ଘୋଷିତ ହେଉଥିବ । ବିଲାତର ଏ ବିଷୟରେ ଭାରି ଆନ୍ଦୋଳନ ହେବାର କଥା ମାତ୍ର, ଆମ୍ଭମାନଙ୍କ ଗବର୍ଣ୍ଣର ଜେନରଲ ଆମ୍ଭମାନଙ୍କ ସପକ୍ଷ ହେଲେ ଅନ୍ୟ କାହାରିଦ୍ଵାରା ଅନିଷ୍ଟ ହୋଇ ପାରିବ ନାହିଁ ।

---

ଲର୍ଡଡଫରିନ ।

ଆମ୍ଭମାନଙ୍କ ଗବର୍ଣ୍ଣର ଜେନରଲ ମହାମାନ୍ୟ ଲର୍ଡ଼ଡଫରିନ ଏହିବର୍ଷ ଶେଷରେ ଭାରତ-ଯାତ୍ରା କରିବାର ସ୍ଥିର ହୋଇଅଛି । ସେ ବିଲାତଠାରୁ ବଳାତକୁ ଚାହାଁଇଯିବେ ଆଉ ଭାରତକୁ ଆସିବେ ନାହିଁ । ଅତଏବ ଭାରତବାସିମାନେ ତାହାଙ୍କୁ ସମ୍ମାନ ସହିତ ବିଦାୟ କରିବା କାରଣ ଏହି ସମୟରୁ ଉଦ୍ୟମ ଲଗାଇଅଛନ୍ତି । ଏ ପ୍ରସ୍ତାବ ପ୍ରଥମେ ଇଂରାଜଙ୍କ ଆଡ଼ୁ ବାହାରିଲା ଓ ଦେଶୀୟ ସଭାସମିତିମାନଙ୍କ ଏଥିରେ ଯୋଗଦେବା କାରଣ ଅନୁରୋଧ ହେବାରେ ସେମାନେ ସମ୍ମତ ହେଲେ ନାହିଁ । ସମ୍ପ୍ରତି ବଡ଼ବଜାରସ୍ଥ ଇଂରାଜ ଓ କେତେକଜଣ ଦେଶୀୟ ରଜା ନବାବଙ୍କ ସ୍ଵାକ୍ଷରରେ ଖଣ୍ଡିଏ ବିଜ୍ଞାପନ ବାହାରିଅଛି କି ଆସନ୍ତା ଗୁରୁବାର କଲିକତା ଟାଉନହଲଠାରେ ଉକ୍ତ ମହାତ୍ମାଙ୍କୁ ସମ୍ମାନପୂର୍ବକ ବିଦାୟ ଦେବା କାରଣ ଗୋଟିଏ ମହାସଭା ହେବ ଏବଂ ଦେଶୀୟ ଓ ଇଂରାଜଙ୍କ ମଧ୍ୟରେ ଯେପରି ମତଭେଦ ଦେଖାଯାଏ ତହିଁରୁ ଅନୁମାନ ହେଉଅଛି ଯେ ଦେଶୀୟମାନେ ଏଥିରେ ଯୋଗ ଦେବେ ନାହିଁ । ଲର୍ଡ଼ଡଫରିନଙ୍କ ସମ୍ବନ୍ଧରେ ଦେଶୀୟ ଓ ଇଂରାଜଙ୍କ ମଧ୍ୟରେ ମତଭେଦ ଘଟିଥିଲା । ଏଥର ଯେପରି ଘଟିଅଛି କେବଳ ତଦ୍ଵିପରୀତ ଭାବରେ ଅର୍ଥାତ୍ ଲର୍ଡ଼ରିପନଙ୍କ କାର୍ଯ୍ୟର ଦେଶୀୟମାନେ ସପକ୍ଷ ଓ ଇଂରାଜମାନେ ବିପକ୍ଷ

Digitized by srujanika@gmail.com

Split by PDF Splitter



ଥିଲେ ଲର୍ଡ଼ ଡଫରିନଙ୍କ ସପକ୍ଷ ଇଂରାଜମାନେ ଏବଂ ବିପକ୍ଷ ଦେଶୀୟମାନେ ହୋଇଅଛନ୍ତି । ଏଥିରୁ କେହି ଏମନ୍ତ ବୁଝିବେ ନାହିଁ ଯେ ଲର୍ଡ଼ଡଫରିନ ଇଂରାଜମାନଙ୍କୁ ସ୍ନେହ ଓ ଦେଶୀୟମାନଙ୍କୁ ଘୃଣା କରନ୍ତି । ବାସ୍ତବରେ ସେପରି ନୁହଇ । ଲର୍ଡ଼ ଡଫରିନଙ୍କ ସ୍ୱଭାବ ଓ ବ୍ୟବହାରରେ ଦେଶୀୟମାନେ ସନ୍ତୁଷ୍ଟ ଅଛନ୍ତି ଏବଂ ତାହାଙ୍କଠାରୁ ଉପକାର ପାଇବାର ଅବଧି ଆଶା କରୁଅଛନ୍ତି । ସେ ଅଦ୍ୟର ଅଠମାସ କାଳ ଶାସନଭାର ବହିବେ ଏବଂ ଏଥିମଧ୍ୟରେ ଏମନ୍ତ ବହୁକାର୍ଯ୍ୟ କରିପାରିବେ କି ଯହିଁନିମିତ୍ତ ସେ ଏଦେଶୀୟଙ୍କର ଚିରକୃତଜ୍ଞତାର ପାତ୍ର ହେବେ ଏବଂ ତାହାଙ୍କୁ ସମ୍ମାନ ସହିତ ବିଦାୟ କରିବାକୁ ସମସ୍ତଙ୍କର ମନ ବ୍ୟଗ୍ର ହେବ । ମାତ୍ର କଥା ଏହି ହେଉଅଛି କି ସେ ଏଥିମଧ୍ୟରେ ଏମନ୍ତ କି କାର୍ଯ୍ୟ କରିଅଛନ୍ତି ଯେ ତହିଁନିମିତ୍ତ ଦେଶୀୟଲୋକଙ୍କଠାରୁ ବିଶେଷ ସମ୍ମାନ ପାଇବାର ଯୋଗ୍ୟ ବୋଲି ଜଣାଯିବ । କଲିକତାର ଦେଶୀୟ ସମ୍ବାଦପତ୍ରମାନଙ୍କରେ ଏହି ବିଷୟର ବିଚାର ଲାଗିଅଛି ଏବଂ ଏହି୨ ସମ୍ବାଦପତ୍ର ଅନୁଚିତରୂପେ ତୀବ୍ରଭାବରେ ତାହାଙ୍କ ଶାସନର ଦୋଷ ଦେଖାଇବାକୁ କୁଣ୍ଠିତ ହୋଇ ନାହାନ୍ତି । ଭାରତବାସିମାନେ ରାଜଭକ୍ତିରେ ଜଗଦ୍‌ବିଖ୍ୟାତ । କୌଣସି ରାଜପ୍ରତିନିଧି ସମ୍ବନ୍ଧରେ କଟୁକଥା ଶୁଣିବାକୁ ଅମ୍ଭେମାନେ ସୁଖ ପାଉଁ ନା ବିଶେଷତଃ ଲର୍ଡ଼ଡଫରିନ ଅତି ମହତ ଓ ଶାନ୍ତପ୍ରକୃତି ଲୋକ ଏବଂ ତାହାଙ୍କଦ୍ୱାରା ଅମ୍ଭମାନଙ୍କର ଏମନ୍ତ କିଛି ଅନିଷ୍ଟ ହୋଇ ନାହିଁ କି ଯହିଁର ପ୍ରତିକାର କେବେ ହୋଇ ନ ପାରେ । ମୂଳକଥା ଏହି କି ସେ ବ୍ରହ୍ମଦେଶ ଅଧିକାର କରିବା ଉତ୍ତରପଶ୍ଚିମର ସୀମା ଦୃଢ଼ କରିବା ଏବଂ ସୈନ୍ୟବଳ ବୃଦ୍ଧିକରିବାରେ ସର୍ବଦା ମଗ୍ନ ରହି ଏବଂ ସେନିମିତ୍ତେ ଭାରତର ସମସ୍ତ ଟଙ୍କା ବ୍ୟୟ କରିଦେଇ କେବଳ ଅମ୍ଭମାନଙ୍କର କରଭାର ବୃଦ୍ଧି କରିଅଛନ୍ତି ଆଉ ଅମ୍ଭମାନଙ୍କର ଉନ୍ନତିନିମିତ୍ତ କୌଣସି ବିଶେଷ କାର୍ଯ୍ୟ କରି ନାହାନ୍ତି । ତାହାଙ୍କ ଶାସନକାଳରେ ଅମ୍ଭମାନଙ୍କର କେବଳ ଦୁଃଖ ବଢ଼ିଲା । ଉପକାର କିଛି ହେଲା ନାହିଁ ତାହାଙ୍କୁ ବିଶେଷ ସମ୍ମାନ ଦେବା କାରଣ କିପରି ମନ ହେବ ? ଅବଶ୍ୟ ଏକଥା କୁହାଯାଇ ପାରେ ଯେ ବ୍ରହ୍ମପୁର ବା ସୀମା ଦୃଢ଼ କରିବାବିଷୟରେ ସେ ଇଂଲଣ୍ଡର ଶାସନକର୍ତ୍ତାଙ୍କ ଇଚ୍ଛାନୁରୂପେ କାର୍ଯ୍ୟ କରିଥିଲେ ସେଥିରେ ଆପଣା ବିବେଚନାନୁସାରେ କାର୍ଯ୍ୟ କରିବା ତାହାଙ୍କର ଅଧିକାର ନାହିଁ ତାହା ହେଲେ ସେ ଆପଣାଂଙ୍କ ଉପର ନିୟମ ରକ୍ଷା କରିଅଛନ୍ତି । ଏଥିରେ ବିଶେଷ ସମ୍ମାନ ଦେବାର କଥା କିଛି ନାହିଁ । ଇଂରାଜମାନଙ୍କ କଥା ସ୍ୱତନ୍ତ୍ର ଅଟଇ । ବ୍ରହ୍ମଦେଶ କେବଳ ବାଣିଜ୍ୟ ବିସ୍ତାର ନିମିତ୍ତ ଇଂରାଜ-ରାଜ୍ୟଭୁକ୍ତ ହୋଇଅଛି । ସେ ବାଣିଜ୍ୟରେ ଇଂରାଜମାନଙ୍କର ସ୍ୱାର୍ଥ ଅଛି ସୁତରାଂ ସେମାନେ ଯେ ବିଶେଷ ସମ୍ମାନ ଦେଖାଇବେ ଏଥିରେ ଅସଙ୍ଗତ କିଛି ନାହିଁ । ମାତ୍ର ଦେଶୀୟଲୋକମାନେ କେଉଁ କାର୍ଯ୍ୟ ହେତୁ ତାହାଙ୍କଠାରେ ବିଶେଷ କୃତଜ୍ଞତା ଦେଖାଇବେ ଅମ୍ଭେମାନେ ଖୋଜି ପାଉ ନାହୁଁ । ସେହିଦିନ ଅମୃତବଜାରପତ୍ରିକାରେ ପାଠକଲୁଁ କି ବ୍ୟବସ୍ଥାପକସଭାରେ ପ୍ରତିନିଧି ନିର୍ବାଚନପ୍ରଣାଳୀ ପ୍ରଚଳିତ କରିବା କାରଣ ଲର୍ଡ଼ ଡଫରିନ ବିଲାତକୁ ପତ୍ର ଲେଖିଅଛନ୍ତି । ଯେବେ ଏକଥା ସତ୍ୟ ହେବ ଏବଂ ସେ ଏଠାରେ ଥାଉଁ୨ ବିଲାତରୁ ଅନୁକୂଳମତ ଆସିବ ତେବେ ତାହାଙ୍କ ସମ୍ମାନ ସହିତ ବିଦାୟ ଦେବାରେ କାହାର ଦ୍ୱିଧା ହେବ ନାହିଁ । ଈଶ୍ୱର କରନ୍ତୁ ଯେ ସେହି ଶୁଭକାଳ ଶୀଘ୍ର ଉପସ୍ଥିତ ହେଉ ।

---

# ସାପ୍ତାହିକ ସଂବାଦ ।

ଅମ୍ଭମାନଙ୍କର ନୂତନ କମିଶ୍ନର ଶ୍ରୀ ଓରସଲି ସାହେବ ଗତକାଲି ଗୁରୁବାର କଟକେ ପହୁଞ୍ଚିଅଛନ୍ତି ଏବଂ ପୁରୀର ଏକ୍ଟିଂ କଲେକ୍ଟର ମଧ୍ୟ ଏହାଙ୍କ ସଙ୍ଗେ ଆସିଅଛନ୍ତି । ଅମ୍ଭେମାନେ ସର୍ବଦା ଏହାଙ୍କ କର୍ତ୍ତୃତ୍ୱାଧୀନରେ ମଙ୍ଗଳ କାମନା କରୁଁ ।

ଏ ନଗରର ଠାବେଁ୨ ଓଲାଉଠା ଦେଖାଦେଉଛି ମାଣିକଘୋଷ ବଜାରରେ ଅକସ୍ମାତଭାବେ ଛଅଜଣ ମରି ପଡ଼ିଅଛନ୍ତି ।

ଜଗତସିଂହପୁରରେ ଜଣେ ମୁସଲମାନର ଛୁରିରେ ବୃଷ ମାରିପକାଇବା ଅପରାଧରେ ସେହି ଅସାମି ଦୌରା ସୁପର୍ଦ୍ଦ ହୋଇଥିଲା ଜଜସାହେବଙ୍କ ବିଚାରରେ ପ୍ରମାଣ ଅଭାବରୁ ଖଲାସ ପାଇଅଛି ।

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଗତମାସ ତା ୩ ରିଖ ରାତ୍ର ସ ୧ ଘଣ୍ଟା ସମୟରେ ମାଣିକପଟଣା ପାରିଅନ୍ତର୍ଗତ ସାତପଡ଼ା ଗ୍ରାମରେ ଅଗ୍ନି ଲାଗି ପ୍ରାୟ ସୋ ୧୦ ଖଣ୍ଡ ଘର ପୋଡ଼ିଗଲା ଓ ଅନୁମାନ ହଜାରକର ଟଙ୍କାର ସମ୍ପତ୍ତି ନଷ୍ଟ ହେଲା । ଗ୍ରାମବାସିମାନେ ଅଗ୍ନି ଲିଭାଇବାକୁ ବହୁ ଯତ୍ନ କଲେ ମାତ୍ର ଗ୍ରାମ ପ୍ରାନ୍ତରେ ଗୋଟିଏ ମାତ୍ର କୂଅ ଥିବାରୁ ପାଣି କାଢ଼ିବାର କଷ୍ଟ ହେଲା । ଏ ସମୟରେ ପୁଲିସ ଉପସ୍ଥିତ ଥିଲେ ଅନେକ ରକ୍ଷା ହୋଇଥାନ୍ତା । ସାତପଡ଼ାରେ ବର୍ତ୍ତମାନ ଦୁର୍ଭିକ୍ଷ ସମୟରେ ଏ ଅଗ୍ନିଦାହ ବଡ଼ ବାଧିଅଛି ।

ଅନ୍ୟ ପତ୍ରପ୍ରେରକ ଅଦ୍ୟ ଲେଖିଅଛନ୍ତି କି କାନ୍ତିଜନସ୍ଥାନର ନୀଳମାଧବ ଠାକୁର ସାହେବଙ୍କୁ ପ୍ରତିବର୍ଷ ଭେଟ ଦେଇବାକୁ ଆସୁଥିଲେ । ଏଥରୁ ସତବର୍ଷ ସେହି ନାଉକ ଠାକୁରଙ୍କ ଆଗରେ କହୁଡ଼ୀ ଧରିଥିଲା ତାହାର କୌଣସି ଦୋଷହେତୁ ସେବକ ତାହାକୁ ବାହାର କରିଦେଇ ଅନ୍ୟ ନାଉକହାତରେ କହୁଡ଼ୀ ଧରାଇବାରୁ ସାତପଡ଼ାବାସିମାନେ ଠାକୁରଙ୍କୁ ଭେଟ ନ ଦେଇ ଫେରିଗଲେ ।

ଗୃହବାଡ଼ିରୁ ଜଣେ ଅଜ୍ଞାତ ନୂତନ ରାଜାଙ୍କର ପ୍ରଶଂସା ଲେଖିଥିବାରୁ ଅମ୍ଭେମାନେ ଆହ୍ଲାଦିତ ହୋଇ ଆଶା କରୁଅଛୁଁ କି ସେ ସୁବିଚାର ଓ ଦୟାପୂର୍ବକ ପ୍ରଜା ପାଳିବେ ଏବଂ ରାଜ୍ୟର ଉନ୍ନତି କରିବାଦ୍ୱାରା ଯଶସ୍ୱୀ ହେବେ ।

## କଲିକତା ଗେଜେଟ ।

ପୁରୀର ସ୍କୁଲଡେପୁଟି ଇନ୍‌ସ୍ପେକ୍ଟର ବାବୁ ଶ୍ୟାମମୋହନ ସେନ୍ ନିମ୍ନଶ୍ରେଣୀର ଶିକ୍ଷାବିଭାଗର ଚତୁର୍ଥଶ୍ରେଣୀରେ କାର୍ଯ୍ୟ କରୁଥିବେ ।

ଓଡ଼ିଶାବିଭାଗର ଡେପୁଟିଇନ୍‌ସ୍ପେକ୍ଟର ବାବୁ ରାଧାନାଥ ରାୟ ଅନ୍ୟାନ୍ୟ ପର୍ଯ୍ୟନ୍ତ ଗତ ଅକ୍ଟୋବରମାସ ତା ୧ ରିଖଠାରୁ ନିମ୍ନଶ୍ରେଣୀର ଶିକ୍ଷାବିଭାଗର ପ୍ରଥମ ଗ୍ରେଡରେ ନିଯୁକ୍ତ ହେଲେ ।

କଟକ ନର୍ମାଲ ସ୍କୁଲର ହେଡମାଷ୍ଟର ବାବୁ ହାରିବାନାଥ ଚତୁର୍ଥ ନିମ୍ନଶ୍ରେଣୀର ଶିକ୍ଷାବିଭାଗର ତୃତୀୟ ଗ୍ରେଡରେ ବାହାଲ ହେଲେ ।

ବାଲେଶ୍ୱରଜିଲ୍ଲା ଦେଃ କଲେକ୍ଟର ବାବୁ ଗୋପାଳଚନ୍ଦ୍ର ଦାସ ଫୌଜଦାରୀ ମୋକଦ୍ଦମାର ସାକ୍ଷ୍ୟମାନ ଇଂରାଜୀଭାଷାରେ ଲେଖିବାର କ୍ଷମତା ପ୍ରାପ୍ତ ହେଲେ ।

---

କଟକରେ ଗତସପ୍ତାହରେ ବୃଷ୍ଟି ହୋଇଥିଲା । ଏଠାରେ କେବଳ କାକୁଡ଼ି ଓ ତହିଁରେ ଅମ୍ବକଷି ଚଷ ଏତେ ଶୁଖିପଡ଼ୁଅଛି ଯେ ଶୀଘ୍ର ବୃଷ୍ଟି ନ ହେଲେ ଏ ଫସଲ ମରିପଡ଼ିବ ।

ବ୍ରହ୍ମଦେଶରେ ଏକ ସେଇଲୁ ଅଧିକ ଏବଂ ତ୍ରିଶ ବାରଘର୍ଷରେ ଦଶଗୁଣରୁ ଅଧିକ ଗଭୀର ଏବଂ ବ୍ରହ୍ମଦେଶ ଓ ଚୀନସୀମାନ୍ତ ପ୍ରଦେଶମାନଙ୍କରେ ସମୁଦାୟ ଲୋକ ଓ ଗୃହ ହିଂସା ଛଡ଼ି ଅନ୍ୟ ନିଶାଦ୍ରବ୍ୟ କଡ଼ାକଡ଼ି ମହୋଦୟ ଭାରତ ଗଭର୍ଣ୍ଣମେଣ୍ଟ ଅଫିମ ଖାଇବାର ନିଷେଧ ଜାରି କରିଅଛନ୍ତି ।

ମାନ୍ଦ୍ରାଜଠାରୁ ଆସିଥିବା ଗତମାସ ତା ୪ ଦିଶର ତାରବାର୍ତ୍ତାରୁ ପ୍ରକାଶ ଯେ ପଣ୍ଡିଚେରୀର ଗବର୍ଣ୍ଣମେଣ୍ଟଦ୍ୱାରା ତହିଁପୂର୍ବ ପାଞ୍ଚଦିନ କାଳ ଟେଲିଗ୍ରାଫ ଅଫିସ ବନ୍ଦ ଥିବାରୁ ଖାଲାସ ବର୍ଣ୍ଣକମାନେ ବଡ଼ ବ୍ୟସ୍ତ ଅଛନ୍ତି । କେଉଁଥିପାଇଁ ତାହା ଅବଧି ସ୍ଥିରହୋଇ ନାହିଁ ।— କେହି ବୁଝିପାରିବେ ।

କେବେଠାରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଗତମାସ ତା ୪ ଦିନରେ ଅନେକ ସୈନ୍ୟ ଦରବେଶ ସୁଆକିମ ନଗର ଆକ୍ରମଣ କରିଥିଲେ ମାତ୍ର ସ ୪ ଘଣ୍ଟା କାଳ ଲଢ଼ାଇ କଲାରୁ ଅପାଣମାନଙ୍କରୁ ଅନେକ ଲୋକଙ୍କୁ ରଣକ୍ଷେତ୍ରରେ ତ୍ୟାଗ କରି ଫେରିଗଲେ । ଇଂରାଜଙ୍କ ପକ୍ଷରୁ କର୍ଣ୍ଣେଲ ଟାପ ସାହେବ ଓ ଜ ୪ ଜଣ ଘାଇଲ ହୋଇ ଏବଂ ଜ ୧୪ ଜଣ ଆହତ ହୋଇଅଛନ୍ତି ।— ଏ ଲଢ଼ାଇର ଅର୍ଥ କଣ ?

ମହାରାଜା ହୋଲକାର ଆଉ ଗୋଟିଏ ସ୍ତ୍ରୀ ବିବାହ ହୋଇଥିବାର ସମ୍ବାଦ ମିଳିଲା । ଏ ଦ୍ୱିତୀୟ ସ୍ତ୍ରୀର ବୟସ ବ ୧୪ ବର୍ଷ ହେବ । ଏହାଙ୍କ ପ୍ରଥମସ୍ତ୍ରୀଗର୍ଭରୁ ଗୋଟିଏ କନ୍ୟା ଜାତ ହୋଇଅଛି ମାତ୍ର ପୁତ୍ର ସନ୍ତାନ ହୋଇ ନାହିଁ ।

ଷ୍ଟେଟସମାନ ଲେଖିଅଛନ୍ତି ଯେ ସର ବ୍ରୁଲିସ ଉଇଲସନ ସାହେବ ବର୍ତ୍ତମାନ ଓଡ଼ିଶା ପରିଦର୍ଶନ ସମୟରେ ଦୁର୍ଭିକ୍ଷକୋଲେ କୋଷ୍ଟକେନାଲ ବାଟେ ଉପଯୁକ୍ତରୂପେ ଧାନ ଯୋଗାଣ ହୋଇପାରିବାର ଦେଖି ଅତ୍ୟନ୍ତ ସନ୍ତୋଷ ପ୍ରକାଶ କରିଅଛନ୍ତି ।

Digitized by srujanika@gmail.com

Split by PDF Splitter



ସେ ଅନୁମାନ କରନ୍ତି ଯେ ଏହାଦ୍ୱାରା ପ୍ରଜନନ ଦ୍ୱାରା ୨୫ଟ ଶସ୍ୟ ଔଷଧାଳୟ ପଠାଯାଇ ପାରେ ।

ମହାରାଜଙ୍କର ଇଂରାଜ ଅନୁବାଦ କମିଟି ସଭାପତିଙ୍କ ମାଣିକନ ପଣ୍ଡିତ କଲିକତାର ବାବୁ ପ୍ରତାପଚନ୍ଦ୍ର ବସୁଙ୍କୁ ଟ ୫୦୦ ଙ୍କା ସାହାଯ୍ୟ ଦାନ କରିଥିବାର ସମ୍ବାଦ ମିଳଇ । ଏ ଦାନ ମହତ୍ ଅଟଇ ।

ପଞ୍ଜାବର ରେଜିଷ୍ଟ୍ରାର ସାରଜେଣ୍ଟ ସାହେବଙ୍କ ନାମରେ ପରୀକ୍ଷାର୍ଥିମାନଙ୍କ ଠାରୁ ଉତ୍କୋଚ ନେବା ସମ୍ବନ୍ଧୀୟ ମୋକଦ୍ଦମା ଲୁଚିବା କାରଣ ଯେଉଁ କମିଶନ ବସିଥିଲା ସେ କମିଶନ ଅପଣା କାର୍ଯ୍ୟ ଗତମାସ ତା ୫ ଦିନରେ ଶେଷ କରିଅଛନ୍ତି । ସେ କମିଶନ ମୋକଦ୍ଦମା ବିଚାରର ଫଳ ଭାରତଗବର୍ଣ୍ଣମେଣ୍ଟଙ୍କୁ ରିପୋର୍ଟଦ୍ୱାରା ଜଣାଇବେ ।

ମରକ୍କୋର ସୁଲତାନଙ୍କୁ ଫ୍ରାନ୍ସ ଦେଶରୁ ଦୁଇବର୍ଷତଳେ ଗୋଟିଏ ଗୋଡ଼ରେ ଚଳାଇବା ଦୁଇଚକିଆ ଗାଡ଼ୀ (bicycle) ଭେଟି ମିଳିଥିଲା । ସୁଲତାନଙ୍କ ଶରୀର ଅସ୍ୱସ୍ଥ ହଲେ ପୀଡିତ ଥିବା ଅବସ୍ଥାରେ ତାଙ୍କର ବେଗମମାନଙ୍କ ମଧ୍ୟରେ କଳହ ଜାତ ହେବାରୁ ସୁଲତାନ ତାହା ବିଚାର କରି ଯାହାର ଯେତେଅଧିକ ଦୋଷ ତାକୁ ସେତେ ଅଧିକଥର ଉକ୍ତ ଗାଡ଼ିରେ ବସି ଉଆନମଧ୍ୟରେ ବୁଲିବାର ଆଦେଶ କଲେ । ସ୍ତ୍ରୀମାନେ ଗାଡ଼ି ଚଳାଇ ନ ଜାଣିବାରୁ ବାରମ୍ବାର କଚଡ଼ା ଖାଇଲେ ସୁତରାଂ ଯେ ଅଧିକ ଦୋଷୀ ସେ ଅଧିକ ଦଣ୍ଡ ପାଇଲା ଏରୂପେ ଗାଡ଼ିର ଅତି ଚମତ୍କାର ବ୍ୟବହାର ହେଲା !

ଅମୃତସର ଜାଣ୍ଡ ସମ୍ବନ୍ଧରେ ଲେଫ୍ଟେଣ୍ଟ ବ୍ରୁଣ୍ଡା ସାହେବ କାରାଦଣ୍ଡ ଭୋଗ କରୁଥିବାର ପାଠକେ ଅବଗତ ଅଛନ୍ତି ଏ ମହାଶୟ କାରଦଣ୍ଡ ଭୋଗକରି ନିସ୍ତାର ପାଇଥିବାର ସମ୍ବାଦ ମିଳଇ । କେମନ୍ ଗିଲଡ଼ୁଲ ଯେବେ ଦୁଇମାସ କାରାଦଣ୍ଡ ପ୍ରାପ୍ତ ହୋଇଥିଲେ ସେ ସରସ୍ୱତୀ ହୋଇ ମୁସଲମାନଙ୍କୁ ଆକ୍ରମଣ କରିବା ଅପରାଧରେ ପୁନର୍ବାର ଧୃତ ହୋଇ ଜାମିନରେ ଖଲାସ ପାଇଅଛନ୍ତି ।

ବୋମ୍ବାଇ ଗେଜେଟ ଲେଖିଅଛନ୍ତି ଯେ ଅବସର ପ୍ରାପ୍ତ ବଙ୍ଗୀୟ ସରକାରୀକର୍ମଚାରୀମାନଙ୍କୁ ବିଲାତରେ ପେନ୍‌ସନ୍ ଓ ଭତ୍ତା ଉଭୟ ଟଙ୍କାକ ଏକଟିଙ୍ଗ ଅଠ ପେନସ ହିସାବରେ ଦେବାର ଏକ ସାଧାରଣ ନିୟମ କରିବାରୁ ଷ୍ଟେଟ ସେକ୍ରେଟରୀ ସମ୍ମତ ହୋଇଅଛନ୍ତି । ଏହିରେ ଏଦେଶ ଦେଶୀୟ ମାନେ ପାଉଥିବା ପଡ଼ିଅଛି । ଯଦ୍ୟପି ସାଧାରଣ ଟଙ୍କା ବିଲାତରେ ଏସାଇଥିବା ମୂଲ୍ୟପାଉନ୍ଥିବା ହୋଇଥିବା ସ୍ଥଳେ ଏ ନିୟମରେ ଅସନ୍ତୋଷ ହେବାର କୌଣସି କାରଣ ନାହିଁ । ଏହା କହାଯାଉଛି କି ?

ଦୟାପର୍ଣ୍ଣି ଦଳ ପକ୍ଷ ଅବଲମ୍ବନକରି ଇଂରାଜଙ୍କ ବିପକ୍ଷରେ ବିଦ୍ରୋହ ମଚାଇଥିବା ଅପରାଧରେ ପ୍ରତାପସିଂହ ଧୃତ ହୋଇଥିବାର ସମ୍ବାଦ ପାଠକମାନଙ୍କୁ ଦେଇଥିଲୁଁ-ବର୍ତ୍ତମାନ ଅବଗତ ହେଲୁଁ ସେ ସେ ଗତମାସ ତା ୩ ଦିନରେ ଜେଲଖାନାରୁ ପଳାୟନ କରିଅଛନ୍ତି । ଜଣେ ସର୍ଜନ ଓ ୨ ଜଣ କନଷ୍ଟେବଲ ଏହାଙ୍କୁ ବିଶେଷ ପହରା ଦେଉଥିବାସ୍ଥଳେ ଏ ପଳାୟନ ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ଗତବର୍ଷ ଭାରତବର୍ଷର ପୋଷ୍ଟଅଫିସମାନଙ୍କରେ ୭୮୦୦୦୦୦୦ ପୋଷ୍ଟକାର୍ଡ ବ୍ୟବହୃତ ହୋଇଥିଲା । ପତ୍ରର ସଂଖ୍ୟା ମଧ୍ୟ ୫୦୦୦୦୦୦ ଅଧିକ ହୋଇଥିଲା ଏବଂ ଟିକଟର ଦାମ ଲାଘବ ହୋଇଥିବା ହେତୁ କେବଳ ପତ୍ରର ସଂଖ୍ୟା ନ୍ୟୂନ ପଡ଼ିଥିଲା । ଏ ଫଳ ଅତୀବ ସନ୍ତୋଷଜନକ ଅଟଇ ।

ଭାରତ ସୀମାନ୍ତ ପ୍ରଦେଶ ରକ୍ଷାକାର୍ଯ୍ୟନିମିତ୍ତ ବାଲାସୁରର ମହାରାଜା ଭାରତଗବର୍ଣ୍ଣମେଣ୍ଟଙ୍କୁ ଟ ୨୫୦୦୦ ଙ୍କା ଏବଂ ଆପଣାର ସୈନ୍ୟ ସାହାଯ୍ୟ ଯାଚ ଅଛନ୍ତି । ଉତ୍ତମ ।

ବରଦାର ଗାଇକୁମାର ଇଉରୋପଭ୍ରମଣରୁ ଫେରିଆସିଥିବାର ସମ୍ବାଦ ମିଳଇ । ଏ ମହାଶୟ ଫେରିଆସି ନଗରରେ ପ୍ରବେଶକରିବା କାଳରେ ମହା ସମାରୋହ ଏବଂ ସେନାଗହଳ ହୋଇଥିଲା ଏବଂ ଇଂରାଜରାଜଙ୍କ ଆଦେଶକ୍ରମେ ତୋ ୨୧ ଟି ତୋପ ଆୱାଜ ପଡ଼ିଥିଲା ।

କାଶ୍ମୀରର ଅଫ ଉଫରିଜ ଫଣ୍ଡକୁ ହରଦ୍ୱାରର ମାଣିକଜ ପଣ୍ଡିତ ଟ ୭୦୦୦ ଙ୍କା ଦାନ କରିଥିବାର ସମ୍ବାଦ ମିଳଇ । ଏ ଦାନ ଅତି ପ୍ରଶସ୍ତ ଅଟେ ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ପୂର୍ବେ ଟେକସ ସରକାର ଯାଜମଣି ଘୋଷାଲ ବିବରଣ ଲେଖିଥିଲୁଁ ତାକୁ ଏଠାକାର ସୁଯୋଗ୍ୟ ଡେପୋଟୀମେଜଷ୍ଟର ମା ୨ ସର କାରବାସ ଦଣ୍ଡାଜ୍ଞା କରିଅଛନ୍ତି ।

ଏ ଅଞ୍ଚଳରେ ବର୍ଷା ବିଶେଷ ହେଉଥିବାରୁ ଅନେକ ଫସଲର ଅନିଷ୍ଟ କରିଅଛି ବରଷାହେତୁରେ ଆମ୍ବ ଫସଲ କଞ୍ଚାପରିମାଣରେ ଦେଖା ଯାଉଅଛି ।

। ଶ୍ରୀ । ଅଳୀ । ମୌ । ମାକଡ଼ାଭୀଡ଼ ନିକଟରେ ଅପୁତ୍ରକ ଜାନକ ଏକ ଖଣ୍ଡ କଲିକତାନିବାସରୁ ଆସି ସେ ଗ୍ରାମ ନିକଟରେ ଗୋଟାଏ ପୁଷ୍କରିଣୀ ସର୍ବସାଧାରଣଙ୍କ ଉପକାରାର୍ଥେ ଖୋଳା ଆରମ୍ଭ କରିଅଛି ।

। ପ୍ର । ଠକଣ । ତା । ବରଶୋଭା ଇଲାକାର ଜମାଦାର କାଲେଖାଁ ଓ ଜଣେ ତପସି ମିର କୋତବାନ କେନ୍ଦ୍ରପଡ଼ା ମୁକାମରୁ ଟଙ୍କା ନେଇ କଟକରୁ ଯାଉଥିଲେ ସେଠାରେ ପନ୍ଥ ସେହି ସ୍ଥାନରେ ବୁଢ଼ୀ ଏକବିଷଣରେ ଜଡ଼ାଜଡ଼ି ହୋଇ ପ୍ରାଣତ୍ୟାଗ କରିଅଛନ୍ତି ତାହାଁର କାରଣ କିଛି ଜଣାପଡ଼ି ନାହିଁ ଉଭୟ ଯୁବାପୁରୁଷ ଥିବାରୁ ଅନେକଲୋକ ଦୁଃଖିତ ଅଛନ୍ତି

## ଭଣାଦହ୍ଟା-ସମ୍ବାଦ ।

ଏ ଅଞ୍ଚଳରେ ବସନ୍ତ ଓ ହାଡ଼ଫୁଟୀ ପ୍ରଭୃତି ସଂକ୍ରାମକ ରୋଗର ବିଶେଷ ପ୍ରାଦୁର୍ଭାବ ଘଟିଅଛି, ଏହା ସଙ୍ଗେ ପ୍ରବଳ ଓଲାଉଠା ଆରମ୍ଭ ହେଲାଣି । ଏବେବେଳେ ଖାଇ ହେଜାପଣ ହେଲା ।

ଏ ସ୍ଥାନରେ ଗୋଟିଏ "ଗୁରୁଟ୍ରେନିଂ ବିଦ୍ୟାଳୟ" ସ୍ଥାପନ ହେବାକୁ ସ୍କୁଲଇନସ୍ପେକ୍ଟର ମହାଶୟ ଅନୁମତି ପ୍ରଦାନ କରିଅଛନ୍ତି । ନିକଟବର୍ତ୍ତୀ ଅବଧାନମାନଙ୍କର ଉଚିତ ଯେ ଶୀଘ୍ର ଏଥି ନାମ ଲେଖାଇ ପକାନ୍ତୁ ।

କାଲିପୋଲା ଅଉଟପୋଷ୍ଟର ଜଣେ କନେଷ୍ଟବଲ ଗୋଟିଏ ତାମ୍ରନିର୍ମିତ ଘଡ଼ି ଅର୍ଥରେ ସେନ କେଉଁଆଡ଼େ ପଳାଇ ଯାଇଅଛି; ତାହାଁର କିଛି ଛିରତା ମିଳୁ ନାହିଁ । ଏ ବିଷୟରେ ଉକ୍ତ ସ୍ଥାନରେ ବିଶେଷ ଆନ୍ଦୋଳନ ଘଟିଅଛି । କଥିତନୁଏ କନେଷ୍ଟବଲଟି ଭଲ ହୁକମତ ଜାଣେ ।

ପ୍ରତିବର୍ଷ ଦୋଳଯାତ୍ରାପରି ଏ ବର୍ଷ ଦୋଳ ଯାତ୍ରାଟି ଜଣ ଜନକ ସେତେ ନାହିଁ । ଏଠାରେ ପ୍ରାୟ ସବୁ ଦୋଳଯାକ ଦିବସରେ ମିଳନ ହେଲେ । ମିଳନ ପଡ଼ିଆ-ବଟବୃକ୍ଷମାନ ପତ୍ରଶୂନ୍ୟ ହୋଇଥିବାରୁ ରୌଦ୍ର-ତାପରେ ସମସ୍ତ ଲୋକମାନଙ୍କୁ ବିଶେଷ କଷ୍ଟ ସହିବାକୁ ହେଲା । କଉଲୋକ ମାନଙ୍କ ମଧ୍ୟରେ ଛୁରା ଟଣାଟଣି ପଡ଼ିଲା । ଏ ସମୟରେ କେବଳ ଫଗୁମିଶ୍ରିତ ଜଳ-ପିଚକାରୀ ଲୋକମାନଙ୍କ ଦେହରେ ପଡ଼ି ଶୀତଳ କରାଇଲା ।

ଏ ସ୍ଥାନର ଅନତିଦୂର "ଅଲୀଶୀ" ନାମା ଗ୍ରାମରେ ଚନ୍ଦ୍ରାମଣି ମିଶ୍ରଙ୍କର ଗୋଟିଏ ଧେନୁ ଗୋଟିଏ ବାଛୁରୀ ପ୍ରସବ କରିଅଛି । ଏ ବାଛୁରିର ୩ ଗୋଟି ଗୋଡ଼ । ଏହି ୩ ଗୋଡ଼ରେ ବାଛୁରୀଟି ଯେପରି ଦୌଡ଼ୁଅଛି ପାଠକମାନେ ଦେଖିଲେ ଆଶ୍ଚର୍ଯ୍ୟ ହେବେ ।

## ପତ୍ରପ୍ରେରକଙ୍କପ୍ରତି ।

ପାଠ—ଆପଣଙ୍କ ପତ୍ର ସୁସ୍ପଷ୍ଟ ନ ହେବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଉତ୍ତରର ଅଧିକ ଦିନ ରହିପାରିବ ନାହିଁ । ଉହିଁପାଇଁ ଗାଳିମାନେ ଲେଖାର ପ୍ରୟୋଜନ ନାହିଁ ।

A. D— In our next'

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ-
ସମୀପେଷୁ ।

ମହାଶୟ

ଆମ୍ଭପ୍ରଣୀତ "କଳକାଳ" ନାଟକ ସମ୍ବନ୍ଧରେ ଓଡ଼ିଶା ସ୍କୁଲ ସମୂହର , ଇନସ୍ପେକ୍ଟର ବାବୁ ରାଧାନାଥ ରାୟ ମହୋଦୟ ଯେଉଁ ମତ ପ୍ରଦାନ କରିଥିଲେ ତାହା ଅପର ଅନ୍ୟ ପ୍ରାର୍ଥନାନରେ ପ୍ରକାଶ କରିଥିବାରୁ ଅମ୍ଭେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଅଛୁଁ । ତହିଁର ଦ୍ୱିତୀୟ ପରିଚ୍ଛେଦରେ ବାବୁ ମହୋଦୟ ଲେଖିଥିଲେ "I must say, however, that I do not consider the title *Prahasana* fortunate." ମାତ୍ର ଆପଣଙ୍କର କମ୍ପୋଜିଟର ମହାଶୟ "title" ସ୍ଥାନରେ "little" ବସାଇ ଦେଇ ମହା ଅନର୍ଥ ଘଟାଇ ଅଛନ୍ତି । ଏ ବିଷୟ ଆପଣ ଏବଂ ଆପଣଙ୍କ ପାଠକବର୍ଗଙ୍କ ବିଦିତାର୍ଥେ ନିବେଦନ କଲୁ ।

ପରିଶେଷରେ ଏ ପୁସ୍ତକକୁ ପ୍ରହସନ ବୋଲି ଅଭିହିତ କରିବା ପକ୍ଷେ ଆପଣ ଯାହା ଅନୁମାନ କରିଅଛନ୍ତି ତାହା ଯଥାର୍ଥ ଅଟଇ । ଇଂରାଜୀରେ ଫାର୍ସ (Farce) ଶବ୍ଦ ଅତି ବିସ୍ତୃତ ଅଟଇ । ଭାଷାରେ ତହିଁର ନାମକରଣ ଅଦ୍ୟାପି ହୋଇ ନାହିଁ । ବଙ୍ଗଳାରେ 'ପ୍ରହସନ' ଶବ୍ଦ "ଫାର୍ସ" ପରିବର୍ତ୍ତରେ ବ୍ୟବହୃତ ହେଉଥିବାର ଦେଖି ଅମ୍ଭେ ସେହି ଶବ୍ଦ ବ୍ୟବହାର କରିଅଛୁଁ । ପୁସ୍ତକ ରଚନା ହେବା ସମୟରେ ଅମ୍ଭେ "ରୂପକାଟକ" ବୋଲି ଅଭିହିତ ... ନୂତନ ନାମପ୍ରଭ କାଳେ କେହି ... ଏହି ହେତୁ ଏବଂ "ଫାର୍ସ" ... ହୋଇ ନ ଥିବା ହେତୁ ... ଶବ୍ଦ ବସାଇଅଛୁଁ । ଜ

Digitized by srujanika@gmail.com

ଦିବ୍ୟ ସେବାଇଥା ଏ କେବେ ନାମକରଣ ପଦ୍ଧତିର ଯେ ଦୋଷ ହୋଇଅଛୁ ତାହା ବୋଧହୁଏ ପାଠକେ ମାର୍ଜ୍ଜନା କରିବାକୁ କୁଣ୍ଠିତ ହେବେ ନାହିଁ । ଇତି ।

କଟକ } ଆପଣଙ୍କର
୮।୩।୮୮ } ଶ୍ରୀ ରାମଶଙ୍କର ରାୟ

---

ମହାଶୟ !

ନିମ୍ନଲିଖିତ ବିଷୟଟିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ପ୍ରଦାନ କରି ବାଧିତ କରିବା ହେବେ !

ଗତମାସ ସୋମବାର ଫିବୃଏରୀ ତା ୨୭ ରଖେ ଶ୍ରୀପୁରୁଷୋତ୍ତମକ୍ଷେତ୍ରରେ ଶ୍ରୀଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ଦୋଳୋତ୍ସବ ସୁଚାରୁରୂପେ ନିର୍ବାହିତ ହୋଇ ଯାଇଅଛି । ପୂର୍ବ ଚତୁର୍ଦ୍ଦଶୀଦିନରେ ଦୋଳବେଦୀ ନିକଟରେ ମେଣ୍ଢାପର ପୋଡ଼ି ହୋଇଥିଲା । ଛଣ ଓ ବାଉଁଶରେ ଦୀର୍ଘ ବର୍ତ୍ତୁଳ ଆକାରରେ ଗୋଟିଏ କୁଟୀର ପ୍ରସ୍ତୁତ ହୁଏ । ସେଠାରେ ଚତୁର୍ଦ୍ଧୋଳ ନାରାୟଣମୂର୍ତ୍ତି ଦୋଳଗୋବିନ୍ଦ ଲକ୍ଷ୍ମୀ ସରସ୍ୱତୀ ଆଦି ବିମାନରେ ଉପସ୍ଥିତ ଓ ହୋମ ହେଲା ଉତ୍ତାରୁ ମେଣ୍ଢାପରେ ଅଗ୍ନି ଦିଆ ଯାଏ; ଯାତ୍ରିମାନେ ଅଣିଥିବା ନାଡ଼ିଆ ଗଛ ସମୂଳ ଉକ୍ତ ମେଣ୍ଢାପର ଉପରେ ଜମା କରିଥାନ୍ତି; ତେଣୁ ଅଗ୍ନି ପ୍ରଜ୍ୱଳରୂପେ ଦୀର୍ଘଶିଖା ବିସ୍ତାର କରି ପ୍ରଜ୍ୱଳିତ ହୁଏ । ଦେବତାମାନେ ବିମାନସ୍ଥ ହୋଇ ସାତଥର ଉକ୍ତ ଅଗ୍ନିକୁ ପ୍ରଦକ୍ଷିଣ କରି ନିଜ ମନ୍ଦିରକୁ ପ୍ରତ୍ୟାଗତ ହୁଅନ୍ତି ।

ପୌର୍ଣ୍ଣମୀଦିନ ବେଳ ସାତଘଡ଼ି ସମୟରେ ଶ୍ରୀମନ୍ଦିରରୁ ଲକ୍ଷ୍ମୀ ସରସ୍ୱତୀ ଓ ଦୋଳଗୋବିନ୍ଦ ସମାରୋହରେ ବାହେର ହୋଇ ଦୋଳରେ ବସିଲେ । ପୂର୍ବରୁ ବେଦୀର ଚତୁଃପାର୍ଶ୍ୱରେ ପଶୁ ଶ୍ରେଣୀ ତଣା ଯାଇଥିଲା ! ଖଣ୍ଡଯୋଡ଼ା ପ୍ରଭୃତି ନିମ୍ନଦ୍ୱାର ଦୋକାନମାନ ଶ୍ରେଣୀବ ହୋଇ ବସିଥିଲା । ଦର୍ଶନାର୍ଥୀମାନେ ଅମୁକ ପଶୁ କଣ କଷ୍ଟରେ ହିଁ ଲୋକଙ୍କର ମଧ ହେଲା । ଏଯାତ୍ରା ସମ୍ବନ୍ଧରେ ହେବାରୁ ସ୍ଥାନୀୟ ଯାତ୍ରୀଙ୍କ ସଂଖ୍ୟା ଅନ୍ୟାନ୍ୟ ଥର ଅପେକ୍ଷା କମ ହୁଏ । ଏ ସମୟରେ ପଶ୍ଚିମାଞ୍ଚଳିକ ସଂଖ୍ୟା ବେଶି ହୋଇଥାଏ ମାତ୍ର ଏବର୍ଷ କମ ହୋଇଥିଲା । ପ୍ରାୟ ସାଙ୍ଗରେ କଳାଭ ପଣ୍ଡା ଯାତ୍ରୀ ଓ ପାଞ୍ଚଶତ ବଙ୍ଗାଳୀ ଯାତ୍ରୀ ଆସିଥିବେ ।

ରାତ୍ରପ୍ରହରକ ସମୟରୁ ଜେମା ନିକଟରେ ତୋରଣା ନ ଥିଲାଯାଏ ସାଙ୍ଗିବାଲାଙ୍କର ସ୍ଥାନାସ୍ତ-ଲୋକଙ୍କ ଯିବା ଆସିବାରେ ଦର୍ଶକଙ୍କ ସଂଖ୍ୟା ବୃଦ୍ଧି ହୋଇଥିଲା । ଏହି ସମୟରେ ଦୋଳଗୋବିନ୍ଦଙ୍କର ବେଶାନୁସାରେ ନାନାଭୋଗ ହେଲା ଉତ୍ତାରେ ପଣ୍ଡାମାନେ ଦେବ ଦେବୀଙ୍କୁ ଦୋଳରୁ ଉଠାଇଁ ମଣିବିମାନରେ ବସେଇ କରାଇଲେ ଓ ବାଟରେ ପଣ୍ଡାଭୋଗ ଖାଇ ମନ୍ଦିରବେଢ଼ାରେ ପ୍ରବେଶ ହେଲେ । ସେଠା ବିଧିମାନ ସମାପ୍ତ ହେଲା ଉତ୍ତାରୁ ଦଶଘଡ଼ି ରାତିକୁ ଯାତ୍ରା ଶେଷ ହେଲା ସୁତରାଂ ଜଗନ୍ନାଥ ସ୍ନାନବେଶ ହୋଇଥିଲେ ସେଠାରେ ଗହଳ ହୋଇଥିଲା । ଯାତ୍ରୀମାନଙ୍କର ବିଶେଷ କୌଣସି କଷ୍ଟ ହୋଇ ନାହିଁ । ଇନିସ୍ପେକ୍ଟରଙ୍କ ସହିତ ଏକଜଣ ବଙ୍ଗାଳୀର ମାରପିଟ ଛଡ଼ା ଅନ୍ୟ କୌଣସି ଦୁର୍ଘଟନା ହୋଇ ନାହିଁ । ବଡ଼ସୁଖର ବିଷୟ ଯେ ଅନ୍ୟାନ୍ୟ ବର୍ଷପରି ବସନ୍ତକା ଦେବୀଙ୍କର ପ୍ରାଦୁର୍ଭାବ ନାହିଁ ।

ଏହି ଯାତ୍ରାରେ ଗୋଟିଏ ନୂତନ ଦୃଶ୍ୟ ଆମ୍ମାନଙ୍କର ଦୃଷ୍ଟିଗୋଚର ହେଲା । ନିର୍ଯ୍ୟାତ୍ରର ଅନ୍ତଃର ଏକଶ୍ରେଣୀ ଅର୍ଦ୍ଧଦ୍ୱାରମୁକ୍ତ ପାଲିକିରେ ବସିଥିଲେ ତାହା ଗୃହପାଶରେ କେତେକ ଜଣ ପରଗ୍ରହଣ ଓ ପଇଁଗ୍ରହଣୀ ମିଳି ବାଦ୍ୟ ବଜାଇ ସୁମଧୁର ସ୍ୱରରେ ବାସନ୍ତିକ ଗାନକରି ଯାଉଥିଲେ । ଅତଏବ କୌଣସି ପଶ୍ଚିମା ଭଦ୍ର ମହିଳାମାନଙ୍କ ସଙ୍ଗେ ମଧ ସେହିପରି ଅନୁଷ୍ଠାନ ହେଉଥିବାର ଦେଖାଗଲା ।

ପୁରୀ } ବଶମ୍ବଦ
୪।୩।୮୮ } ଜଣେ ଦର୍ଶକ

---

To The Editor of the Utkal Dipika

Sir

I shall be obliged by your publishing in your columns the following resolutions passed at the first general meeting of the Orissa Graduates and undergraduates Association held on the 3rd instant at the premises of the Peary Mohun Academy.

Resolution I :— That an association be organised consisting of the graduates and undergraduates in Orissa and be styled the "Orissa graduates and undergraduates association.

Resolution :— That the objects of the association be

(a) to take up matters of educational interest;

(b) to discuss questions of political, social and literary importance; and

(c) if necessary to take constitutional steps to give practical effect to the above.

Resolutions III :— That the following gentlemen be elected as office-bearers

Babu M. S. Das M. A. B. L. President
" G. N. Chowdhury B. L. Vice Do.
" H. C. Ghose B. L. Secretary
" B. B. Palit B. A. Asst. Secretary

Resolution IV :— That the following gentlemen constitute a Sub-Committee to frame rules for regulating the proceedings of the association within 20 days.

Babu G. N. Chowdhury B. L.
" H. C. Ghose B. L.
" G. P. Das B. A.
" B. N. Das B. A.
" J. N. Bose B. L.

Resolution V :— That the following gentlemen constitute a standing sub-Committee to take up matters of educational interest with powers to add to their number.

Babu G. N. Chowdhury B. L.
" G. P. Das B. A.
" B. N. Das B. A.
" H. C. Ghose B. L.
" B. N. Datta B. A.
" B. N. Bose B. A.
" C. M. Maharana
" A. K. Ghose
" N. C. Mittra
" R. S. Roy

Yours truly
Harish Chundra Ghose
*Secretary.*

---

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ବଳରାମ ଦାସ | ଭାଲି | ଅଗ୍ରିମ | ୫ ॥ |
| " " | " | ବକେୟା | ୫୧ । |
| " କୁଳମଣି ତ୍ରିପାଠୀ | କଟକ | ଅଗ୍ରିମ | ୫ ୧୦ |
| " ନଟବର ଦାସ ହେଡପଣ୍ଡିତ | କେନ୍ଦ୍ରାପଡ଼ା | " | [illegible] |
| " ଗୋବିନ୍ଦ ମଣ୍ଡଳ କଟକ | | " | ୫ ॥ |
| " ଭୁବନେଶ୍ୱର ମଣ୍ଡଳ ବାଲେଶ୍ୱର | | " | ୫ ॥ |
| " ମଧୁସୂଦନ ପଟ୍ଟନାୟକ | କଟକ | " | ୫ ॥ |
| " ବସନ୍ତ [illegible] ଦାସ | କଟକ | " | ୫ ॥ |
| " ଚୌଧୁରୀ ମହାଦେବ ମହାପାତ୍ର | କଟକ | " | ୫ ॥ |
| " " | | " ବକେୟା | ୫ ॥ |

Digitized by srujanika@gmail.com

Split by PDF Splitter



# ବି ଜ୍ଞା ପ ନ ।

ନୂତନ ପୁସ୍ତକ ।

## କଳିକାଳ ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଚାରିଅଣା । ମୋଫସଲକୁ ପଠାଇବା- କାରଣ ଦୁଇପଇସାର ଡାକଟିକଟ ଲାଗିବ ।

NOTICE.

TO BE LET OR SOLD

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to
Hadjee Dadamia Abdool Sálam
Managing Agent for Hajee Jackaria
Mohomed &c.

ବିଜ୍ଞାପନ ।

କେହି କେଉଁସ୍ଥାନରେ ନେବାକୁ ଇଚ୍ଛିଲେ କିମ୍ବା ଖରିଦ କରିବା ନିମନ୍ତେ ଇଚ୍ଛିଲେ ନେଇ ପାରନ୍ତି ।

ନୋ ୨ ଟା ବଙ୍ଗଳା ଚାଉଳିଆଗଞ୍ଜଠାରେ ଅଛି ।

୧ ଦୋମହଲା ପକ୍କାକୋଠି ବାଜେଘର ଓ ବଗିଚା ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାଲକନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ତାହାର ବାଜେଘର ଲାଗିଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ତାହାର ବାଜେଘର ଓଗେର ନଂ ୧୩ ମୁଦ୍ର ପଲଟଣ ଲାଇନ ମଧ୍ୟରେ ଅଛି । ତାହାର କେବଳ ପ୍ରତିମାସକୁ ଟ ୩୭ ଙ୍କା ଅସୁଲ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାଜେଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରଣୀ ଓ ବଗିଚା ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରନ୍ତେ
ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲାମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ହାଜିବେ ଶ୍ରୀ ହାଜି ଜକରିଆ
ମହମଦ କମ୍ପାନୀ ।

NOTICE.

Babu Kali Pada Banergy having liberally offered a Silver Medal to the best essay in Urdu " on the present condition of the Mahamedans and how to improve it " all the regular and Ex-Officio members of the JALSAI FAIZIAM CUTTACK and those who will be enlisted as such upto the 30th April 1888 are invited to compete.

The essay should be sent in sealed covers to the address of the undersigned up to the 15th May, 1888.

CUTTACK,
JALSAI FAIZIAM
7th March, 1888.

J. S. Rout.
Sutahat Cuttack.

ବିଜ୍ଞାପନ ।

। ଦୁ । କଟକ ମିଉନିସିପାଲିଟି ।—

## ଇସ୍ତିହାରନାମା କଟେ- ରୀ ମିଉନିସିପାଲିଟି ସହର କଟକ ।

ଯେହେତୁ ନିମ୍ନଲିଖିତ ଘାଟମାନଙ୍କରେ ମନୁଷ୍ୟ ଆଦି ପାରହେବାର କର ସ୍ୱେଚ୍ଛାମ ଅଦାୟ କରିବାକୁ ସ୍ୱତ୍ୱକୁ ଡାକନୀଲାମରେ ସନ ୧୮୮୮ ମସିହା ଅପ୍ରେଲ ମାସ ତା ୧ ରିଖଠାରୁ ସନ ୧୮୮୯ ମସିହା ମାର୍ଚ୍ଚମାସ ତା ୩୧ ରିଖ ପର୍ଯ୍ୟନ୍ତ ଏକବର୍ଷ ନିମନ୍ତେ ମୁସ୍ତାଜରୀ ଦିଆ ଯିବ ଓ ଉକ୍ତ ନୀଲାମ ହେବା ନିମନ୍ତେ ଚଳିତ ସନ ୧୮୮୮ ମସିହା ଚଳିତ ମାର୍ଚ୍ଚ ମାସ ତା ୧୯ ରିଖ ରୋଜ ସୋମବାର ଦଶ ଘଣ୍ଟା ସମୟରେ କଟକ କଲେକ୍ଟର କଚେରୀ ହତା ମଧ୍ୟସ୍ଥିତ ମିଉନିସିପାଲ କଚେରୀ ସ୍ଥିର କରାଯାଇ ଅଛି ଅତଏବ ଏହାଦ୍ୱାରା ପ୍ରଚାର କରାଯାଉ ଅଛି ଯେ ଯଦି କେହି ଉକ୍ତ ଘାଟମାନ କିମ୍ବା ତହିଁ ମଧ୍ୟରୁ କୌଣସି ଘାଟ ନୀଲାମ ଖରିଦ କରିବାକୁ ଇଚ୍ଛା କରନ୍ତି ଥିବେ ତେବେ ସେ ସ୍ୱୟଂ କିମ୍ବା କ୍ଷମତାପ୍ରାପ୍ତ କାରପରଦାଜ ଦ୍ୱାରା ଉକ୍ତ ତାରିଖ ସମୟ ଓ ସ୍ଥାନରେ ଉପସ୍ଥିତ ହୋଇ ନୀଲାମ ଖରିଦ କରି ପାରିବେ ।—

ନୀଲାମର ସର୍ତ୍ତ ।

୧ । ନିରୂପିତ ଦିବସର ବେଳ ଦଶ ଘଣ୍ଟା ସମୟରେ ନୀଲାମ ଡାକ ଆରମ୍ଭ ହେବ ଓ ଘାଟମାନ ପୃଥକ୍ ପୃଥକ୍ ଡାକ ହେବ । ସର୍ବାପେକ୍ଷା ଅଧିକ ଡାକିବା ବ୍ୟକ୍ତିର ଆଚରଣ ଓ ଅବସ୍ଥା ଓ ତାହାଦ୍ୱାରା ଘାଟକର୍ମ ନିର୍ବାହ ହେବାର କ୍ଷମତା ନୀଲାମସମୟରେ ବିବେଚନା ହୋଇ ତାହାର ଡାକ ମଞ୍ଜୁର କରାଯିବ ।

୨ । ନୀଲାମ ଶେଷ ହେଲା କ୍ଷଣି ସାଲିଆନା ଜମାର ଚତୁର୍ଥାଂଶ ତତ୍କ୍ଷଣାତ୍ ଡିପାଜିଟ କରିବାକୁ ହେବ ତାହା ନ ହେଲେ ଘାଟ ପୁନଃ ନୀଲାମ କରାଯାଇ କ୍ଷତିପୂରଣ ଟଙ୍କା ପ୍ରଥମ ଖରିଦଦାରଠାରୁ ଆଦାୟ କରାଯିବ ।

୩ । ସାଲିଆନା ଜମା ନିମ୍ନଲିଖିତମତେ ଆଦାୟ କରିବାକୁ ହେବ ।

କେବଳ ବର୍ଷା ସମୟେ ଚଳିପ୍ରଚଳ ହେବ ଘାଟମାନଙ୍କର ।

| | | | |
|---|---|---|---|
| ୧ମ କିସ୍ତି ସନ ୧୮୮୮ | ଜୁଲାଇ ତା ୧ ରିଖ | | ଟ ୦ ⁄ |
| ୨ୟ " | " | ଅଗଷ୍ଟ ତା ୧ ରିଖ | ଟ ୦ । |
| ୩ୟ " | " | ସେପ୍ଟେମ୍ବର ତା ୧ ରିଖ | ଟ ୦ । |
| ୪ର୍ଥ " | " | ଅକ୍ଟୋବର ତା ୧ ରିଖ | ଟ ୦ ⁄ |
| ୫ମ " | " | ନବେମ୍ବର ତା ୧ ରିଖ | ଟ ୦ ⁄ |
| ୬ଷ୍ଠ " | " | ଡିସେମ୍ବର ତା ୧ ରିଖ | ଟ ୦ ⁄ |
| ଟଂ | | ଅର୍ଥାତ୍ ଷୋଳପଣ | ଟ ୧ ୧ |

ବାରମାସି ଚଳପ୍ରଚଳ ହେବା ଘାଟମାନଙ୍କର ।

| | | | |
|---|---|---|---|
| ୧ମ କିସ୍ତି | ତା ୧ ରିଖ ମେ ସନ ୧୮୮୮ | | ଟ ୦ ⁄ |
| ୨ୟ " | ତା ୧ ରିଖ ଜୁନ | " | ଟ ୦ ⁄ |
| ୩ୟ " | ତା ୧ ରିଖ ଜୁଲାଇ | " | ଟ ୦ ⁄ |
| ୪ର୍ଥ " | ତା ୧ ରିଖ ଅଗଷ୍ଟ | " | ଟ ୦ ⁄ |
| ୫ମ " | ତା ୧ ରିଖ ସେପ୍ଟେମ୍ବର | " | ଟ ୦ ⁄ |
| ୬ଷ୍ଠ " | ତା ୧ ରିଖ ଅକ୍ଟୋବର | " | ଟ ୦ ⁄ |
| ୭ମ " | ତା ୧ ରିଖ ନବେମ୍ବର | " | ଟ ୦ ⁄ |
| ୮ମ " | ତା ୧ ରିଖ ଡିସେମ୍ବର | " | ଟ ୦ ⁄ |
| ଟଂ | ଅର୍ଥାତ୍ ଷୋଳପଣ | | ଟ ୧ ୧ |

୪ । ଯେଉଁ ଘାଟରେ ଯେତେ ଖଣ୍ଡ ନୌକା ଓ ପାଟି ରଖିବାକୁ ହେବ ଓ ଯେଉଁ ହାରରେ ମାସୁଲ ଆଦାୟ ହେଉଅଛି ତାହାର ପୃଥକ୍ ତାଲିକା ଏ ପକ୍ଷେ କବୁଲିୟତରେ ଲେଖାଯିବ ।

୫ । ନୀଲାମ ଶେଷ ହେଲା କ୍ଷଣି ମୁସ୍ତାଜିରକୁ ଅଙ୍ଗୀକାରନୁସାରି ଷ୍ଟାମ୍ପକାଗଜ ଦାଖଲ କରିବାକୁ ହେବ ଯେ ତହିଁରେ କବୁଲିୟତ ଲେଖା ହୋଇ ଚଳିତ ମାସ ତା ୩୧ ରିଖ ସୁଦ୍ଧା

Digitized by srujanika@gmail.com

ଦାଖଲ ନ ହେଲେ ମୁସ୍ତାଜରଙ୍କୁ ଘାଟରେ ଦଖଲ ଦିଆଯିବ ନାହିଁ ।

ତଫସିଲ ଘାଟ ।

ମହାନଦୀ
୧ ଯୋବ୍ରା ଯାତ୍ରି ଘାଟ ।
୨ ଲମ୍ବା ଘାଟ ।
୩ ଚଣ୍ଡୀପଡ଼ା ଗୁଜଘାଟ ।
୪ ଉଦ୍ଧୁଆ ଘାଟ ।
୫ କଣପଡ଼ି ଓ ମଙ୍ଗଳେଶ୍ୱର ଘାଟ ।

କାଠଯୋଡ଼ି ନଦୀ
୧ ଖିଂକିରିଆ ଘାଟ ।
୨ ଗାନ୍ଧନଗର ଯାତ୍ରି ଘାଟ ।
୩ ଫତେମୁଣ୍ଡା ଘାଟ ।
୪ ଉଛା ଘାଟ ।
୫ ସାହାରା ଘାଟ ।
୬ କାଜିପାଟଣା ଘାଟ ।

ତା ୭ ରିଖ ମାହେ ମାର୍ଚ୍ଚ ସନ ୧୮୮୮ ମସିହା ।—

J. C. Chunder
Vice-Chairman

# ମେହରୋଗ ।

୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଲାର୍ଦ୍ଧ ଗୋଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରି ନୁହେ ।

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଣୁ ବିଶ୍ୱାସରେ ପରୀକ୍ଷା କ ହେଲେ ଅଭ୍ରଣିକ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତିକାକାରରେ ପ୍ରକାଶ ହେବ କଲିକତା ଅପ୍‌ପରସ୍କୁଲ ନଂ ୩ ନମ୍ବର ଭବନରେ ସ, କେ, ଗନ ଙ୍କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶିକୁ ୨॥ ଟଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଷ୍ଟିମେଟ ମାଗିଲେ ମିଳିବ ।

# ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୋପୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଜୁନଦତ୍ତ ଏଣ୍ଡ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୭ ପଣି | କାଗଜ | ଦ ୧୬ | ୨।୵୦ | ଦ ୧୬ ୦ ୵୭ |
| ୧୨ ପଣି | „ | „ | ୨।୵୦ | „ ୦ ୵୦ |
| ୧୨ ପଣି | „ | „ | ୨। | „ ୦ ୵ |
| ୩୦ ପଣି | „ | „ | ୨॥ | „ ୦ ।୵୭ |

କ୍ରେତାମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୫ ମ କା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଓଦବର୍କୋଣା ଓ କମ୍ବଳ ଓ ରେସମୀଓଣେର ଲୁଗା ଓ ଷ୍ଟେସନେରୀ ଓ ନାନା ଜାତୀ ଜିନିଷ ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍‌ଭିନ୍ନ ଆଉ କେତେକ ଫେସନ ଜିନିଷମାନ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବଙ୍ଗଳାର ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଏବଂ ଉକ୍ତ ଗାଡ଼ିମାନ ବିକ୍ରୟ ହେବା ଏବଂ ଅପଣା ମଫସଲ ସକାଶେ ଭଡ଼ା ଦେବାନ୍ତି ହେଲେ ଏକ ଗାଡ଼ିକୁ ପ୍ରତି ବର୍ଷ ୫୦୵୭ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ତାହାର ରଥ ଖର୍ଚ୍ଚାଦିର ଭାର ତାଙ୍କ ଉପରେ ଥିବ । ନଷ୍ଟ ହେଲେ ଗାଡ଼ିର ପୂର୍ଣ୍ଣ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ତଫସିଲ ।

ଉତ୍ତର ସେଲସା ଓ ରଙ୍ଗରେ ରଙ୍ଗ ହେଲେ ହେଲେ ।
ନେପୋଲିୟନ
ବିଲେଇତି ରେଲ ଚଦରା ଖେଳ ସାମଗ୍ରୀ ଓ ଟୋପି ସହିତ ।
ତୁରଂ ଅର୍ଗାନ ବଟନା ନଳିକା ଗାଜର ଫେନ୍‌ସିଲ ଓ କଲମ ।
ପେନ୍ସିଲ ବାକ୍‌ସ ରସ୍ତା ।
ନାନା ପ୍ରକାରର ଦର୍ପଣ ଓ ଲଣ୍ଠନ
ଚାଦ ପିଲସ ଓ ବଡ଼ ରଙ୍ଗିନ ଓ ଶାଢୀ
ବନାତ ଟେବେଲ
ଉତ୍ତମ ଦୂରଦର୍ଶକ ଏବଂ କ୍ଷୁର
ନେଲସନ ଉପୋର ଷମ ହେରନ୍ତ୍ରୀ ଅଧିକ
ମାର୍ବ୍ଲ ବାଟି ଜୁତାରେ ଦଣ୍ଡ ହେଲେ ଖୋଲା କରେ କରିବ ହେବ ନାହିଁ ।
ବ, ଜୋନ୍ସନ ସ୍ମିଥ ଜାମିନ ଓ କଳସୀ ।

ଟେନ୍ନିସ ଭାଷ ।
ଟେବଲ ଛୁରି ।
ନୂତନ ଘାଟ ।
ଚାକାର ସାବାନ ଅର୍ଦ୍ଧ ହେ ସୁଗନ୍ଧୀ ଘରଖ୍ୟାନ ଦ୍ରବ୍ୟ ।
ଅଣ୍ଡୋରି ଗ୍ଲେଜ—ଅର୍ଥାତ୍ ସୁଲଭୀ ବଗିଚ ।
ଚଟିଲ କୁଣ୍ଡ ।
ଓଁ୍ୟାଟର ସୁପ ଛଡ଼ି ।
କର୍ପିନ ଅଳ ।
ଜୋଟେରଭାଲିନ ।
ଗୋରସ୍କୁଲିନ ହେଡ଼ଲେମ୍ପ ଓ ଡଜନ ଗୋଲ ଗୁଲେ ଏଥି
କ୍ରୁଲାଇ ଲାଇ ଅର୍ଥାତ୍ ଲେଖିବାବେଳେ ଘଲ ଓ ଶୁଖିଲେ କଳା ହେବ ।
ଅପଣା ଚଟ୍ଟ
୧୨ × ୧୦ ଇଞ୍ଚ
୧୫ × ୧୨ ଇଞ୍ଚ
ପକେଟବୁକ ପଂଷଣ ପାଇଁ ସହିତ ୨ ୦ ।୵୭
ମୋଜା ଓ ଗୋଲାପଜ ଜଗନ ଏଥି ନଗଗୋଟ
ବଟଗଣ ସାବାଜ କଳା
ବଡ଼ି ଓ ପାଲକର ଚୌକି ଫିତା
ଜନସନ ଅନ୍ୟତ୍ରେଷ୍ଟ
ଏକନ ଚାବିଗ ।
ଶୁଷକ ପେନ ।
ଅଟମେଟିକ ପେନ୍‌ସିଲ୍ ଅର୍ଥାତ୍ ଏ ପେନ୍‌ସିଲ୍‌ରେ ଲେଖି କଲମ ପେସ ଲଳ ଲଗାଇ ସେହି ପେନ୍‌ସିଲ୍ ଲେଖା ଉପରେ ଦେଇ ଉପାଇ ଦେଲେ ତର୍ଜ୍ଜମ ହଳ ଲ ପଡ଼େ ।
ଜପିଙ୍ଗ ପେପର ।
ଜପିଙ୍ଗ ଟେବଲଟେ କଣ୍ଟା ବାଲ ଗାଡ ।
ଉକଲର ଷ୍ଟୋପର ଅର୍ଥାତ୍ ଶରୀର କଣ୍ଡଲ ଗାଡ଼ିବାର ଉଦର ।
ମନଲାମା ।
ଚେକ୍ ବୁ ପେନ୍‌ସିଲ୍ ।
ସନ ହୋଟଲ
କଳାଉଣ୍ଟି ଗଣ୍ଡା ଓ ଯୋଡ ଓ ଲଉ
ମଲବୃନ୍ଦାବନ ଓ ଇଁଟ ପାଇ ପାଟଯୋଡ ଓ ଶାଢ଼ୀ ।
ପ୍ରିଣ୍ଟିଂ କାର୍ଡ,

# ପିଚଗାର ।

ଏ ଘାରକୁ କେଉଁଣସି ପାତ୍ରରେ ଭର୍ତ୍ତି ନିଅଁରେ ଗରଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଝିଅରେ ଲେପିଦେଲେ ମଇଳା ଓ ଧୂଳ ଧରିବ ନାହିଁ ।

ବଗିର ଚମଡ଼ା ଓ ସାଜରେ ଲଗାଇବାର ଯୋଗ୍ୟ ମଧ୍ୟ ଅଛି ।

ଅର୍ଜୁନଦତ୍ତ ଏଣ୍ଡ କମ୍ପାନୀ

ଓଡ଼ିଶାପତ୍ରିକାରେ ବିଜ୍ଞାପନ ଛପାଇବାର ଦର ଉଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ୨ ୦୵ |
| ଅର୍ଦ୍ଧ ସ୍ତମ୍ଭକୁ | ୨ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ୨ ୩ |

ମାତ୍ର କୌଣସି ବିଜ୍ଞାପନ କେବେ ୮୦ ହେବ ଊର୍ଦ୍ଧ୍ୱ ଅର୍ଦ୍ଧ ୨ ୫୦ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଏହି ଦରର ଅର୍ଦ୍ଧ ନିଆ ଯିବ ।

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter

Digitized by srujanika@gmail.com

GISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଶ
ସଂ ୧୨ ସଂଖ୍ୟା

ତା ୨୪ ଋଶ ମାହେ ମାର୍ଚ୍ଚ ସନ ୧୮୮୮ ଇହିସ୍ତା । ମ । ଚୈତ୍ର ବ ୧୩ ନ ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୬

ବଶିପଡ଼ାରୁ ଜଣେ ପତ୍ରପ୍ରେରକ କନମାଳର ନୂତନ ଏକଷ୍ଟ୍ରା ତହସିଲଦାର ମୁନସି ମହମ୍ମଦଅଲିଙ୍କି ପ୍ରଶଂସା କରି ସେଠାରେ ତାହାଙ୍କୁ ବାହାଲ କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଏ ଅନୁରୋଧର ପୋଷକତା କରୁଅଛୁଁ । ମୁନସି ମହମ୍ମଦଅଲି ଜଣେ ବିଚକ୍ଷଣ କ୍ଷମତାପନ୍ନ ଓ ସଦ୍ବିବେଚକ କର୍ମ୍ମଚାରୀ ଅଟନ୍ତି । ବୈରିଙ୍ଗା ବିସିପଲ୍ଲି ଓ କନମାଲ ସକଳ ସ୍ଥାନରେ ପ୍ରଜାଙ୍କର ପ୍ରିୟପାତ୍ର ହୋଇଅଛନ୍ତି କାରଣ ପ୍ରଜାଙ୍କ ଅଭାବ ଓ ଉନ୍ନତି ବିଷୟକୁ ତାହାଙ୍କର ସର୍ବ୍ବଦା ଦୃଷ୍ଟି ଥାଏ ଏପରି ଲୋକର ଉନ୍ନତି ନ ହେଲେ ଆଉ କାହାରି ହେବ ।

—*—

ଓଡ଼ିଆ ଓ ନବସମ୍ବାଦରେ ପାଠକଙ୍କୁ ଜ ଜମିଦାର ରାଜା ନରସିଂହଚରଣ ସିଂହଙ୍କ ପରଲୋକଗମନରେ ତାହାଙ୍କ ପୁତ୍ର ତାହାଙ୍କ ସ୍ଥାନ ଅଧିକାର କରିବାରୁ କନିଷ୍ଠ ପୁତ୍ରଙ୍କ ସଙ୍ଗେ ତାଙ୍କ ପିତୃବ୍ୟଙ୍କର ମନାନ୍ତର ଘଟିଅଛି । ଏହି ପ୍ରକାର ଗୃହବିବାଦରେ ଓଡ଼ିଶାର ବଡ଼ ବଡ଼ ଘରମାନ ନଷ୍ଟ ହେବାର ପ୍ରତ୍ୟକ୍ଷ ଦେଖି ସୁଦ୍ଧା ଯେ ଲୋକଙ୍କର ଚେତନା ହେଉ ନାହିଁ ବଡ଼ ଦୁଃଖର ବିଷୟ । ଘରକୋଉଡ଼ି କଳିର ମୂଲ୍ୟ ଅନ୍ଧକାର ପ୍ରଭୃତି ଖାଇଯିବେ ସେଥିରେ ଶୋଚନା ନାହିଁ ବରଂ ଆନନ୍ଦ ମାତ୍ର ଆପଣାଙ୍କର ସ୍ୱଭୂମି ସମ୍ପତ୍ତିକି ଖାଇବାରୁ ହେଲେ ନାହିଁ । ଏ ବିଷୟର ଯେତେଦିନ ଅବସାନ ନ ହେବ ସେତେଦିନ ମଙ୍ଗଳ ନାହିଁ ।

——

ଓଡ଼ିଶା ରେଲବାଟ ଶୀଘ୍ର ନିର୍ମାଣନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ପୁନର୍ବାର ଆବେଦନ କରିବାନିମିତ୍ତ ଆଗାମୀ କାଲି ସନ୍ଧ୍ୟା ସାତ ଘଣ୍ଟାସମୟରେ ଉତ୍କଳସଭାର ଗୋଟିଏ ଅଧିବେଶନ ହେବ । ପୁନର୍ବାର ଆବେଦନ କରିବାର ପ୍ରୟୋଜନ ଏହି କି ଓଡ଼ିଶା ଅର୍ଥାତ୍ ପୁରୀ କଟକ ବାଲେଶ୍ୱର ରେଲବାଟର ତଦନ୍ତକାର୍ଯ୍ୟ ଅନେକଦିନରୁ ଶେଷ ହୋଇଅଛି କେବଳ କାର୍ଯ୍ୟାରମ୍ଭ ହେବାର ବାକି । ଏଥିରୁ ଅନ୍ୟାନ୍ୟ ରେଲପଥ ଗବର୍ଣ୍ଣମେଣ୍ଟଙ୍କର ସୁଦୃଷ୍ଟି ପଡ଼ୁଥିବାରୁ ଏହି ଆବଶ୍ୟକୀୟ ରେଲ କେବଳ ପଛକୁ ପଡ଼ିଯାଉଅଛି । ଆମ୍ଭମାନଙ୍କ ଅଭାବ ପୁନଃ ପୁନଃ ଜଣାଇଲେ କର୍ତ୍ତୃପକ୍ଷଙ୍କ ବିରକ୍ତି ହେବ ନାହିଁ । ଅତଏବ ଆଶା କରୁ କି ଓଡ଼ିଶାର ସକଳ ସଭ୍ୟସମିତି ଏ ବିଷୟରେ ତତ୍ପର ହେବେ ।

——

ଲର୍ଡ ଡଫରିନ ପୁଲିସ ଇନ୍‌ସ୍ପେକ୍ଟରର ପଦ ଉଠାଇ ଦେଇ ସବଇନ୍‌ସ୍ପେକ୍ଟର ଏବଂ ହେଡ୍‌କନଷ୍ଟବଲମାନଙ୍କର ବେତନ ବୃଦ୍ଧି କରିବାର ପ୍ରସ୍ତାବ କରିଅଛନ୍ତି ବୋଲି ସଞ୍ଜୀବନୀରେ ଲେଖାଅଛି । ମାମଲା ଅନୁସନ୍ଧାନ ଓ ଅପରାଧ ପ୍ରତି ଦୃଷ୍ଟି ରଖିବା କାର୍ଯ୍ୟମାନଙ୍କର ଗୁରୁଭାର ସବଇନ୍‌ସ୍ପେକ୍ଟର ଓ ହେଡ୍‌କନଷ୍ଟବଲମାନଙ୍କ ଉପରେ ରହିଥିବାରୁ ସେମାନଙ୍କର ବେତନ ବୃଦ୍ଧି କରିବା ଏବଂ ଯୋଗ୍ୟ ଲୋକଙ୍କୁ ଉନ୍ନତି ଅର୍ପିତ କରିବା ନିତାନ୍ତ ଉଚିତ ଏ ବିଷୟରେ ସନ୍ଦେହ ନାହିଁ କିନ୍ତୁ ଇନ୍‌ସ୍ପେକ୍ଟରୀ ଉଠାଇ ଦେବା ଅପେକ୍ଷା ଅତିରିକ୍ତ ସୁପରିଣ୍ଟେଣ୍ଡେଣ୍ଟ ଉଠାଇ ଦେବାରୁ ସମ୍ଭାବନା ଯାହା ପ୍ରସ୍ତାବ କରିଅଛନ୍ତି ତାହା ଆମ୍ଭମାନଙ୍କ ମନକୁ ଅଧିକ ବୋଧ ହେଉଅଛି ।

——

ମଧ୍ୟପ୍ରଦେଶରେ ଏ ବର୍ଷ ଗହମଫସଲର ଅବସ୍ଥା ଅତି ସନ୍ତୋଷଜନକ ଅଟଇ । କେବଳ ଜବଲପୁର, ରାଏପୁର ଓ ବିଲାସପୁର ଏହି ସ୍ଥାନମାନଙ୍କରେ ପୂର୍ବ ଫସଲରୁ ଦୁଇ ଏକ ଅଣା ଊଣା ହେବାର ସମ୍ଭାବନା କରୁଛି ଅନ୍ୟ ସମସ୍ତ ସ୍ଥାନରେ ପୂର୍ଣ୍ଣଫସଲ ଲାଭ ହେବାର ସମ୍ପୂର୍ଣ୍ଣ ଆଶା ଅଛି । ଗତ ଦିସେମ୍ବର ମାସରେ ବୃଷ୍ଟି ହେବାରୁ ଏପରି ହୋଇଅଛି । ପେଣ୍ଡିଫସଲ ଗହମ ପରି ଉତ୍କୃଷ୍ଟ ନ ହେଲେହେଁ ମନ୍ଦ ହେବ ନାହିଁ । କେବଳ ରାଏପୁର ଓ ବିଲାସପୁରରେ ଅଠପଣ ମାତ୍ର ଅନ୍ୟ ସବୁ ସ୍ଥାନରେ ବାରପଣ ବା ଅଧିକ ଫସଲଲାଭର ଆଶା ଦେଖାଯାଏ । ଗତବର୍ଷ ଗହମ ଅଳ୍ପ ଉତ୍ପନ୍ନ ହୋଇଥିଲା । ଏବର୍ଷ ଭଲ ଫସଲ ହେଲେ କାରବାରର ଅନେକ ବୃଦ୍ଧି ହେବ ।

——

ଶ୍ରୀଯୁକ୍ତ ମେଟକାଫ ସାହେବଙ୍କ ବିଦାୟ ଉପଲକ୍ଷରେ ବାବୁ ମଧୁସୂଦନ ଦାସଙ୍କ ଗୃହରେ

Split by PDF Splitter
Digitized by srujanika@gmail.com

Split by PDF Splitter



ଯେଉଁ ସଭା ହୋଇଥିଲା ତହିଁର ବିବରଣ ପ୍ରକାଶ କରି ସହଯୋଗୀ ସମ୍ବାଦବାହିକା ଲେଖିଅଛନ୍ତି "ମେଟକାଫ ସାହେବ ଓଡ଼ିଶାରେ ଛଅବର୍ଷରୁ ଅଧିକକାଳ ରହି ଏଠାରେ ଚିରସ୍ମରଣୀୟ ହେବା ଭଳି କୌଣସି କାର୍ଯ୍ୟ କରି ନାହାନ୍ତି ବା ଯାହା ସ୍ମରଣ କରି ଓଡ଼ିଶାବାସିମାନେ ରେଭେନସା କମିଶନରଙ୍କୁ ଯେପରି ଝୁରୁଅଛନ୍ତି ତାହାଙ୍କ ନିମନ୍ତେ ସେପରି ଝୁରିବେ । ଫଳକଥା ଓଡ଼ିଶା ଓର୍ଣ୍ଣଲି ସାହେବଙ୍କ ପାଇଁ ଯେପରି ଆନନ୍ଦିତ ହେବ ମେଟକାଫଙ୍କୁ ହରାଇ ସେପରି ଦୁଃଖିତ ହେବ ନାହିଁ ।" ଆମ୍ଭେମାନେ ଭରସା କରୁଁ ସହଯୋଗୀ ଏଣିକି ବୁଝିଅଛନ୍ତି ଯେ ମଧୁବାବୁ କେବଳ ମେଟକାଫ ସାହେବ ଓ ମେମଙ୍କୁ ଆପଣା କନ୍ୟା ବୋଲି ସମ୍ମାନ କରୁଥିଲେ ଓଡ଼ିଶାର କମିଶନର ବୋଲି ନୁହେ ।

—o*o—

ସିକିମ ବିରୁଦ୍ଧରେ ସମରସଜ୍ଜାର କାରଣ ଏହି କି ସିକିମସଙ୍ଗରେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଯେଉଁ ସନ୍ଧି ହୋଇଅଛି ତହିଁରେ ଅନ୍ୟାନ୍ୟ ବିଷୟମଧ୍ୟରେ ଏପରି ଗୋଟିଏ ନିୟମ ଅଛି କି ଅନ୍ୟ କୌଣସି ଦେଶର ସେନାଙ୍କୁ ସିକିମରାଜ ଆପଣା ଏଲାକାମଧ୍ୟରେ ରହିବାକୁ ଦେବେ ନାହିଁ ଓ ସେ ସ୍ୱୟଂ ଆପଣା ରାଜ୍ୟରେ ସର୍ବଦା ଥିବେ । ଏଥିରୁ ସିକିମର ବର୍ତ୍ତମାନ ରାଜା ଆପଣା ରାଜ୍ୟରେ ନ ଥାଇ ଅଧିକାଂଶକାଳ ତିବ୍ବତର ବାସ କରୁଅଛନ୍ତି ଏବଂ ତିବ୍ବତୀୟ ସେନାଙ୍କୁ ଆପଣା ରାଜ୍ୟରେ ରହିବାକୁ ଅନୁମତି ଦେଇଅଛନ୍ତି । ଅତଏବ ସନ୍ଧିର ନିୟମଭଙ୍ଗ ହେବାରୁ ଗବର୍ଣ୍ଣମେଣ୍ଟ ସେନାଙ୍କୁ ଚଳିତମାସ ତା ୧୫ ଖ ମଧ୍ୟରେ ସିକିମରୁ ଉଠିଯିବା କାରଣ ଗବର୍ଣ୍ଣମେଣ୍ଟ ସିକିମରାଜାଙ୍କୁ ଲେଖିଥିଲେ । ମିଆଦି ଶେଷ ହୋଇଅଛି । ବୋଧ ହୁଏତ ସିକିମରାଜ ଆପଣା ଭ୍ରମ ବୁଝିପାରି ଗବର୍ଣ୍ଣମେଣ୍ଟଙ୍କ ଇଚ୍ଛାନୁଯାୟୀ କାର୍ଯ୍ୟ କରିଅଛନ୍ତି ତାହା ହୋଇ ନ ଥିଲେ ବିପଦ ଉପସ୍ଥିତ ହେବ ।

———

ପୁରୀ କଲେକ୍ଟରୀର ଏକଷ୍ଟ୍ରା ନାଜର କୁଞ୍ଜବିହାରୀ ବାବୁ ରୋଡ଼ସେସ ଡୋର୍ଜୀ ଭୁଅ-ରୁଣ୍ଟ ବାବଦ ୬୪୦୮ ଟା ଶ୍ରୀ ରାମଦାସ ମଠମହନ୍ତଙ୍କଠାରୁ ଗ୍ରହଣ କରି ଆପଣା ହେପାଜତରେ ଜମା ନ ଦେଇ ଆତ୍ମସାତ କରିଥିବା ଅପରାଧରେ ଫୌଜଦାରୀ ସୋପର୍ଦ୍ଦ ହୋଇଅଛନ୍ତି ଓ ମହନ୍ତଙ୍କ କାଗଜପତ୍ର ତଦାରଖରେ ଭୁଇଁଖଣ୍ଡ ରସିଦ ବାହାରିଅଛି ଏ ସମ୍ବନ୍ଧରେ ଆମ୍ଭେମାନେ ଖଣ୍ଡିଏ ପ୍ରେରିତପତ୍ର ପାଇଅଛୁଁ ଓ ତହିଁରେ ଲେଖା ଅଛି କି ନାଜରଙ୍କା ସିରସ୍ତାଦାରଙ୍କ ଅଧୀନ ହେଲେହେଁ ଏକଷ୍ଟ୍ରା ନାଜର ସିରସ୍ତାଦାରଙ୍କ ଉପରେ ଥିବା ହେତୁ ତଦାରଖ ଶିଥିଳ ହେବାରୁ ଏପରି ଘଟିଅଛି । ମୋକଦ୍ଦମା ବିଚାରାଧୀନରେ ଥିବା ହେତୁରୁ କୌଣସି ମତାମତ ଦେବାକୁ ଇଚ୍ଛା ନ କରୁଁ କିନ୍ତୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ବାଲେଶ୍ୱରଠାରୁ ପୁରୀପର୍ଯ୍ୟନ୍ତ ସକଳ ସ୍ଥାନରେ ରୋଡ଼ସେସ ଟଙ୍କାସମ୍ପର୍କରେ ସର୍ବଦା ଗୋଳମାଳ ଘଟିବାର ଦେଖା ଯାଉଅଛି । ଏଥିର କି କୌଣସି ପ୍ରତିକାର ହେବ ନାହିଁ ।

———

ଅନୁଗୁଳର ବନ୍ଦୋବସ୍ତ ସମ୍ପର୍କରେ ଆମ୍ଭେମାନେ ଏକଖଣ୍ଡ ଅତିଦୀର୍ଘପତ୍ର ପାଇଅଛୁଁ ମାତ୍ର ସ୍ଥାନାଭାବଯୋଗୁଁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ପତ୍ରପ୍ରେରକ ଅନ୍ୟ କଥାମଧ୍ୟରେ ଲେଖିଅଛନ୍ତି କି ଗତ ଡିସେମ୍ବରମାସରେ ଶ୍ରୀଯୁକ୍ତ ଫିନୁକେନ ସାହେବ ସେଠାରେ ଥିଲାବେଳେ ସରବରାକାରମାନଙ୍କୁ ଡକାଇ କହିଲେ କି ତୁମ୍ଭେମାନେ ନିଜଖର୍ଚ୍ଚରେ ଆପଣା ଏଲକା ଜରିପ କରିଦେବ ଓ ନ କଲେ ତୁମ୍ଭମାନଙ୍କ ସରବରାକାରୀ କାଢ଼ି ନିଆଯିବ । ସରବରାକାରମାନେ ଅଗତ୍ୟା ଏ ପ୍ରସ୍ତାବରେ ସମ୍ମତ ହେଲେ ଉକ୍ତ ସାହେବ ପଏକରକୁ ୫ ଅଣାଲେଖାଏ ଜରିପଖର୍ଚ୍ଚା ଦେବାକୁ ଅଙ୍ଗୀକାର କଲେ । ମାତ୍ର ଏ ଆଦେଶ ସେମାନଙ୍କ ପ୍ରତି ବଡ଼ କଷ୍ଟକର ହୋଇଅଛି । ବିଦେଶୀୟମାନେ କାର୍ଯ୍ୟ କରିଥିଲେ ସେମାନଙ୍କ ପୂଜା ଉପଯୁକ୍ତିର ସରବରାକାର ଓ ପ୍ରଜାମାନଙ୍କର ଖର୍ଚ୍ଚ ଓ କଷ୍ଟ ତୁଳନା ସହ୍ୟ ମାତ୍ର ଏ ଆଦେଶକୁ ସେମାନେ ତଦପେକ୍ଷା କଠୋର ମନେ କରୁଅଛନ୍ତି । ଅନୁଗୁଳରେ ପ୍ରାୟ ୫୦୦ ସରବରାକାର ଅଛନ୍ତି । ଏମାନଙ୍କ ମଧ୍ୟରୁ ପ୍ରାୟ ତ ୨୦ ଜଣ ଜରିପ ଶିକ୍ଷା କରୁଅଛନ୍ତି । ଅନ୍ୟ ସମସ୍ତେ ଅନ୍ୟରୂପରେ ନିର୍ଭର କରିବାକୁ ବାଧ୍ୟ ହୋଇଅଛନ୍ତି । ସେ ଖଣ୍ଡିରୂପରେ ଭୁଲ ଭଣ୍ଡେଲ ମୁନ୍ତାରପଉଛଙ୍କ ଖର୍ଚ୍ଚା ଦେବାକୁ ହେବ ଏଥିରୁ ଅଧିକାଂଶ ସରବରାକାରଙ୍କ ଆୟୁ ଅଳ୍ପ ସେମାନେ କାହୁଁ ଏତେବ୍ୟୟ ନିର୍ବାହ କରିପାରିବେ । ଗବର୍ଣ୍ଣମେଣ୍ଟଙ୍କର ଏ ସବୁ ବିଷୟ ଉତ୍ତମରୂପେ ବିବେଚନା କରିବା ଉଚିତ ।

———

ଓଡ଼ିଶାରେ ଲବଣପୋକ୍ତାନ ଗୋଲମାଲ ଏବଂ ତଦ୍ବିଷୟ ସମ୍ବନ୍ଧରେ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ରେଜେଲ୍ୟୁସନ ଦ୍ୱାରା ନିୟମ କରିଅଛନ୍ତି ଏବଂ ସେ ସମସ୍ତ ଗତମାସ ତା ୨୨ ଖରେ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ନିୟମର ସଂଖ୍ୟା ୨୭ ଅଟଇ ଏବଂ ଲବଣବ୍ୟବସାୟି ଭିନ୍ନ ତାହାର ଲୋଡ଼ା ନ ଥିବାରୁ ଆମ୍ଭେମାନେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ଆମ୍ଭେମାନେ ମନୋଯୋଗପୂର୍ବକ ନିୟମ ସବୁ ପାଠ କରିଅଛୁଁ । ମାତ୍ର କୌଣସି ସ୍ଥାନରେ ପଙ୍ଗାଲୁଣ ପୋକ୍ତାନ ନଷ୍ଟ ହେବାର ଦେଖିଲୁଁ ନାହିଁ । ନିୟମାବଳୀରେ କେବଳ ଲୁଣଶବ୍ଦ ବ୍ୟବହାର ହୋଇଅଛି ଯୋଡ଼ା କି ପଙ୍ଗାର ଉଲ୍ଲେଖ ନାହିଁ । ଯେଉଁ ଲୁଣ ଖାଇବାର ଅଯୋଗ୍ୟ ହେବ କେବଳ ତାହାର ନିଷେଧ ହୋଇଅଛି । ଏଥିରୁ ଅନୁମାନ ହେଉଅଛି ଯେ ପଙ୍ଗାଲୁଣ ପୋକ୍ତାନର ନିଷେଧ ଆଜ୍ଞା ଇଣ୍ଡିଆ ଗବର୍ଣ୍ଣମେଣ୍ଟରୁ ହୋଇ ନାହିଁ ତାହା ଲବଣକମିଶନରଙ୍କ ନିଜର ଆଦେଶ ଅଟଇ । ନିୟମାବଳୀ ସମ୍ପର୍କରେ ମୋଟରେ ଆମ୍ଭେମାନେ ଏତିକି କହୁଥାଉଁ କି ସେ ସବୁ କେବଳ ଗେଜେଟକାରବାର ଉପରେ ଦୃଷ୍ଟି ରଖିବାକୁ ହୋଇଅଛି ଏବଂ ନିମକ ଅଶିଷ୍ଟାଣ୍ଟ କମିଶନରଙ୍କୁ ସକଳ ବିଷୟରେ ହସ୍ତକ୍ଷେପ କରିବାର ଅଧିକାର ଦିଆଯାଇଅଛି । ଯେଉଁମାନେ ଲୁଣ ପୋକ୍ତାନ କରାଇବେ ଏତିକି ନେହେ ସେମାନଙ୍କର ସ୍ୱାଧୀନ ଦଣ୍ଡମାତ୍ର ରହିବ ହୋଇ ନାହିଁ । ପଟ୍ଟାଦାରମାନେ ଏତେ କଠିନ ନିୟମର ଅଧୀନରେ ପୋକ୍ତାନ କରିବା ଲାଭଜନକ ନ ହେବାରୁ ତହିଁରୁ କ୍ଷାନ୍ତ ରହିବାର ଜଣାଯାଏ । ଠିକ ଯେମନ୍ତ ନଷ୍ଟ ହୋଇବା ପ୍ରକାରେ ସବ ଯୋଡ଼ଦେବାର ନିୟମ ହୋଇଅଛି । ଆମ୍ଭେମାନେ ଆଶା କରୁଁ କି ଲବଣବ୍ୟବସାୟିମାନେ ଏହି ନିୟମସବୁର ଦୋଷ ଗୁଣ ଗବର୍ଣ୍ଣମେଣ୍ଟରେ ଜଣାଇ ସଂଶୋଧନନିମନ୍ତେ ପ୍ରାର୍ଥନା କରିବେ ତାହା ହେଲେ ଗବର୍ଣ୍ଣମେଣ୍ଟ ଉଚିତ ବିଚାର କରିବାକୁ କୁଣ୍ଠିତ ହେବେ ନାହିଁ ।

———

### କେନ୍ଦ୍ରାପଡ଼ାସଭା ।

ଗତମାସ ତା ୧୯ ଖ ଅପରାହ୍ନରେ କେନ୍ଦ୍ରାପଡ଼ା ଶ୍ରୀ ହନୁମାନ ମିଶ୍ରଙ୍କ ମଠର କୋଠାରେ ଉକ୍ତ ନଗର ମିଉନିସିପାଲିଟୀର ଅବସ୍ଥାସମ୍ବନ୍ଧରେ ଦ୍ୱିତୀୟବାର ସଭା ହୋଇଥିଲା ।

Digitized by srujanika@gmail.com

ପୂର୍ବସଭାପରି ଏ ସଭାରେ ମଧ୍ୟ ସଦସ୍ୟାଧିକ ଲୋକ ଜମା ହୋଇଥିଲେ । ବାବୁ କଲରାମ କୁମାର-ଦୂମରବର ସଭାପତିର ଆସନ ଗ୍ରହଣ କରିଥିଲେ ଓ ବାବୁ ଦାମୋଦର ମହାନ୍ତି ବାବୁ ସୁଦର୍ଶନ-ମହାନ୍ତି ମୁନସି ଭଗବାନ ଅଲି ପ୍ରଭୃତି ବକ୍ତୃତା କରିଥିଲେ । ପୂର୍ବସଭାରେ ଯେଉଁ କଥାମାନ ଧାର୍ଯ୍ୟ ହୋଇଥିଲା ତଦନୁସାରେ କାର୍ଯ୍ୟ କରିବା-ନିମନ୍ତେ ପ୍ରୟୋଜନୀୟ ଅର୍ଥ ସଂଗ୍ରହ କରିବା ଏସଭାର ଉଦ୍ଦେଶ୍ୟ ଥିଲା । ମିଉନିସିପାଲିଟୀ-ଅନ୍ତର୍ଗତ ମୌଜାମାନଙ୍କର ଖଣ୍ଡିଏ ଖସଡ଼ା ନକସା କରିବା ବିଶେଷ ଆବଶ୍ୟକ ଓ ଏହିଁରେ ପ୍ରାୟ ୫୦୦।୬୦୦ ଟଙ୍କା ଖର୍ଚ୍ଚ ହେବ ଏଛଡ଼ା ଅନ୍ୟାନ୍ୟ ଖର୍ଚ୍ଚା ଅଛି ସଭାରେ ଧାର୍ଯ୍ୟ ହେଲା ଯେ ଲୋକେ ଏକ ସେମାହରେ ଯେତେ ଟାକ୍ସ ଦେଉଅଛନ୍ତି ଚାନ୍ଦାସ୍ୱରୂପ ତେତେ ଦେଲେ ସକଳ କାର୍ଯ୍ୟ ନିର୍ବାହ ହେବ ଏବଂ ଏହିଁରେ ସମସ୍ତେ ସମ୍ମତ ହେବାରୁ ଯେଉଁମାନେ ଦେବା ଉଚିତ କରିବେ ଓ ହିସାବ ରଖିବେ ଓ ଯାହାଙ୍କଠାରେ ଟଙ୍କା ରହିବ ଏ ସବୁକଥା ସ୍ଥିର ହୋଇ ସଭା ଭଙ୍ଗ ହେଲା । ଲୋକେ ଏତେ ଟଙ୍କା ଦେବା ଦେଇ ପ୍ରତୀକାର ଲୋଡ଼ିବାକୁ ବ୍ୟସ୍ତ ହେବାରୁ ଅବଶ୍ୟ ବୁଝା ଯାଉଅଛି ଯେ ସେମାନଙ୍କୁ ଯଥାର୍ଥ ବାଧୁଅଛି ।

ଏଥିମଧ୍ୟରେ ଆମ୍ଭେମାନେ ଅନନ୍ୟସୂତ୍ରେ ଅବଗତ ହେଲୁଁ ଯେ ଓୟଲ୍ସ ଫେଜର ସାହେବ ସବ୍‌ଡିଭିଜନ ଅଫିସର ବର୍ତ୍ତମାନ ମିଉନିସିପାଲିଟୀର ସାଲବନ୍ଦୋବସ୍ତ କରୁଅଛନ୍ତି ଯେ ଏହିଁରେ ଯାହାଙ୍କଉପରେ ଅଧିକ ଟାକ୍ସ ହୋଇଥିଲା ତାହା କାଟି ଦେଉଅଛନ୍ତି ଏବଂ କେତେଗୋଟିଏ ମୌଜା ମିଉନିସିପାଲିଟୀଭିତରୁ ବାହାର କରିଦେବାର ପ୍ରସ୍ତାବ କରୁଅଛନ୍ତି । ସାହେବ ଯେବେ ସ୍ୱୟଂ ପ୍ରଜାଙ୍କ ସ୍ୱାର୍ଥ ଦୃଷ୍ଟି କରି ଏପ୍ରକାର କରନ୍ତି ତେବେ ଉପରସ୍ଥ କର୍ତ୍ତୃପକ୍ଷଙ୍କ ଠାରେ ଆବେଦନ କରିବାର ପ୍ରୟୋଜନ ହେବ ନାହିଁ ଓ ତାହାଙ୍କର ପ୍ରଶଂସା ଛଡ଼ା ଅଖ୍ୟାତି ହେବ ନାହିଁ କାରଣ ଲୋକେ ଜାଣିବେ ଯେ ସାହେବ ଆପଣା କାର୍ଯ୍ୟରେ ଦୋଷ ଦେଖିଲେ ତାହା ସଂଶୋଧନ କରିବାକୁ ତତ୍ପର । ଏ ସମ୍ବନ୍ଧରେ ଆମ୍ଭେମାନେ [illegible] ଅନୁରୂପ ପରାମର୍ଶ ଦେଉଅଛୁଁ ଓ [illegible]ଙ୍କୁ ନୂତନ ଷ୍ଟାଟ୍ୟୁଟ ମତରେ [illegible] ଚେୟାରମାନ ଏବଂ [illegible] କମିଶ୍ନର-[illegible]ଙ୍କୁ ଆପଣା ଚେୟାରମାନ ନିଯୁକ୍ତ କରିବାର ଅଧିକାର ଦେଉନ୍ତୁ ଯେବେ ହେଲେ ମିଉନିସିପାଲିଟୀର କାର୍ଯ୍ୟ ସକାଶେ ତାହାଙ୍କୁ କେହି ଦୋଷ ଦେଇପାରିବେ ନାହିଁ । ଅଥଚ କମିଶ୍ନରମାନଙ୍କ କାର୍ଯ୍ୟରେ ଦୋଷ ଦେଖିଲେ ସାଧାରଣ-କ୍ଷମତାନୁସାରେ ତାହା ସଂଶୋଧନ କରିବା-କାରଣ ସେମାନଙ୍କୁ ବାଧ୍ୟ କରିପାରିବେ ।

— * —

## ପୁଲିସର ଗୁପ୍ତ ଆଦେଶ ।

ବଙ୍ଗୀୟ ପୁଲିସବିଭାଗରୁ ଖଣ୍ଡିଏ ଗୁପ୍ତ ସର୍କ୍ୟୁଲର ବାହାର ଅଛି । ସର୍କ୍ୟୁଲର ଗୁପ୍ତ ହେଲେ ହେଁ କୌଣସି ଉପାୟରେ ତାହା କେହି ସମ୍ବାଦପତ୍ରର ସମ୍ପାଦକଙ୍କ ହାତରେ ପଡ଼ିବାରୁ ସର୍ବସାଧାରଣରେ ପ୍ରକାଶ ହୋଇ ପଡ଼ିଅଛି । ଏଥିରେ ପୁଲିସର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡଙ୍କ ପ୍ରତି ଆଦେଶ ଅଛି ଯେ ସେମାନେ ପ୍ରତ୍ୟେକ ଥାନାରେ ଜଣେ ସବ ଇନସ୍ପେକ୍ଟରଙ୍କୁ ଗୁପ୍ତରୂପେ ସମ୍ବାଦ ସଂଗ୍ରହ କାର୍ଯ୍ୟରେ ନିଯୁକ୍ତ କରିବେ ଓ ସେମାନେ ଯେଉଁସବୁ ସମ୍ବାଦ ପଠାଇବେ ତାହାସବୁ ପ୍ରତିଦିନ ଏକ ସ୍ୱତନ୍ତ୍ର ଡାଇରୀରେ ସ୍ୱହସ୍ତରେ ଲେଖି ଆପଣାର ମନ୍ତବ୍ୟ-ସହିତ ପ୍ରତି ସପ୍ତାହ ଡିଷ୍ଟ୍ରିକ୍ଟ ସାହେବଙ୍କ-ଦ୍ୱାରା ପୁଲିସ ଇନସ୍ପେକ୍ଟର ଜେନେରଲଙ୍କ ନିକଟକୁ ପଠାଇବେ । [illegible] କର୍ମଚାରୀଙ୍କଦ୍ୱାରା ଏ ସମ୍ବାଦମାନ ସଂଗୃହୀତ ହେବ ଏବଂ ଯେଉଁ ପୁଲିସକର୍ମଚାରୀମାନେ ଏ କାର୍ଯ୍ୟ ପାରଦର୍ଶିତା-ସହିତ ନିର୍ବାହ କରିବାକୁ ସମର୍ଥ ହେବେ ସେମାନଙ୍କର ଉନ୍ନତିର ପଥ ପରିଷ୍କାର ହେବ । ଯେଉଁ ସବୁ ବିଷୟରେ ଅତି ସାମାନ୍ୟଭାବରେ ପୁଲିସ ପ୍ରଜାଙ୍କର ସମ୍ପର୍କ ଥିବ ସେହି ସବୁବିଷୟର [illegible] କରିବାକୁ ହେବ । ଏହି ସାଧାରଣ-ଭାବସହିତ ଯେ ଯେ ବିଷୟରେ ସମ୍ବାଦ ପଠାଇବାକୁ ହେବ ତହିଁର ଖଣ୍ଡିଏ ତାଲିକା ଦିଆଯାଇଅଛି । ଯଥା, ସର୍ବସାଧାରଣ ରାଜନୈତିକ ଆନ୍ଦୋଳନ ପୁସ୍ତକ-ପତ୍ରର ଧର୍ମସମ୍ବନ୍ଧୀୟ ଓ [illegible] ରାଜନୈତିକମତ ଓ ପ୍ରଚାରକବର୍ଗ । ବିଦେଶୀୟ ଓ ସନ୍ଦେହ-ଯୁକ୍ତ ଲୋକଙ୍କ [illegible] ଗୁପ୍ତଚର ଧୂର୍ତ୍ତ [illegible] ଓ ସେମାନଙ୍କ କାର୍ଯ୍ୟ । ସାଧାରଣ-ମତ ଓ ଜନରବ ଓ ଶାନ୍ତିଭଙ୍ଗର ସମ୍ଭାବନା ଥିବା ସାଧାରଣ ମତ ଓ ଜନରବ । ଧର୍ମସମ୍ବନ୍ଧୀୟ ଉତ୍ତେଜନା ଓ ଆଇନ ଓ ଗଭର୍ଣ୍ଣମେଣ୍ଟଙ୍କ କାର୍ଯ୍ୟପ୍ରତି ସାଧାରଣଙ୍କ ମନୋଭାବ । ବନ୍ଦୁକ ଓ ବାରୁଦର ଗୁପ୍ତ ବ୍ୟବସାୟ । ସ୍ୱାଧୀନ ଓ ଅର୍ଦ୍ଧ-ସ୍ୱାଧୀନ ରାଜ୍ୟସମୂହର କାର୍ଯ୍ୟାବଳୀ । ଦେଶୀୟ-ଲୋକଙ୍କ ସଭାସମିତି ଓ ତହିଁର କାର୍ଯ୍ୟାବଳୀ । ପ୍ରଜାବର୍ଗ ଓ ନିକଟବର୍ତ୍ତୀ ସ୍ଥାନ ସବୁରେ ତହିଁର ଫଳ । ଦେଶୀୟରାଜାମାନଙ୍କର ସୈନ୍ୟ ନିୟୋଗ ଇତ୍ୟାଦି ଉପରଲିଖିତ ଆଦେଶ ପୁଲିସରୁ ବାହାର ଅଛି ମାତ୍ର ସ୍ଥାନୀୟ ଗଭର୍ଣ୍ଣମେଣ୍ଟ କମ୍ବା ସୁପ୍ରିମ ଗଭର୍ଣ୍ଣମେଣ୍ଟ ଏଥିର ମୂଳକାରଣ ତାହା ଠିକ ଜଣା ଯାଉ ନାହିଁ । କେବଳ ବିଷୟ ବିବେଚନାରେ ଅନୁମାନ ହେଉଅଛି ଯେମନ୍ତ ସୁପ୍ରିମ ଗଭର୍ଣ୍ଣମେଣ୍ଟରୁ ଏହା ବାହାରିଅଛି । ଅନ୍ତତଃ ଯେସ୍ଥଳେ ଏହି ଗୋପନୀୟ ଆଦେଶ ପ୍ରାୟ ଏକମାସ ହେବ ପ୍ରକାଶ ହୋଇ ପଡ଼ିଅଛି ଅଥଚ ଏପର୍ଯ୍ୟନ୍ତ ତହିଁର ଖଣ୍ଡିଏ ପ୍ରତିବାଦ ବା କୈଫିୟତ ବାହାର ନାହିଁ ସେସ୍ଥଳେ ଇଣ୍ଡିଆ ଗଭର୍ଣ୍ଣମେଣ୍ଟଙ୍କୁ ଏଥିପାଇଁ ଦାୟୀଗ୍ରସ୍ତ କଲେ ଅଯୌକ୍ତିକ ବୋଲାଯାଇ ନ ପାରେ । ରାଜାଙ୍କୁ ଆପଣା ରାଜ୍ୟମଧ୍ୟରେ ହେଉଥିବା ସମସ୍ତ ବିଷୟ ଓ ଘଟଣା ବୁଝିବାର ଅଧିକାର ଅଛି ତହିଁରେ ଆମ୍ଭମାନଙ୍କର କିଛିମାତ୍ର ଆପତ୍ତି ନାହିଁ । କିନ୍ତୁ ପ୍ରକୃତସମ୍ବାଦ ପାଇବାର ଉତ୍ତମ ଉପାୟ କରିବା ଆବଶ୍ୟକ, ତାହା ନ ହେଲେ ମହା ଅନିଷ୍ଟ ଘଟିବ ଏହା ଅନାୟାସରେ ବୁଝାଯାଇପାରେ । [illegible] ଯେପରି ହୋଇଅଛି କି ? ଅତୀବ ପୁଲିସପ୍ରତି ଲୋକଙ୍କର ଆସ୍ଥାବିଶ୍ୱାସ ନାହିଁ । ପୁଲିସବିଭାଗର [illegible] ପଡ଼ୁଅଛି । ସବ ଇନସ୍ପେକ୍ଟରମାନଙ୍କ ମଧ୍ୟରେ ଅନେକ ଲୋକ ଏପରି ଅଛନ୍ତି ଯେ ସେଉଁମାନେ ଆଦେଶ-ଲିଖିତ ବିଷୟମାନଙ୍କର ପ୍ରକୃତ ମର୍ମ ବୁଝିବାକୁ ଅସମର୍ଥ ଏବଂ ସେମାନେ ସ୍ୱୟଂ ସବୁସମ୍ବାଦ ସଂଗ୍ରହ କରିପାରିବେ ନାହିଁ । ହେଡ଼ କନେଷ୍ଟବଲ ଓ କନେଷ୍ଟବଲଙ୍କ ଉପରେ ନିର୍ଭର କରିବାକୁ ହେବ ଏବଂ ଏ ଶ୍ରେଣୀର ମୂର୍ଖ ଲୋକମାନଙ୍କଦ୍ୱାରା ଯାହା ହୋଇପାରେ ତାହା କାହାରି ଅବିଦିତ ନାହିଁ । ବିଶେଷ ଏ ଆଦେଶର ଫଳ ଏହି ହେବ ଯେ ପୁଲିସକର୍ମଚାରୀମାନେ ଅତ୍ୟାଚାର କରିବାର ଆଉ ଗୋଟିଏ ବାଟ ପାଇବେ ଏବଂ ଦୁଷ୍ଟଲୋକମାନେ ଆପଣାସ୍ୱାର୍ଥ ସିଦ୍ଧ କରିବା-ନିମିତ୍ତ ପୁଲିସ ଆଗରେ ଅନେକ କଥା ଲଗାଇ କହିବେ ଗୋଇନ୍ଦାଙ୍କର ନିଶ୍ଚୟ ସମ୍ଭାବ-ମାନ ଲୋକଙ୍କୁ [illegible] କରିବାର ଏବଂ ପ୍ରଜାଙ୍କ [illegible] ହେବାର ଉପାୟ ହେବ । ଭୂଷଣ [illegible]

ଗଭର୍ଣ୍ଣମେଣ୍ଟଙ୍କ ପକ୍ଷରେ ଅତ୍ୟନ୍ତ ଦୂଷଣୀୟ କାର୍ଯ୍ୟ ଏବଂ ଉପସ୍ଥିତ ଗୁପ୍ତଆଦେଶ ଏହାର ଉତ୍କଳସାଧକ ହେବାର ଅତ୍ୟନ୍ତ ନିନ୍ଦନୀୟ ଅଟଇ । ଅମ୍ଭେମାନେ ଆଶା କରୁଁ କି ଗବର୍ଣ୍ଣମେଣ୍ଟ ଏ ଆଦେଶକୁ ଅବିଳମ୍ବେ ରହିତ କରିବେ ।

ଫଏଜଆମ-ସଭା ।

ଖୋର୍ଦ୍ଧାଦିର ନାମରେ ଏ ନଗରରେ ମୁସଲମାନମାନଙ୍କର ଗୋଟିଏ ସଭା ନୂତନ ଫିଟିଥିବାର ପାଠକମାନଙ୍କୁ ଜଣାଇଅଛୁଁ । ଗତ ରବିବାର ଅପରାହ୍ନକାଳରେ ଏହି ସଭାରେ ଗୋଟିଏ ବିଶେଷ ଅଧିବେଶନ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ କୋଠାରେ ହୋଇଥିଲା । ଅପରାହ୍ନ ପ ୫ ଘଣ୍ଟା ସଭା କରିବାର ନିରୂପିତସମୟ ଥିଲା କିନ୍ତୁ ଠିକ ସେହି ସମୟରେ ଘୋର ତୋଫାନ ଆରମ୍ଭ ହୋଇ ଜଳ ଓ ଶିଳାସହିତ ଏକଘଣ୍ଟାକାଳ ଏମନ୍ତ ପ୍ରତାପ ଦେଖାଇଲା ଯେ ବାହାରକୁ ବାହାରିବା ଅସାଧ୍ୟ ହେଲା । ତତ୍ପୂର୍ବରୁ କେବଳ ୬ ୭ ଜଣ ଆସିଥିଲେ । ଝଡ଼ର ବେଗ ଊଣା ପଡ଼ିବାରୁ ଛତା ସେନ କେତେକ ଲୋକ ଓ ବୃଷ୍ଟି ଛାଡ଼ିବାରୁ କେତେକଲୋକ ଆସିବାରେ ସନ୍ଧ୍ୟାବେଳା ପ୍ରାୟ ୧୦୦ ଜଣ ଉପସ୍ଥିତ ହୋଇଥିଲେ ତହିଁ ମଧ୍ୟରେ ହିନ୍ଦୁ ୮-୧୦ ଜଣ ଆଉ ସମସ୍ତେ ମୁସଲମାନ । ଝଡ଼ି ବର୍ଷାରେ ଏତେ ମୁସଲମାନ ଏକତ୍ରିତ ହେବାରୁ ଅବଶ୍ୟ ବୋଧକରାଯିବ ଯେ ସଭାପ୍ରତି ଏମାନଙ୍କର ଅଧିକ ଅନୁରାଗ ବଢ଼ିଅଛି ଏବଂ ଏମାନଙ୍କମଧ୍ୟରେ ଯୁବାଙ୍କ ସଂଖ୍ୟା ଅଧିକ ଦେଖାଯିବାରୁ ଭବିଷ୍ୟତ୍‌ପକ୍ଷରେ ବିଶେଷ ଆଶାପ୍ରଦ ଅଟଇ । ବାବୁ ମଧୁସୂଦନ ଦାସ ସଭାପତି ପଦରେ ବରଣ ହୋଇ କାର୍ଯ୍ୟାରମ୍ଭ କଲେ ଏବଂ ତାହାଙ୍କ ଆଦେଶାନୁସାରେ ମୁନସି ଅବଦୁଲଗନି ଗୋଟିଏ ପ୍ରବନ୍ଧ ରଚନା ପାଠକଲେ । ତହିଁରେ ମୁସଲମାନମାନଙ୍କର ପୂର୍ବ ଗୌରବ ଭାରତବର୍ଷକୁ ଆଗମନ ଓ ସାମ୍ରାଜ୍ୟସ୍ଥାପନ ଇତ୍ୟାଦି ପର୍ଯ୍ୟନ୍ତ ଓ ବର୍ତ୍ତମାନ ଦଶାକୁ ଅବନତି ପ୍ରାପ୍ତ ହେବା ଇତ୍ୟାଦି ଅଲଙ୍କାରରୂପେ ବର୍ଣ୍ଣିତ ହୋଇଥିଲା ଏବଂ ଏ ଦୁରାବସ୍ଥାରୁ ଏ ସମ୍ପ୍ରଦାୟର ଉଦ୍ଧାର ହେବା ତହିଁର କେତେକ ଉପାୟ ମଧ୍ୟ ନିର୍ଦ୍ଦିଷ୍ଟ ହୋଇଥିଲା । ତହିଁମଧ୍ୟରେ ପାଶ୍ଚାତ୍ୟ ବିଦ୍ୟାର ଶିକ୍ଷା ଓ ସ୍ୱଦେଶୀଙ୍କସହିତ ସଦ୍ଭାବ ରଖିବା ଇତ୍ୟାଦି ପ୍ରସ୍ତାବ ପାଇଥିଲା । ପାଠ ଶେଷ ହେଲା ଉତ୍ତାରୁ ବାବୁ କାଳୀପଦ ବାନାର୍ଜୀ କହିଲେ ଯେ ବକ୍ତୃତା ଓ ଲେଖା ଅନେକ ହୋଇଅଛି ସେସବୁ କାର୍ଯ୍ୟରେ ପରିଣତ କରିବା ଉଚିତ ତାହା ନ ହେଲେ ଫଳ ନାହିଁ । ମୁନସି ମହମ୍ମଦ ଅଲିଦର କହିଲେ କି ଧର୍ମ୍ମସମ୍ବନ୍ଧରେ ପୃଥକ୍ ହେଲେହେଁ ରାଜନୀତିବ୍ୟାପାରରେ ହିନ୍ଦୁ ମୁସଲମାନଙ୍କ ଆତ୍ମାତ୍ମା ଅଧିକାର ଓ ଅଭାବ ଏକ ଅଟଇ ଓ ପରସ୍ପରର ସାହାଯ୍ୟ ଓ ସହାନୁଭୂତି ରହିବାର ଉଚିତ । ହିନ୍ଦୁଙ୍କଠାରୁ ମୁସଲମାନମାନେ ଅନେକ ସାହାଯ୍ୟ ପାଇଅଛନ୍ତି ଓ ପାଇବାର ଆଶା ରଖନ୍ତି । ବାବୁ ମଧୁସୂଦନଦାସ ଓ ବାବୁ କାଳୀପଦ ବାନାର୍ଜୀ ମୁସଲମାନଙ୍କ ନିମିତ୍ତରେ ବିଶେଷ ସହାନୁଭୂତି ଦେଖାଇଥିବାରୁ ସେମାନଙ୍କୁ ଧନ୍ୟବାଦ ଦେଲେ । ମୁନସିଙ୍କର ବକ୍ତୃତା କରିବାର ଯେପରି ଚେଷ୍ଟା ଦେଖିଲୁଁ ତହିଁରେ ଭରସା ହୁଏ ଯେ ଏହି ମାର୍ଗକୁ ଅନୁସରିଲେ ଜଣେ ସୁବକ୍ତା ହେବେ ।

ବାବୁ ମଧୁସୂଦନଦାସ ପ୍ରାୟ ଏକଘଣ୍ଟାପର୍ଯ୍ୟନ୍ତ ବକ୍ତୃତା କଲେ ତହିଁର ଫଳେପମର୍ମ ଏହି ଯେ ମୁସଲମାନମାନେ ତରବାର ନିମିତ୍ତ ଭାରତବର୍ଷରେ ରହିବାରୁ ହିନ୍ଦୁଙ୍କର ଭାଇସ୍ୱରୂପ ହୋଇଅଛନ୍ତି । ଏକପ୍ରଜା ଅଧୀନରେ ଏକ ନିୟମରେ ଶୃଙ୍ଖଳିତ ହୋଇଥିବାରୁ ସାଧାରଣରେ କିଛି ପ୍ରଭେଦ ନାହିଁ । ହିନ୍ଦୁର ଯେ ଅଭାବ ତାହା ମୁସଲମାନର ଅଭାବ ଓ ମୁସଲମାନର ଅଭାବ ମଧ୍ୟ ହିନ୍ଦୁର ଅଭାବ ଅତଏବ କୌଣସି ଅଭାବ ଦୂର କରିବା କାରଣ ସମସ୍ତଙ୍କୁ ମିଶି କାର୍ଯ୍ୟ କରିବାକୁ ହେବ । ମୁସଲମାନମାନେ ପୃଥିବୀର ନାନା ଦେଶରେ ରାଜତ୍ୱ କରିଅଛନ୍ତି ଅତଏବ ଅନ୍ୟଙ୍କସହିତ ମିଶିବାର କୌଶଳ ଭଲ ଜାଣନ୍ତି । ହିନ୍ଦୁ ସ୍ୱଦେଶୀୟର ବାହାରକୁ ଯାଇ ନ ଥିବାରୁ ସେଅଂଶରେ ଊଣା ଅଟଇ । ବିଟ୍‌ଷ୍ଟେସ ଓ ସଏଦ ଅହମ୍ମଦଙ୍କ ନାଆଁ ଉଲ୍ଲେଖ କରି କହିଲେ କି ସେ ଅପଣା ସ୍ୱଳବର୍ଣ୍ଣିବଙ୍କୁ ସରକାରୀଗୃହକୁ ହେବା ନିମନ୍ତେ ସାହେବଙ୍କ ଖୋସାମଦରେ ଅଛନ୍ତି ମାତ୍ର ସମସ୍ତଙ୍କ ଉପର କରିବା ଉଚିତ ଯେ ସମସ୍ତ ମୁସଲମାନମାନେ ସ୍ୱାଧୀନତାବସ୍ଥା ପାଇପାରିବେ ତାହା ଅଧିକାଂଶ ଲୋକ ଅନ୍ୟ ଉପାୟରେ ଜୀବିକା ନିର୍ବାହ କରିବେ ଅତଏବ ସମସ୍ତଙ୍କର ସହିତରେ ମଙ୍ଗଳ ହେବ ତାହା କରିବା ଉଚିତ । ଇଂରେଜମାନଙ୍କର ଏଦେଶପ୍ରତି ମମତା ନ କରିବାର କେତେକ କାରଣ ଦର୍ଶାଇ ଏବଂ ସେମାନଙ୍କସହିତ ସଦ୍ଭାବ ରଖିବାର ଆବଶ୍ୟକତା ପ୍ରତିପନ୍ନ କରି କହିଲେ ଯେ ବଙ୍ଗାଳୀମାନଙ୍କଦ୍ୱାରା ଅନେକ ଉପକାର ହୋଇଅଛି ମାତ୍ର ଇଂରେଜଙ୍କସହିତ ଏଦେଶୀୟଙ୍କର ବିଚ୍ଛେଦ ଜନ୍ମାଇବାରୂପ ଗୋଟିଏ ମହା ଅପକାର କରୁଅଛନ୍ତି । ଏପ୍ରଦେଶର ହିନ୍ଦୁ ଓ ମୁସଲମାନମାନଙ୍କର ଐକ୍ୟ ବିଷୟରେ କେତେକ ଉଦାହରଣ ଦେଇ ସେ ଆପଣାପକ୍ଷରୁ କହିଲେ ଯେ ମୁସଲମାନମାନଙ୍କର ହେବାରେ ସେ ସର୍ବଦା ନିଯୁକ୍ତ ହେବାକୁ ଖୁସୀ ହେବେ ଏବଂ ତାହାଙ୍କ ସାଧ୍ୟାନୁସାରେ ସେମାନଙ୍କ ସାହାଯ୍ୟ କରିବାକୁ ତ୍ରୁଟି କରିବେ ନାହିଁ ।

ବାବୁ କାଳୀପଦ ବାନାର୍ଜୀ କହିଲେ କି ଅନେକାଳ ବଙ୍ଗାଳୀଙ୍କ ବିପକ୍ଷରେ ସମସ୍ତେ ପଦେ ଅଧେ କହୁଦେଇ ଅଛନ୍ତି କିନ୍ତୁ ଏକଥାରେ ଯେ ନ ବାଣେ ଜାତି ଇଂରେଜଙ୍କର ମଧ୍ୟ କିଛି ଦୋଷ ଥିବ କିନ୍ତୁ ଗୋଟିଏ ଜାତିର ନିନ୍ଦା କରିବା ସୁରୁଚିପୂର୍ଣ୍ଣ ନୁହଇ । ଏଥିଉତ୍ତାରୁ ମହମ୍ମଦ ଅଲିଦର ସାହେବ ସଭାପତି ବାବୁ ମଧୁସୂଦନ ଦାସଙ୍କଠାରେ ମୁସଲମାନମାନଙ୍କର କୃତଜ୍ଞତାପ୍ରକାଶପୂର୍ବକ ତାହାଙ୍କୁ ଧନ୍ୟବାଦ ଦେଲେ ଓ ସଭାଭଙ୍ଗ ହେଲା ।

---

ଢେଙ୍କାନାଳର ଭୂଗୋଳ ଓ ଐତିହାସିକ ବିବରଣ ଶ୍ରୀ ବ୍ରଜବନ୍ଧୁ ଦାସଙ୍କଦ୍ୱାରା ସଂଗୃହୀତ ଏବଂ ଏ ନଗରସ୍ଥ ସ୍ୱଦେଶପ୍ରେସରେ ମୁଦ୍ରିତ ମୂଲ୍ୟ ୦ ୵ ସ୍କୁଲୀୟ ଭୂଗୋଳ ଓ ଇତିହାସ ପାଠକରିବା ବାଳକମାନଙ୍କ ପକ୍ଷରେ ଜାଣିବାଯୋଗ୍ୟ, ଏ ଗ୍ରନ୍ଥ ତହିଁର ସହାୟତା ହେବ ଏଥିପାଇଁ ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଛପା ଭଲ ହୋଇଅଛି ମାତ୍ର ସ୍ଥାନେ ୨ ବର୍ଣ୍ଣାଶୁଦ୍ଧି ଓ ଲେଖା ଅସଙ୍ଗତ ହୋଇଥିବାରୁ ଗ୍ରନ୍ଥକାରଙ୍କର ଅନଭିଜ୍ଞତା ପଣ ପ୍ରକାଶ ପାଉଅଛି କାହିଁକି ଏପରି ଉଚିତ ହେଲା ନାହିଁ । ଐତିହାସିକ ଘଟନାସମ୍ବନ୍ଧରେ ପୁସ୍ତକରୁ ଜଣାଯାଏ ଯେ ଜଗଦେବଙ୍କର ଖ୍ରୀ: ୧୭୦୦ ଶତାବ୍ଦିରେ ଅନ୍ତର୍ଦ୍ଧାନରୁ ଅଜାତ ହୋଇଥିଲେ । ଏବଂ କଳାପାହାଡ଼ ସମୟରେ ସେବକମାନେ ଠାକୁରଙ୍କୁ ପୋତି ପକାଇଥିଲେ । କଳିଦେବଙ୍କ ଆଗମନ ସମୟଠାରୁ ଗ୍ରନ୍ଥପ୍ରଣୟନର ସମୟକାଳ ପ୍ରାୟ ୫୦୦ ବର୍ଷ ହେଉଅଛି । ଏତେ ଦୀର୍ଘକାଳର ବିଶେଷ ଘଟନା ଉଲ୍ଲେଖ ନ ଥିବାରୁ ଗ୍ରନ୍ଥକର୍ତ୍ତା ଅଧିକ ଅନୁସନ୍ଧାନ କରି ନ ଥିବାର ଅନୁମାନ ହେଉଅଛି । ଗ୍ରନ୍ଥକର୍ତ୍ତାଙ୍କର ଗ୍ରନ୍ଥଶେଷରେ ଢେଙ୍କାନାଳବାସିଙ୍କ ପ୍ରତି ଯେଉଁ ମତ ପ୍ରକାଶିତ

Split by PDF Splitter
Digitized by srujanika@gmail.com

ହୋଇଅଛୁ ସମ୍ବାଦ ପତ୍ରରେ ଶୁଣିପାରନ୍ତୁ ମାତ୍ର ସ୍ଥଳଙ୍କରେ ଚିରସ୍ଥାୟୀ ହେବା ବଡ଼ ଅସଙ୍ଗତ ଓ ଅନୁଚିତ ବୋଧ ହେଉଅଛି ।

---

( ପ୍ରାପ୍ତ )

ରଣପୁରର ଶୁଭସମ୍ବାଦ ।

ରଣପୁରର ଦେୱାନ ବାବୁ ଗୌରଚନ୍ଦ୍ର ସେନ ମହାଶୟଙ୍କ ଦକ୍ଷତା, କୌଶଳ, ସୁବୁଦ୍ଧି ଯତ୍ନଦ୍ୱାରା ରଣପୁର ଓ ନୟାଗଡ଼ମଧ୍ୟରେ ଥିବା ଚିରକାଳୀନ ବିବାଦ ଅକ୍ଳେଶରେ ଯେପରି ନିଷ୍ପତ୍ତି କରିଦେଲେ ଅତ୍ୟନ୍ତ ତାହା ନିମ୍ନରେ ଲେଖାଗଲା ।

ରଣପୁରର ଏକଖଣ୍ଡ ପାଙ୍ଗଣାୟୁକ୍ତଜମିରୁ ନୟାଗଡ଼ ପ୍ରଜାମାନେ କାଠ ବାଉଁଶ କାଟି ଆସୁଥିଲେ । ଉପରୋକ୍ତ ଦେୱାନ ବାବୁ ଏ ରାଜ୍ୟର ଭାର ଗ୍ରହଣ କରିବାପରେ ରକ୍ଷିତ ଜଙ୍ଗଲର ନିୟମାବଳୀ ପ୍ରଚଳିତ ହେବାକୁ ଜଙ୍ଗଲମାନ ଅଟକ କରିଗଲା ଦ୍ୱାରାରୁ ପୂର୍ବୋକ୍ତ ସ୍ଥଳଜମିରୁ କାଠ ବାଉଁଶ ନେଉଥିବା ନୟାଗଡ଼ର ପ୍ରଜାମାନେ ଧୃତ ହୋଇ ଏ ରାଜ୍ୟରେ ଦଣ୍ଡଭୋଗ କରିବା ହେତୁ ଉଭୟ ରାଜ୍ୟମଧ୍ୟରେ ସୀମାର ବିବାଦ ହୋଇ ଅତି ଅଧିକ ବିଦ୍ରୋହାନଳ ପ୍ରଜ୍ୱଳିତ ହେଲା ଯାହା କୌଣସି କରିବା ନିମିତ୍ତ ସୁଯୋଗ୍ୟ ଦେୱାନ ବାବୁ ସ୍ୱୟଂ ଜଣ ଆପଣା ମଧ୍ୟରେ ବିବାଦ ମୀମାଂସା କରିଦେବା ବାବୁ ଉଭୟ ରାଜାଙ୍କୁ ପ୍ରାର୍ଥନା କଲେ ଯଥାରୀତି ଉଭୟପକ୍ଷର ସମ୍ମତି ନେବାରୁ ସରଜମିନକୁ ଯିବାର ଦିବସ ନିରୂପଣ ହେଲା । ଉକ୍ତ ଦିବସ ନୟାଗଡ଼ର ସ୍ୱର୍ଗୀୟ ରାଜାସାହେବ ତାଙ୍କ ମେନେଜର ଗୋପାଳ ବାବୁ ଓ ଅନ୍ୟ କେତେକ ଜଣ ଅମଲାଙ୍କୁ ସଙ୍ଗେ ନେଇ ବିବାଦୀୟ ସ୍ଥାନରେ ଉପସ୍ଥିତ ହେଲେ ଏ ରାଜ୍ୟର ଦେୱାନ ବାବୁ ସମ୍ବାଦ ପ୍ରାପ୍ତ ହୋଇ କେତେକ ଜଣ ଅମଲାଙ୍କୁ ସଙ୍ଗେ ନେଇ ଉପସ୍ଥିତ ହୁଅନ୍ତେ ବିବାଦଟି ସୁନ୍ଦରରୂପେ ନିଷ୍ପତ୍ତି ହେବା ପରେ ପ୍ରଶଂସିତ ଦେୱାନ ବାବୁ ନୟାଗଡ଼ ରାଜ ସାହେବଙ୍କୁ କାହାଲମା ଗ୍ରାମର ସ୍ଥାନକୁ ନିମନ୍ତ୍ରଣ କରି ଏ ରାଜ୍ୟର ମହାରାଜାସାହେବ, ଖାରକର ଜମିଦାରଙ୍କୁ ଓ ଜଗଦେବ ସାମନ୍ତଙ୍କୁ ଉକ୍ତ ସ୍ଥାନକୁ ନିମନ୍ତ୍ରଣ କରି ବନ୍ଧୁଭାବରେ ପ୍ରୀତିମିଳନ କରାଇ ଏକାସନରେ ବସାଇଲେ ଏମାନେ ସେସ୍ଥାନରେ ଏକତ୍ରରେ ଭୋଜନ ପର୍ଯ୍ୟନ୍ତ ବନ୍ଧୁ ବନ୍ଧୁଆଳାପ ମିଳାପ ହୋଇ ବେଳର ମର୍ଯ୍ୟାଦା ଗ୍ରହଣ କରି ପ୍ରତ୍ୟାଗମନ କଲେ ଏବଂ ଉଭୟଙ୍କ ମଧ୍ୟରେ ଅନନ୍ତ କାଳନିମନ୍ତେ ଶାନ୍ତି ବିରାଜମାନ ହେଲା ଏବଂ ଉଭୟ ପକ୍ଷମଧ୍ୟରେ ପତ୍ର ଲେଖାଲେଖି ଓ ପ୍ରଣାମ ଆଶୀର୍ବାଦର ନିୟମବନ୍ଧିତ ହେଲା । ଶୁଣାଯାଏ ଉଭୟ ରାଜ୍ୟମଧ୍ୟରେ ଏପରି ମେଳମେଳି ହୋଇ ନ ଥିଲା ପରନ୍ତୁ ଏପରି ହେବାର ମଧ୍ୟ ଆଶା ନ ଥିଲା ଏହା ଦେଖି ଉଭୟ ରାଜ୍ୟର ପ୍ରଜାମାନେ ବହୁତ ଆନନ୍ଦିତ ହୋଇ ସମସ୍ତେ ଜୟଧ୍ୱନି କରିବାକୁ ଲାଗିଲେ ତାହା ସଙ୍ଗେ ସଙ୍ଗେ ଯତ୍ନକର୍ତ୍ତା ଗୌରବାବୁଙ୍କୁ ଅଧିକ ପ୍ରଶଂସା ଓ ତାଙ୍କର ଦୀର୍ଘାୟୁ କାମନା କରୁଥିବାର ଦେଖିଲି ପ୍ରକୃତପକ୍ଷରେ ଉଭୟ ରାଜ୍ୟର ରାଜା ଓ ପ୍ରଜାଙ୍କର ବିଦ୍ୱେଷଭାବ ଅପସାରିତ ହୋଇ ପରସ୍ପର ମଧ୍ୟରେ ସୌଜନ୍ୟଭାବକୁ ଧାରଣ କରିଅଛନ୍ତି ଏପରି ନୋହିଥିଲେ ଉଭୟ ରାଜ୍ୟରୁ ସହସ୍ର ଟଙ୍କା ବ୍ୟୟ ହୋଇଥାନ୍ତା ଅଥଚ ପରସ୍ପରଙ୍କର ସୁଖସ୍ୱଚ୍ଛନ୍ଦତା ନ ରହି ବରଂ ଅଧିକତର ରୂପେ ବିଦ୍ୱେଷିତା ବୃଦ୍ଧିହୋଇ ପ୍ରଜାମାନେ ବହୁକାଳ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ହୋଇଥାନ୍ତେ । ଏ ହେତୁରୁ ଈଶ୍ୱରଙ୍କଠାରେ ପ୍ରାର୍ଥନା ଯେ ବାବୁ ପ୍ରଶଂସିତଙ୍କୁ ଦୀର୍ଘାୟୁ ଦେଇ ଏହିପରି ସୁବୁଦ୍ଧି ପ୍ରଦାନ କରନ୍ତୁ ଯେ ସେ ଏହିପରି ଦେଶର ମଙ୍ଗଳଜନକ କାର୍ଯ୍ୟମାନ କରି ରାଜା ଓ ପ୍ରଜାଙ୍କର ଚିରସ୍ମରଣୀୟ ହେଉନ୍ତୁ ।

---

# ସାପ୍ତାହିକ ସଂବାଦ ।

ଅସ୍ମାନଙ୍କ କମିଶନର ସାହେବ ଅବସର ଅନୁସାରେ ବସ୍ତ୍ରୁ ଯାତ୍ରା କରିବେ ସେଠାରେ ଏ ମାସ ଶେଷ ପର୍ଯ୍ୟନ୍ତ ରହି ଫେଜଦାରିରୁ ଅଛି ଫୌଜ ମୋକଦ୍ଦମା କରିବେ ।

ଗତବୁଧବାର ସନ୍ଧ୍ୟା ସମୟରେ ଏଠା ଡାକଘରୁ କଣେ କଏଦୀ ପଳାଇବାର ଜଣାଗଲା । କେତେବେଳେ କେଉଁଠାକୁ ପଳାଇଅଛି ନିଶ୍ଚୟ ହୋଇ ନାହିଁ । ଏଠାରେ ହାଜତମାନେ ସନ୍ଧ୍ୟା ସମୟ ଅଥବା ଦିବସ ବନ୍ଦରେ ଯେମନ୍ତ ସାମାନ୍ୟ ପହରାରେ ନେଇଥାନ୍ତି ଅସନ୍ତ ତହିଁରେ ପ୍ରଚଳିତ ଯେ ଏପରି ଘଟଣା ହୁଅନ୍ତା ନାହିଁ ଏହା ଅପୂର୍ବ । ଇତ୍ୟାଦି କର୍ତ୍ତୃପକ୍ଷଙ୍କ କିଛି ଚିନ୍ତା ହେବ ।

ଚୌଧୁରୀବଜାରର ଡକାଇତିମୋକଦ୍ଦମାରେ ଦଣ୍ଡପ୍ରାପ୍ତ ହୋଇଥିବା ଅସାମିମାନଙ୍କ ମଧ୍ୟରୁ ଏକଜଣ ଏକ ସ୍ତ୍ରୀଲୋକକୁ ଜଣେ କେଉଁଠାରୁ ନୂଆ ରେଳକବାଟ ଅପରାଧରେ ଏଠ ହାଜତରେ ଅଛି । ନୋହିଲେ ବାହାନ୍ତୁ ।

ଗତରବିବାର ଅପରାହ୍ନ ୪ ଟା ସମୟରେ ଏଠାରେ ଗୋଟିଏ ଘର ପୋଡ଼ା ହୋଇଥିଲା । ପୋଡ଼ାଠାରୁ ପ୍ରାୟ ମି ୧୯ ଟଙ୍କା ରହିଥିଲା ବସ୍ତ୍ର ଏହି ବଳ ଏତେ ଅଧିକ ଥିଲା ଯେ କଦଳୀ ସହିତ ଛତା ଏକ ଘର ସହିତ ଚାଳ ଓ ଘର ପ୍ରଜ୍ୱଳିତ । ପୋଡ଼ାର ସଙ୍ଗେ ପ୍ରାୟ ଏକଲକ୍ଷ ବୃଷ୍ଟି ଓ ସାମାନ୍ୟରୂପେ ପଥର ପଡ଼ିଥିଲା । ନଗର ଅପେକ୍ଷା ମୋଫସଲରେ ବତାସ ଅତ୍ୟନ୍ତ ପ୍ରବଳ ହୋଇଥିଲା ।

ଗତ ରବିବାର ପୋପାଳିରେ ଅଶ୍ୱପତି ବସ୍ତ୍ରର ଉତ୍ପାତ ଅଛି ।

ଏଠା କଲେଜର କଣେ ଛାତ୍ର ଏଫ ଏ ପରୀକ୍ଷାରେ ଉପସ୍ଥିତ ହୋଇଥିଲା । ପରୀକ୍ଷା ଅନ୍ତେ ତାହାଙ୍କ କୁଷ୍ଠ ହୋଇ ଏପରି ସନ୍ନିପାତ ରୋଗ ଗ୍ରସ୍ତ ଯେ ୧୦ ଦିନରେ ପ୍ରାଣ ତ୍ୟାଗ କଲା । ଏ ପିଲା ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ କରି ୧୫ ଟଙ୍କା ଲେଖାଏଁ ବୃତ୍ତି ପାଇଥିଲା । ଅତଏବ ପରିଶ୍ରମରେ ଏହାର ଏପରି ଦଶା ଘଟିଲା କି ?

ରାଜା ଶ୍ୟାମାନନ୍ଦ ଦେ ବାହାଦୁର ଆପଣା ପୌତ୍ରର ଅନ୍ନପ୍ରାଶନ ଉପଲକ୍ଷରେ ବାଲେଶ୍ୱର ନଗରବାସୀ ବ୍ରାହ୍ମଣମାନଙ୍କୁ ପିତ୍ତଳର ଗଡ଼ୁ ଦଶ ସେଟ ଥାଳି ଓ ନଗଦ ୧୦ ଲେଖାଏଁ ପଣ୍ଡିତମାନଙ୍କୁ ବନାତ ଓ ଅଭ୍ୟାଗତ ବ୍ରାହ୍ମଣଙ୍କୁ ଗୋଟିଏ ଲେଖାଏଁ ଦାନ ଏବଂ କଙ୍ଗାଳମାନଙ୍କୁ ଭୂରି ଦାନ କରିଅଛନ୍ତି ବୋଲି ସମ୍ବାଦବାହିକାରେ ଲେଖାଅଛି ।

କଲିକତା-ଗେଜେଟ ।

ଏଠା ମିଉନିସିପାଲଟୀର ୫ ନମ୍ବର ୱାର୍ଡର ପ୍ରତିନିଧି ନିର୍ବାଚନ ଆଗାମୀ ଅପ୍ରେଲମାସ ତା ୫ ଦିନ ବୁଧବାର ଦିବସ ହେବ ।

କାର୍ଯ୍ୟଦକ୍ଷତାର ସହିତ ଓ ସୀମାନିରୂପଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସମ୍ବନ୍ଧରେ କଲେକ୍ଟର ସାହେବ ଉଡ଼ିଶାର ସୁପରିଣ୍ଟେଣ୍ଡେଣ୍ଟ ଓ ମି: ରବର୍ଟ ବ ୱାର୍ଡ ସାହେବଙ୍କ ଓ ତହସିଲଦାର ବାବୁ ବଳରାମ ଦାସଙ୍କୁ ୧୮୮୮ ସାଲର ଅ ୫ ଦିନ ଠାରୁ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ପଦରେ ନିଯୁକ୍ତ ହୋଇଅଛନ୍ତି ।

ଗତନିର୍ବାଚନରେ ବାଲେଶ୍ୱରମିଉନିସିପାଲଟୀର କମିଶନର ପଦରେ ନିମ୍ନଲିଖିତ ବ୍ୟକ୍ତିମାନେ ନିର୍ବାଚିତ ହୋଇଅଛନ୍ତି ।

| | | |
|---|---|---|
| ୱାର୍ଡ ନଂ ୧ | ୧ | ମୁନ୍‌ସୀ ଅବଦୁଲ ଗୋଫର ଖାଁ |
| | ୨ | ବାବୁ ଶ୍ୟାମସୁନ୍ଦର ଦତ୍ତ |
| " ନଂ ୨ | ୧ | " ଶ୍ୟାମସୁନ୍ଦର ଦାସ |
| | ୨ | " ପ୍ରତାପଚନ୍ଦ୍ର ଘୋଷ |
| " ନଂ ୩ | ୧ | " ଶ୍ରୀବତ୍ସ ନନ୍ଦ |
| | ୨ | " ଗୋବିନ୍ଦଚନ୍ଦ୍ର ସାହାପୁର |
| " ନଂ ୪ | ୧ | " ଦେବେନ୍ଦ୍ରନାଥ ଘୋଷ ବ୍ୟଏଲ |
| | ୨ | " ଶ୍ରୀଧର ମିଶ୍ର |
| " ନଂ ୫ | ୧ | " ଦାମୋଦର ଚୌଧୁରୀ |
| | ୨ | କୁମାର ସତ୍ୟେନ୍ଦ୍ରନାଥ ଦେ |
| " ନଂ ୬ | ୧ | ବାବୁ ରସିକ ଲାଲ ଦତ୍ତ |
| | ୨ | " ଦେବନାଥ ଦେ |

---

ବାବୁ ରଜନୀକାନ୍ତ ବଙ୍ଗଳାର ଡେପୁଟୀ ଏକାଉଣ୍ଟାଣ୍ଟ ଜେନେରଲ ନିଯୁକ୍ତ ହୋଇଅଛନ୍ତି ।

ମହାମାନ୍ୟ ଗବର୍ଣ୍ଣର ଜେନେରଲ ବାହାଦୁର ଆଗାମୀ ଗ୍ରୀଷ୍ମକାଳ କଲିକତାରୁ ଯାତ୍ରା କରି ରେଳବାଟେ, ଲକ୍ଷ୍ନୌ, ମଥୁରା ଜାଳନ୍ଧର, ଅମ୍ବାଲା ଓ ପିଞ୍ଜୋର ବାଟେ ସିମଲାକୁ ଯିବେ ଏବଂ ମଇମାସ ତା ୫ ଦିନରେ ସେଠାରେ ପହଞ୍ଚିବେ । ଲର୍ଡ଼ ଡଫରିନ ଭାରତବର୍ଷରୁ ଅଳ୍ପ ଯେତେ ୨ ଅସି ସେହିଅବଧିରେ ଇଂଲଣ୍ଡକୁ ଯାତ୍ରା କରିବେ ।

ଅସ୍ମାନଙ୍କ ଲେପ୍ଟେନାଣ୍ଟ ସାହେବ ହୋଲି ଜାଗତର ଛୁଟିରେ ଭ୍ରମଣ କରି ସବ ପୂର୍ବ ସ୍ଥାନମାନ କରିବାକୁ ଯେତ ଯାଇ ଅଛନ୍ତି ।

ସମ୍ବଲପୁରର ଡେପୁଟୀକମିଶନର ଶ୍ରୀ ଜେ ଏଫ ଗୋର ସାହେବ, ଏଠାରେ ଡେପୁଟୀକମିଶନରଙ୍କ ଶ୍ରୀ ସେଲ ସାହେବ ଏବଂ ହଜାରିବାଗର ଡେପୁଟୀକମିଶନର ବାବୁ ସୁରେନ୍ଦ୍ରମୋହନ ମହାପାତ୍ର ପ୍ରତ୍ୟେକଙ୍କ ଅଭ୍ୟାସାନୁସାରେ ସହଜ ଭୂମି ସୀମା ପରବର୍ତ୍ତୀ ଜମିର ଡେପୁଟୀକମିଶନରଙ୍କ କ୍ଷମତା ଆପଣା ଏଲାକାମଧ୍ୟରେ ପାଇଅଛନ୍ତି ।

Split by PDF Splitter

Digitized by srujanika@gmail.com

[ କଟକ ] ଓକିଲ ବାବୁମାନଙ୍କ ମଧ୍ୟରେ କାହାରି ଏକ ଜଣ ଓ କାହାର ଦୁଇଜଣ ଜଣ ଲେଖାଏଁ ମୋହରର ଅଛନ୍ତି; ମୋହରରମାନେ ଓକୀଲ ବାବୁମାନଙ୍କର ପକ୍ଷ ହୋଇ ଅଦାଲତର ଅମଲାମାନଙ୍କ ସହିତ ଅଦାଲତ ସଂକ୍ରାନ୍ତ କାର୍ଯ୍ୟ ନିର୍ବାହ କରନ୍ତି । ଏହି କଥାରେ ପାଶ କରା ମୋକ୍ତାରମାନଙ୍କର କ୍ଷତି ହୁଅଇ । ପାଶକାର ମୋକ୍ତାରମାନେ ଏହିକଥା ସେଠା ଜଜ ମିଃ କାର୍ଲିଉ ବାହାଦୂରଙ୍କୁ ଦରଖାସ୍ତଦ୍ୱାରା ଜଣାଇଲେ, ସେ ଓକୀଲମାନଙ୍କୁ ଦୁଇଜଣରୁ ଅଧିକ ମୋହରର ରଖିବାକୁ ନିଷେଧ କଲେ ଏବଂ ଏହିସମସ୍ତ ଓକୀଲଙ୍କ ମୋହରରମାନଙ୍କର ଫୋଟୋ ରେଜିଷ୍ଟର ଅଦାଲତରେ ରଖିବାକୁ ହୁକୁମ ଦେଲେ । ପାଶକାର ଓକୀଲମାନେ ଜଜଙ୍କ ଏହି ଆଦେଶ ବିରୁଦ୍ଧରେ ହାଇକୋର୍ଟରେ ଅପିଲ କରିଥିଲେ; ଅପିଲରେ ଜଜବାହାଦୂରଙ୍କର ପକ୍ଷ ରଦ୍ ହୋଇଅଛି ।

ଅନେକବାର ନିଲ୍‌ଗିରିଠାରେ ଲଗାଇବ ବଜାର ପରେ ହେଉଥିବା ସେଠାର ଦୋକାନ ଇତ୍ୟାଦି ଜାଳିବାର ଉପଦ୍ରବମାନ ତା ୧୨ ଓ ୧୩ ଘଣ୍ଟାମାନଙ୍କରେ ଏକାବେଳକେ ବନ୍ଦ ହୋଇ ଯାଇଥିବାର ସମ୍ବାଦ ମିଳଇ ।

ମହାରାଜା ସୂର୍ଯ୍ୟକୁମାର ଓ ତାଙ୍କ ମହାରାଣୀ ବସନ୍ତରୁ ଫେରିଆସି ଅନୁମାନ ଟ ୨୦୦୦୦ ଙ୍କା ବ୍ୟୟରେ ପ୍ରାୟଶ୍ଚିତ୍ତ କରିଥିବାର ସମ୍ବାଦ ମିଳଇ । କଥନ । ଏତଦୁପଲକ୍ଷରେ ଅନେକ ଦରିଦ୍ର ଓ ବ୍ରାହ୍ମଣଙ୍କୁ ଅର୍ଥଦାନ ହୋଇଥିବ । ସ୍ନାନଯାତ୍ରା ପ୍ରାୟ ପୂର୍ବସମସ୍ତ ଲୋକଙ୍କୁ ଭୋଜନ କରା ଯାଇଥିବ ମଧ୍ୟ ଅନେକ ବ୍ରାହ୍ମଣଙ୍କ ଓ ଦାନ ପାଇଥିଲେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ ।

ଆପଣଙ୍କର ଉଦାରସ୍ୱଭାବ ପତ୍ରରେ ଉକ୍ତ ଲିଖିତ କେତେକ ପଂକ୍ତିକୁ ସ୍ଥାନଦାନ ଦେଲେ ଅନୁଗୃହୀତ ହେବୁ ।

ବର୍ତ୍ତମାନ ରଣପୁର ବସ୍ତିଗଡ଼ମଧ୍ୟରେ ବସନ୍ତ ରୋଗର ପ୍ରାଦୁର୍ଭାବ ବୃଦ୍ଧି ହୋଇଥିବାରୁ ଅନେକଲୋକେ କାଳଗ୍ରାସରେ ପତିତ ହେଉଅଛନ୍ତି ସେଥିପାଇଁ ମଧ୍ୟ ପ୍ରଜାମାନଙ୍କ ଅନେକ ଉପାୟ ଅବଲମ୍ବନ କରାଯାଇ ଅଛି ତାହାଙ୍କ ଅନୁଗ୍ରହରେ ଔଷଧ ବିତରଣ ହେଉଅଛି ସେଥିପାଇଁ ତାଙ୍କୁ ମଧ୍ୟ ଧନ୍ୟବାଦ ଦିଆଯାଉଅଛି ତତ୍ପର ଉପଯୁକ୍ତ ସମୟରେ ଅକୀର୍ତ୍ତି ଓ ସ୍ୱାର୍ଥ ଲାଭକରଣାଦି କର୍ମମାନ ଚଳାଉଅଛନ୍ତି ଏଥିରେ ଉତ୍ତେଜନାରେ ସେବକମାନଙ୍କ ମନକୁ ଯେପରି ଦୁଃଖିତ ହେବାର ଲକ୍ଷିତ ହେଉଅଛି ତାହା ମହୋଦୟଙ୍କ ଏପରି ସଭା-ସ୍ଥଳରେ ନିବେଦନ କରୁଥିଲେ ଅନୁଗ୍ରହ ଅତଏବ ...

ରହିଲେ ନିମନ୍ତ ହୋଇଅଛନ୍ତି ମଧ୍ୟ ସେ ଅନ୍ୟବାସର ରକ୍ଷକ ହୋଇଅଛନ୍ତି ।

ଏ ବିଷୟରେ ଏଠାରେ ବସନ୍ତ ବର୍ଷା ହୋଇଥିବାରୁ ଅନୁଗ୍ରହ କରି ଉପକାର ହୋଇଅଛି । କୃଷିକର୍ମପକ୍ଷେ ଅନିଷ୍ଟ ହୋଇ ନାହିଁ ।

ଏ ଅଞ୍ଚଳରେ ନୂଆ ଅମଳ ହେଉଅଛି ଶୀତର ପ୍ରାଦୁର୍ଭାବର ବୃଦ୍ଧି ଦେଖାଯାଉଅଛି ଅଗ୍ନି ଭୟ ଦେଖାଯାଇ ନାହିଁ ମାତ୍ର ଚୋରିବା ବାବୁଙ୍କ ଯତ୍ନହେତୁ ଲୋକମାନେ ଭଲରୂପେ କାଳ ଯାପନ କରୁଅଛନ୍ତି ।

ରଣପୁର ସ୍କୁଲ } ବଶମ୍ବଦ ଶ୍ରୀ ଗଙ୍ଗାଧର ମହାପାତ୍ର ହେଡ଼ପଣ୍ଡିତ ।

---

To THE EDITOR OF UTKAL DIPIKA

SIR,

I beg that you will kindly make room for the following remarks in a corner of your news-paper.

In the last Entrance Examination some of the Oriya questions were such as would only purplex and delude the students. We admit that they were learned, but at the same time cannot fail to remark that they were out-of-the-way ones (at least for those for whom they were intended).

The field is far too wide for the examination to show to the world his 'book-learned skill'; but it was unwise on his part to display it in the question-paper of the poor students.

When the examiner selected the critical questions, most probably he thought that the Oriya Text-books are read in the class more carefully than the English ones; for, in the question-papers on the English Text-books of the entrance candidates, critical questions find no place at all.

Unlike the Bengalee Examiners he has the fatal thought in his head that the boys are turned into *Pundits* in their mother-tongue in the entrance class; for, he puts on them his favourite questions on *Alankar* as though they were quite at home with them.

The Examiner no doubt is very fond of the 'translation of colloqual Oriya into English'. But he did not deign to think for a moment that his colloqual Oriya would not be understood alike by the people of whole Orissa. Some of the words in the colloqual speech of Katak and Puri are as Babylonish Jargon to the people of Balasore much in the same way as the Scot dialect is to an Englishman and the language of a common Bengal is to a Bengalee gentleman. In fine, his colloqualism is what we call provincialism.

When the late Rev. K. M. Banerjee and Babu Ramprasanna Tarkaratna were examiners in Oriya we had no occasion for raising any complaint; but no sooner did that reverend gentleman leave us and the said Babu was out of the examining body than oppression on the poor students prevailed.

We hope the syndicate of the Calcutta University will kindly take notice of this and select some other examiner in the next year.

KATAK }
14th March 1888 }

Yours truly
A. D.

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀମତ୍ ଚନ୍ଦ୍ରହାସ ସମାନ୍ତ ଠାର ଲୁଣିଆପୁର ଅଞ୍ଚଳ | | ଟ ୨ |
| ବାବୁ ଶ୍ୟାମ ଭଞ୍ଜ ଦାସ କଟକ | | ଟ ୧୦ |
| " ଚାରଣଚନ୍ଦ୍ର ବଲଭ କଟକ | ଜଗାପୁର | ଟ ୧୨ |
| " ଗୋବର୍ଦ୍ଧନ ଦାସ | ଅନ୍ତିମ | ଟ ୬ |
| " ଏ ଡାକ୍ତାରାଜା ହେଡ଼କନେଷ୍ଟବଲ | | ଟ ୬ |
| " ଗୋକୁଳମୋହନ ଦାସ କଟକ | | ଟ ୬ |
| " ଚନ୍ଦ୍ରମୋହନ ଦେବ ପୁର | | ଟ ୬ |
| " ମଧୁସୂଦନ ସିଂହ ଡାକ୍ତର ବକସ୍ ଓ ଅଙ୍ଗ | | ଟ ୭ |
| ସର୍ବ ସାହେବ ଗୋପୀନାଥପୁର ଜଗାହାଗି | | ଟ ୩ |

---

## ବିଜ୍ଞାପନ ।

ନୂତନ ପୁସ୍ତକ ।

## କନିବାଲି ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ମୂଲ୍ୟ ଦୁଇଅଣା । ଯୋଗବଳକୁ ସ୍ୱୟାଗରେ ସାଜିଶି ଦୁଇପଇସାର ଡାକମହସୁଲ ଲାଗିବ ।

Digitized by srujanika@gmail.com

ନୂତନପୁସ୍ତକ ।

# ସୁଚିତ୍ର ରାମାୟଣ

( ସଂକ୍ଷେପ )

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି, ।    ମୂଲ୍ୟ ଖଂ ୫୦।

ଲକ୍ଷନଦଳ ଓ କଳାକର ଚନ୍ଦ୍ରଭଣା „ ଖଂ ୫୦/

ମନ୍ଦୋଦରୀ ଚନ୍ଦ୍ରଭଣା „ ଖଂ ୫୦୯

ଡାକମାସୁଲ ଖଣ୍ଡପ୍ରତି ୫ ୦୧୬

---

। ଦ୍ବି । କଟକ ମିଉନିସିପାଲିଟୀ ।

## ବିଜ୍ଞାପନ ।

ଯେହେତୁ ସନ ୧୮୮୮।୮୯ ସାଲ ନିମନ୍ତେ କଟକ ମିଉନିସିପାଲିଟୀ ଇଲାକାର ନିମ୍ନଲିଖିତ କର୍ମମାନ କାଣ୍ଟ୍ରାକ୍ଟରୀ ଦିଆଯିବାର ଆବଶ୍ୟକ ଅତଏବ ଏହାଦ୍ବାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ଯେ କେହି ଉକ୍ତ କର୍ମମାନ କାଣ୍ଟ୍ରାକ୍ଟ ନେବାକୁ ଇଚ୍ଛା କରୁଥିବେ ସେମାନେ ଚଳିତ ମାର୍ଚ୍ଚମାସ ତା ୩୧ ରିଖ ପୂର୍ବେ ଦରଖାସ୍ତ କରିବେ ଓ ସର୍ବନ୍ୟୁନ ଦର ଦେବା କେବଳ ଯେ କର୍ମ ଦିଆଯିବ ଏମନ୍ତ ନୁହେ ତାହାର ଅବସ୍ଥା ଓ ଆଚରଣ ଓ କର୍ମ କରିବା-ଯୋଗ୍ୟତାପ୍ରତି ବିବେଚନା କରାଯାଇ କର୍ମ ଦିଆଯିବ ।

ତପସିଲ ।

ମରାମତି ଓ ଗ୍ରାଭେଲକର୍ମ ।

| | |
|---|---|
| (୧) ୨ ଇଞ୍ଚ ମୋଟର ନୂଆ ପୁରୁଣା ବେଣାଟ୍ଟଣ ଛଉଣି ସହର ମଧ୍ୟରେ ଥିବା ସାହି ଖାଲ ଗୋଦାମ ବାହିବା-ଲିଚା ପୁଲ ଓ ପାଇଖାନା ଓଗେର | ଫି ୧୦୦ ୫ ଫୁଟଇଞ୍ଚ-ଲିକୁ କେତେ ଦରରେ କର୍ମ କରିବ ତାହା ଲେ-ଖିବାକୁ ହେବ । |
| (୨) କଲକୁଲ ସଫେଦ ଏକର ଏକର ଏକର ଫି ୧୨୦୦ କୁ | |
| (୩) ପଲସ୍ତର „ „ | ଫି ୧୦୦ କୁ ଦର |
| (୪) କଣ୍ଡପକା ଗାନ୍ଥନି „ „ | ଫି ୧୦୦ କୁ ଦର |
| (୫) କୋଇତାର „ „ | ଫି ୧୦୦ କୁ ଦର |

ମାଟିକର୍ମ

| | |
|---|---|
| ସହରମଧ୍ୟରେ ଥିବା ସଫାଇ ଖାଲ-ମାନଙ୍କର ମାଟି ଖୋଳାଇ କର୍ମ | ଫି ୧୦୦୦ କୁ ଦର |
| ଢେଲା ଓ ଧୂଆଁସ କର୍ମ | ଫି ୧୦୦୦ କୁ ଦର |

ମେଟାଲଙ୍ଗ କର୍ମ ।

ନିମ୍ନଲିଖିତ ରସ୍ତାମାନଙ୍କରେ ଯେଉଁ ରସ୍ତାରେ ଯେତେ ପଥର ହେବାର ଆବଶ୍ୟକ ଉକ୍ତ ପଥରମାନ ଆମଦାନୀ କରାଇ ବିଛାଇ ଗଦାଇ ବଡ଼ଇ ଓ ଧୂରୁସ ଓଗେର ସହିତ ଫି ଫୁ ୧୦୦ ୫ କୁ କେତେ ଦରରେ ଦେଇ-ପାରିବେ ତାହା ଲେଖିବାକୁ ହେବ ।

୧ ସଦର ରସ୍ତା ୨ ମଙ୍ଗଳାବାଗ ରାଣୀହାଟ-ରସ୍ତା ୩ ପିଠାପୁର ରସ୍ତା ୪ ମାନସିଂହ ପାଟଣା-ରସ୍ତା ୫ କାଜିବଜାର ରସ୍ତା ୬ ଗଣେଶଘାଟ-ରସ୍ତା ୭ କାଠଯୋଡ଼ୀ କଟାଜଳା ରସ୍ତା ୮ ଷ୍ଟୋନସ୍ରୋଡ଼ ୯ ପାଗଲଖାନା ରସ୍ତା ୧୦ ହାଟ ରସ୍ତା ୧୧ ଅଦାଲତ କଚେରୀ ରସ୍ତା ୧୨ ନୂଆସଡ଼କ ସାଳ ରସ୍ତା ୧୩ ଯଗନ୍ନାଥ-ବଲ୍ଲଭ ରସ୍ତା ୧୪ ମାଳଞ୍ଚି ରସ୍ତା ୧୫ ଭୂଲଣୀ-ପୁର ରସ୍ତା ୧୬ ବାଖରାବାଦ ରସ୍ତା ୧୭ ପୁରୀ-ଘାଟଠାରୁ ଜେଲଖାନା ଫାଟକତକ ରସ୍ତା ୧୮-ଗଣେଶମନ୍ଦିର ରସ୍ତା ୧୯ ଓଡ଼ିଆବଜାର ରସ୍ତା ୨୦ ଡାକଅଫିସ ରସ୍ତା ୨୧ ଡଙ୍କ ରସ୍ତା ୨୨-ମହୁଆବଜାର ରସ୍ତା ୨୩ କଟକଚଣ୍ଡୀ ରୋଡ଼ ୨୪ ଚାନ୍ଦନୀଚଉକ ୨୫ ଚାଉଳଘାଟ ସାହି ୨୬ ମଞ୍ଚାସାହି ରୋଡ଼ ୨୭ ପୁରୀଘାଟ ଗଡ଼ାରସ୍ତା

୨୦।୩।୮୮

J. C. Chunder
Vice Chairman.

---

### NOTICE.

TO BE LET OR SOLD

2 Bungalows at Chawleaganj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office.

Apply to
Hadjee Dadamia Abdool Salam
Managing Agent for Hajee Jackaria
Mohomed &c.

ବିଜ୍ଞାପନ ।

୧ ଦୋମହଲା ପକ୍କାକୋଠୀ ବାବର୍ଚ୍ଚିଘର ଓ ବଗିଚା ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକନର ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ତାହାର ବାବର୍ଚ୍ଚି ଘର ଭାଙ୍ଗିଯାଇଅଛି ମୁରାଦଖାଁ ପାଟଣା ନିକଟ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ତାହାର ବାବର୍ଚ୍ଚି ଘର ଓଗେର ନଂ ୧୩ ନମ୍ବର ଫଲଟନ ଇଲାକା ମଧ୍ୟରେ ଅଛି । ତାହାର କେରାୟା ପ୍ରତିମାସକୁ ୫ ୩୭ ଙ୍କା ଥୟ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାବର୍ଚ୍ଚିଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରଣୀ ଓ ବଗିଚା ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରିବେ

ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲାମ
କର୍ମ ଚଳାଇବା ନିମନ୍ତେ କାରପରଦାଜ
ତରଫ ଜାନବେ ଶ୍ରୀ ହାଜି ଜକରିଆ
ମହମଦ ଭୃତ୍ୟାଦି ।

---

## ମେହରୋଗ ।

ଗ୍ନ ୨୪ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ନୂତନ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର କଦାର୍ଥି ଗୋଣଦିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାରେ ଜୀବନର ମାୟା ପରିତ୍ୟାଗ କରନ୍ତୁନାହି ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣୁଅଛୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିର ବିଷୟରେ ପରୀକ୍ଷିତ ନ ହେଲେ ଆମ୍ଭେ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପରସର୍କୁଲାର ରୋଡ଼ ୩୩ ନମ୍ବର ଭବନରେ ଏ, କେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୫୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

ବିଜ୍ଞାପନ ।

କେହି କେହି ରେସଯୂରରେ ନେବାକୁ ଋହିଁଲେ କମ୍ପା ଖରଚ କରିବା ନିମନ୍ତେ ନ ଋହିଁଲେ ଦେଇ ପାରିବୁ ।

ଗୋ ୨ ଟି ବଙ୍ଗଳା ଚାଉଳିଆଗଞ୍ଜଠାରେ ଅଛି ।

Digitized by srujanika@gmail.com

ଅପୂର୍ବ ସମ୍ବାଦ ୨ସ୍ଯ ରୂପ ।

" ତୃତୀୟ ଲୋକସ୍ଯ ତବ ପ୍ରିୟାର୍ଥଂ ସଂସାରଯାତ୍ରାମନୁବର୍ତ୍ତୟିଷ୍ୟେ "



ଦୋହାଇ " ବଙ୍ଗବାସୀ "

ଅମ୍ଭେ ତୁମ୍ଭର ନାମ ନେଇ ପ୍ରକଟ ଦୁଃଖର ହରଣ ପାଇଁ ଅବତୀର୍ଣ୍ଣ ହେଲୁଁ ତୁମ୍ଭର ବଳରେ ତୁମ୍ଭଙ୍କୁ ସନ୍ତୁଷ୍ଟ କରବୁଁ ।

ସନ ୧୨୯୫ ସାଲ ବୈଶାଖମାସ ତ ୭ ନ ବୁଧବାରଠାରୁ ସାପ୍ତାହିକ " ଅପୂର୍ବ ଧନ " ବାହାର ହେବ । ଚୈତ୍ର ତ ୩୦ ନ ପର୍ଯ୍ୟନ୍ତ ଯେଉଁମାନେ ଗ୍ରାହକଶ୍ରେଣୀଭୁକ୍ତ ହେବେ ସେମାନେ ଖାର୍ଷିକମୂଲ୍ୟ କଲିକତାରେ ଟ ୧୲ ମଫସଲରେ, ଟ ୨୲ ହାରେ ପାଇବେ । ଅର୍ଥାତ୍ ପାଞ୍ଚ ଭୋଜନ ହେଲେ ନୂତନ ଖାତାରେ ଯେଉଁମାନେ ଗ୍ରାହକ ହେବେ ସେମାନେ ଟ ୨୲ ଓ ଟ ୨୲ ଦେବେ । ସିଦ୍ଧା କଥା ।

ଏ ଦୋକାନଦାରୀ କାହିଁକ କଲୁ ତାହା ପରେ ବୁଝାଇବୁଁ । କେବଳ ଅଠଅଣା ପଇସା ଲୋକସାନ ନୁହେ; ଆଉ ମଧ୍ଯ ବହୁ ଅଛୁ, ଚୈତ୍ର ତ ୩୦ ନ ପର " No gold can buy them back again " ଅର୍ଥାତ୍ କେବେହେଁ ସେସମସ୍ତ ଫେରିବ ନାହିଁ । ବୋଲିବା ବାହୁଲ୍ୟ ଏଥି ମଧ୍ଯରେ ପୁଣି ଥରେ ପଢୁ ଅଛୁ, ଚୈତ୍ର ତ ୧ ନର ଓ ଚୈତ୍ର ତ ୩୦ ନର ଗ୍ରାହକମଧ୍ଯରେ ପ୍ରଭେଦ ଅଛୁ ।

ଯେଉଁ ବ୍ଯକ୍ତି "ଅପୂର୍ବର" କୌଣସି ପରଚୟ ନ ନେଇ ଟଙ୍କା ପଠାଇଅଛନ୍ତି ସେମାନେ ଅର୍ଦ୍ଧମୂଲ୍ୟରେ ପାଇବେ ଅଉ ( ସ୍ବଜଶାହ ) ଶ୍ରୀମନ୍ତପୁରନିବାସୀ ଶ୍ରୀଯୁକ୍ତ ମହେଶଙ୍କ ସରକାର 'ପ୍ରଭଯାଳକ ପିତା' ଙ୍କଆଦେଶକ୍ରମେ ବିନାମୂଲ୍ୟରେ କାଗଜ ପାଇବେ ଏ ଏଥିର ମୂଲ ଅଟନ୍ତି ।

ହେ "ଅପୂର୍ବବନ୍ଧୁ" ମାନେ ବଳୁଚି ନ କହି କରଯୋଡ ହୋଇଅଛୁ ଯେ ଅପଣା ହିତମିତ୍ର ଯଦ୍ୟପି ପିଠିଫୋଡ଼ାଇ ରକ୍ତରେ ଝୁଲିପାର, ଅଗ୍ନିରେ ଝାସ ଦେଇପାର ତାହା ହେଲେ ଏହି "ପାଣ୍ଟିଆରେ" ଦେଖାଦଅ । ତରସିଗଛ ଉଠିଲେ ଅନେକଲୋକ ରଙ୍ଗ ତାମାସା ଦେଖିବାକୁ ଆସିବେ । ଦନେ ୨୦ ହଜାର ଆସିଥିଲେ । କଲୁ 'ବଙ୍ଗବାସିର' ରୂପ ଗୁଣର ପରଚୟ ନ ନେଇ ଯେଉଁମାନେ ଦେଖା ଦେଇଥିଲେ ସେମାନଙ୍କର ନାମ ଅମ୍ଭର ଏବେବେଳଯାଏ ମୁଖସ୍ଥ ଅଛୁ । ମଲେ ଭୁଲିବୁ କ ନାହିଁ ନ ଜାଣୁଁ ।

ଦୁଇଜଣ ଅପୂର୍ବବନ୍ଧୁ ଏକତ୍ର ଦୁଇଖଣ୍ଡ କାଗଜ ନେଲେ ଟଙ୍କାରେ ପାଇବେ । ନବେଦନ ଇତି । ୯୪ ସାଲ ୩୦ ଫାଲ୍ଗୁନ ଚମୌନି ଅମାବାସ୍ଯା ।

ଆପଣମାନଙ୍କର ପୁଷ୍ଟିକନଇଚ୍ଛା } ଉପେନ୍ଦ୍ରନାଥ ସିଂହ ସ୍ବତ୍ବ କାର୍ଯ୍ୟାଧ୍ଯକ୍ଷ
୫୩ ନମ୍ବର କଲୁଟୋଲା
କଲିକତା ଅପୂର୍ବକାର୍ଯ୍ୟାଳୟ

ଯୋଗସିଦ୍ଧ ଅଷ୍ଟଧାତୁ ଅଙ୍ଗୁଷ୍ଟ, ଅନନ୍ତବୃତ ଓ ପଦକ ।




ଏ ସବୁ ସୁନା ରୂପା ତମ୍ବା ଲୁହା ଦସ୍ତା ସୀସା ଦସ୍ତା ଓ ପାରାରେ ନର୍ମିତ । ଜ୍ବର ତୃଷ୍ଣା ବାତ, ଶ୍ବାସ ଅର୍ଶ ମୂର୍ଚ୍ଛା ଅମ୍ଳପ୍ରମେହ ବାଇ ଉନ୍ମାଦ ଓଲାଉଠା ପ୍ରଭୃତି ସମସ୍ତ ଉତ୍କଟରୋଗର ଅବ୍ୟର୍ଥ ଔଷଧ । ସୁସ୍ଥଶରୀରରେ ଧାରଣ କଲେ ଶରୀରର ବଳ ବୀର୍ଯ୍ୟ କାନ୍ତି ଓ ପୁଷ୍ଟି ଅତ୍ୟନ୍ତ ବୃଦ୍ଧି ହୁଅଇ । ଏହି ଅନନ୍ତବୃତ ଇତ୍ୟାଦ ହିମାଳୟନିବାସୀ ଜଣେ ଯୋଗିଙ୍କଠାରୁ ପ୍ରାପ୍ତ ଓ ତାହାଙ୍କର ଆଜ୍ଞା ଅଛି ଯେ ରୋଗରୁ ମୁକ୍ତ ହେଲେ କୌଣସି ଦେବାଳୟରେ ଯଥାସାଧ୍ଯ ପୂଜା ଦେବାକୁ ହେବ ।

ପୁରୁଷ ଦକ୍ଷିଣହସ୍ତ ଓ ସ୍ତ୍ରୀ ବାମହସ୍ତରେ ଏହି ଅନନ୍ତବୃତ ଧାରଣ କରବ ପୂର୍ଣ୍ଣିମା ଓ ଅମାବାସ୍ଯାରେ ଗଙ୍ଗାଜଳ ଅଥବା ଦେବପୂଜାରେ ବ୍ୟବହାର ହୋଇପାରିବା ଶୁଦ୍ଧଜଳରେ ବୁଡ଼ାଇ ସେ ଜଳ ପିଇବ ।

ମୂଲ୍ୟ

| | | |
|---|---|---|
| ଅନନ୍ତବୃତ | ଗୋ ୧ ଖଣ୍ଡୁ | ଟ ୧ ୧ |
| ହୃଦତ ଅବା ପଦକ | " | ଟ ୧୲ |
| ଅଙ୍ଗୁଷ୍ଟ | " | ଟ ୧। |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ବକ୍ରୟ ହେଉଅଛି ।

ଓଡ଼ିଶା ମିଶନ ପ୍ରେସ

କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀସମ୍ବନ୍ଧୀୟ କାଗଜ ପତ୍ରାଦ ଛପା ହୁଏ ।

ଏଷ୍ଟିମେଟ ମାଗିଲେ ମିଳଇ ।

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



REGISTERED NO. 1

# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭାଗ ୨୩ ଶ
ସଂ ୧୩ ସଂଖ୍ୟା

ତା ୩୧ ଦିନ ମାହେ ମାର୍ଚ୍ଚ ସନ ୧୮୮୮ ମସିହା । ମ । ଚୈତ୍ର ର ୨୦ ର ସନ ୧୨୯୫ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦ୍ଦେୟ ଟ ୬୲

ଇସ୍ତାହାର ।

କଟକ ଜଜ୍‌ଜ ସବ୍‌ଜଜଙ୍କ ଅଦାଲତ

ଡ଼ିକ୍ରୀଜାରୀ ନ ୭ ମର । ବା । ସନ୍ ୧୮୮୮

ଚୌଧୁରୀ ବୃନ୍ଦାବନଦାସ । ସା । ଉଗାର-ପୁର । ପ୍ର । ଝୋଡ଼ଦେଶ ଡ଼ିକ୍ରୀଦାର

ଚୌଧୁରୀ ଶଙ୍କଦେବ ମହାପାତ୍ର । ବା । ସା । ରାମନଗର । ପ୍ର । କାଟସାହି ଦେଣଦାର

କଟକକଲେକ୍ଟର ନ ୩୨୯୬ ମର ତୌଜିଭୁକ୍ତ ଜମିଦାରୀ । କ । ତା । ହୋରକଗ । ପ୍ର । ଯାଜପୁର ମୋଟ ସଦରଜମା ଟ ୯୧୭୬/୪ ର ତାହାର ଉପରଲିଖିତ ଦେଣଦାର ଏବଂ ଅର୍ଜୁନ ମହାପାତ୍ରଙ୍କ ନାମରେ ବନ୍ଦୋବସ୍ତ ହୋଇଅଛି ତହିଁ ମଧ୍ୟରୁ ଉପରଲିଖିତ ଦେଣ-ଦାରଙ୍କ ହିସ୍ସାମୂଲ ୫ ଅଣା ୨ ଗଣ୍ଡା ମଧ୍ୟେ ଟ ସଦରଜମା ଟ ୪୫୭/୩।/୧୨ ସନ ୧୮୮୮ ମସିହା ଅପ୍ରେଲ ମାସ ତା ୧୫ ଦିନ ବେଳ ଦୁଇପ୍ରହର ସମୟରେ ଉକ୍ତ ଜଜସାହେବଙ୍କ ଅଦାଲତରେ ଉକ୍ତ ଅଦାଲତର ନାଜରଙ୍କଦ୍ୱାରା ପ୍ରକାଶ୍ୟରୂପେ ନିଲାମ ହେବ । ସର୍ବସାଧାରଣଙ୍କ ଜାଣିବା କାରଣ ଏହି ଇସ୍ତାହାର ଦିଆଗଲା ।

ଦସ୍ତଖତ ଶ୍ରୀ ଯୋଗେଶଚନ୍ଦ୍ର ମିତ୍ର
ସବଜଜ ।

---

ଉତ୍କଳଦୀପିକା ।

ତା ୩୧ ରୁଖ ମାର୍ଚ୍ଚ ସନ ୧୮୮୮ ମସିହା ।

---

ଜଙ୍ଗଲରସମ୍ବନ୍ଧରେ ଓଡ଼ିଶାପ୍ରଜାଙ୍କର ଦୁଃଖ କଥା ଶୁଣା ନ ହୋଇ ଅବଧି ପୂର୍ବାପ୍ରାପ୍ତ ବୃତ୍ତି-ଥିବାର ଉତ୍କଳସଭାର ଗତ ଅଧିବେଶନରେ ପ୍ରକାଶ ହେବାରୁ ତହିଁର ତଦନ୍ତ ନିମିତ୍ତ ସଭା ଗୋଟିଏ ସବ୍‌କମିଟୀ ନିଯୁକ୍ତ କରିଅଛନ୍ତି ଓ ରାୟବାହାଦୁର ବୈଦ୍ୟନାଥ ପଣ୍ଡିତ ଓ ବାବୁ ଗୋକୁଳାନନ୍ଦ ଚୌଧୁରୀ, ବାବୁ ମଧୁସୂଦନ ଦାସ, ବାବୁ ଶ୍ୟାମସୁନ୍ଦର ରାୟଗୁରୁ, ବାବୁ ବୈକୁଣ୍ଠନାଥ ଦତ୍ତ ଓ ବାବୁ ଗୋବର୍ଦ୍ଧନ ଏଥିର ସଭ୍ୟ ହୋଇଅଛନ୍ତି । ପ୍ରଜାମାନେ ଏମାନଙ୍କ ନିକ-ଟରେ ଦୁଃଖ ଜଣାଇଲେ ତହିଁର ଉଚିତ ତଦନ୍ତ ହୋଇ ପ୍ରତୀକାରର ଉପାୟ କରାଯିବ ।

---

ପୁରୀର ଡିପୁଟିକଲେକ୍ଟର ସେରସ୍ତାଦାର ବାବୁ ଭଗବାନଚନ୍ଦ୍ର ଦତ୍ତ ବାଲେଶ୍ୱରକୁ ଏବଂ ସେଠା ସେରସ୍ତାଦାର ବାବୁ ଶ୍ୟାମସୁନ୍ଦର ଦାସ ପୁରୀକୁ ବଦଳି ହୋଇଅଛନ୍ତି । ବଦଳୀର କାରଣ ବସ୍ତୁତଃ ଜଣାଯାଇ ନାହିଁ । ଶୁଣା-ଯାଉଛି ପୁରୀର ଅନେକ ଲୋକ ଭଗବାନବାବୁ-ଙ୍କପ୍ରତି ଅସନ୍ତୁଷ୍ଟ ଥିବାରୁ ବେନାମୀ ଦରଖାସ୍ତ ସୁବ କମିଶନର ସାହେବଙ୍କ ନିକଟକୁ ପଠାଇ-ଥିଲେ । ଏଥିମଧ୍ୟରେ ଷ୍ଟେଡ଼ଷ୍ଟେସ ଟଙ୍କା ଗୋ-ଲମାଲର ମାମଲାମାନ ଉପସ୍ଥିତ ହୋଇଅଛି । ଫଳ କଥା ଭଗବାନ ବାବୁ ପୁରୀରେ ଅପଣା-କାର୍ଯ୍ୟଦ୍ୱାରା ସମସ୍ତଙ୍କର ପ୍ରିୟପାତ୍ର ହୋଇ ପାରି-ନେଲେ ନାହିଁ । ଏଣୁ ତାହାଙ୍କ ବଦଳୀ ଅକ୍ଷରେ କେହି ଦୁଃଖିତ ଥିବାର ପ୍ରକାଶ ହେଉ ନାହିଁ ।

—*—

ବାବୁ ବୈଦ୍ୟନାଥ ପଣ୍ଡିତ ରାୟ ବାହାଦୁର ଫସ୍ଟ-ମଫସଲମଧ୍ୟରେ ଏହି ଗ୍ରୀଷ୍ମକାଳରେ ଗୋ-ଟିଏ ଜଳଛତ୍ର ଦେବା କାରଣ ଟ ୨୫୦ ଙ୍କା ସେଠା ସନାତନଧର୍ମରକ୍ଷିଣୀ ସଭା ନିକଟକୁ ପଠାଇ ଦେବାରୁ ଲେଟିବଭାଇସର ବାବୁ ଗଗନଚନ୍ଦ୍ର ଦାସ ଗୁପ୍ତଙ୍କ ସାହାଯ୍ୟରେ ଜଳଛତ୍ର ବସିଥିବାର ଉକ୍ତ ସଭାରୁ ସମ୍ବାଦ ପାଇଅଛୁଁ । ସଭା ଏଥିପାଇଁ ରାୟ ବାହାଦୁରଙ୍କଠାରେ କୃତ-ଜ୍ଞତା ପ୍ରକାଶ କରିଅଛନ୍ତି । ରାୟ ବାହାଦୁରଙ୍କର ସାଧାରଣ ମଙ୍ଗଳକାର୍ଯ୍ୟରେ କ୍ରମାଗତ ମନୋ-ଯୋଗ ଓ ବଦାନ୍ୟତା ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଅଛୁଁ । ତାହାଙ୍କ-ଯୋଗେ ବର୍ତ୍ତମାନ ଓଡ଼ିଶାର ଗୌରବ ପ୍ରକାଶ ପାଉଅଛି ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି ଧର୍ମ-ଶାଳାଠାରେ ବାବୁ ବୈଦ୍ୟନାଥ ପଣ୍ଡିତ ରାୟ-ବାହାଦୁରଙ୍କର ଯେଉଁ ଦାତବ୍ୟ ଔଷଧାଳୟ ଅଛି ସେଥିର କମ୍ପାଉଣ୍ଡର ବାବୁ ଗୋବର୍ଦ୍ଧନଚନ୍ଦ୍ର ନାୟକଙ୍କ ପ୍ରାୟ ଦୁଇମାସ ହେଲା ବଦାୟ ଦିଆଯାଇ ବାବୁ ଜଗବନ୍ଧୁ ସାହୁ ନାମକ ଜଣେ ଖ୍ରୀଷ୍ଟିୟାନ ନିଯୁକ୍ତ ହେବାରୁ ଡାକ୍ତରଖାନା-ଦୟରେ ଅନେକ ହିନ୍ଦୁ ଉକ୍ତ ଚିକିତ୍ସାଳୟକୁ ଅସୁ ନାହାନ୍ତି ଏବଂ ଏଥିପାଇଁ ସେ ଜଣେ ହିନ୍ଦୁ-ଡାକ୍ତର ସେଠାରେ ନିଯୁକ୍ତ କରିବା କାରଣ ପ୍ରାର୍ଥନା କରିଅଛନ୍ତି । ମୋଫସଲରେ ଇଂରାଜୀ

Digitized by srujanika@gmail.com

Split by PDF Splitter



ଜିଲ୍ଲା ଅବସ୍ଥା ଭଲ୍ଲିରୂପରେ ପ୍ରଚଳିତ ହୋଇ ନାହିଁ । ଅନେକଲୋକ ଜାତିଭାବ ବସ୍ତୁରେ ଅଭ୍ୟାସକୁ ଯାଇ ନାହିଁ । ଏଥିରେ ଗୀର୍ଜାଘର ଜାତ୍ରିବ ପ୍ରତି ସେମାନଙ୍କର ଅଧିକ ଭକ୍ତିଭାବ ହେବ ସନ୍ଦେହ ନାହିଁ ଅତଏବ ଅମ୍ଭେମାନେ ଆଶା କରୁଁ ଯେ ମିଶନାରିମାନଙ୍କର କାର୍ଯ୍ୟକାରକମାନେ ଏ ସୁବିଧାରେ ଅନୁଗ୍ରହ କରି ତାହା ପ୍ରବୃତ୍ତ ହୋଇଥିଲେ ବହୁତ ବନ୍ଦୋବସ୍ତ କରିବେ ।

---

ବିଳାତରେ ଯେଉଁ ଯୁଦ୍ଧ ହେବାର କଥା ଥିଲା ତାହା ଘଟିନା ଘଟେଇ ଶେଷ ହୋଇଅଛି । ଗତ ମାସ ତା ୨୦ ରିଖରେ କର୍ଣ୍ଣେଲ ଗ୍ରାହାମ ସାହେବ ୬ ୧୦୦ ଜଣ ଗୋରା ସୈନ୍ୟ ଏବଂ ୬ ୧୦୦ ଜଣ ଦେଶୀୟ ସେନା ଘେନି ତେଲ୍ଲିଙ୍ଗଳା ଘାଟରେ ଭୁଟିଆମାନଙ୍କୁ ଆକ୍ରମଣ କରି ସ୍ଥାନଚ୍ୟୁତ କରିଅଛନ୍ତି । ଭୁଟିଆମାନଙ୍କ ମଧ୍ୟରୁ ୬ ୭ ଶ ହତ ଓ ଅନେକ ଆହତ ହେବାରୁ ସେମାନେ ଗ୍ରାମ ଓ ଦୁର୍ଗାଦି ଛାଡ଼ି ଘୋର ଜଙ୍ଗଲ ଓ ଜଙ୍ଗୁଅରେ ପଳାୟନ କଲେ । ଇଂରାଜଙ୍କ ପକ୍ଷରୁ ଜଣେ କର୍ଣ୍ଣେଲ ଓ ଜଣେ ଦେଶୀୟଲୋକ ସାମାନ୍ୟ ପ୍ରକାର ଆହତ ହୋଇଅଛନ୍ତି । ଇଂରାଜ ସୈନ୍ୟ ବର୍ଷା ଉପରେ ଚଢ଼ାଇ ହେଲେ ମାତ୍ର ସେଠାରେ ପକ୍ଷୀ ଦେଖାଗଲେ ଯେ ବର୍ଷା ଘାଇ ଅଛନ୍ତି । ଭୁଟିଆମାନେ ପଳାଇବାର ଗ୍ରାମରେ ଘର ଓ ବାରି ହୋଇ ଶତ ପଳାଇ ଅଛନ୍ତି । ଏଣିକରେ ଏ ଯୁଦ୍ଧ ଶେଷ ହେଲା ପରି ଜଣା ଯାଉଅଛି ।

---

ଗୋଷ୍ଠାର ମନ୍ତ୍ରଣାଳ ସ୍ଥାୟ ଜମିଦାରୀ ସଭଙ୍କ ପଠାଇବା ୧୮୮୬ ସାଲ ଅକ୍ଟୋବର ମାସରେ ସ୍ଥାପିତ ହୋଇଥିଲା ଅନୁସାରେ ବାର୍ଷିକ ୫୦୦ ଟଙ୍କା ଦାମ ଖଜଣା ମହଲର୍ଦ୍ଦାର ସ୍ଥାୟ ଖଜଣା ଦେବା କ୍ରମ ବର୍ଦ୍ଧମାନ ଓ ଢାକା ଜିଲ୍ଲାରେ ବନ୍ଦୋବସ୍ତ ଜାରି ହେଲା ଓ ୧୮୮୭ ମସିହାରେ ଏ କ୍ରମ ବଙ୍ଗଦେଶର ଅନ୍ୟାନ୍ୟ ସ୍ଥାନମାନଙ୍କରେ ଜାରି ହେଲା । ବର୍ତ୍ତମାନ ତାହା ଉତ୍ତମ ରୂପେ କାର୍ଯ୍ୟ କାରକ ଓ ଲୋକଙ୍କର ସୁବିଧାଜନକ ହେବାରୁ ଗୋଷ୍ଠାର ଜମିଦାରୀ ଜମିଦାରୀ ଖଜଣାମାନ ମନ୍ତ୍ରଣାଳ ସ୍ଥାୟ ପଠାଇବାର ପ୍ରାର୍ଥନା କରିଥିଲେ । ପୋଷ୍ଟମାଷ୍ଟର ଜେନେରାଲ ସାହେବ ବୋର୍ଡ ଅଫ୍ ରେଭିନ୍ୟୁ ପୋଷ୍ଟମାଷ୍ଟର ଜେନେରାଲଙ୍କ ଅନୁମତିକ୍ରମେ ଆପଣା ଅଞ୍ଚଳମାନଙ୍କଠାରୁ ଜମିଦାରୀ ଖଜଣାମାନ ଜମିଦାରୀ ଭାବ ସେହି ଓ ପ୍ରଦେଶୀୟ କରମାନ ଭାବ ମନ୍ତ୍ରଣାଳଦ୍ୱାରା ପ୍ରେରଣ କରିବାପାଇଁ ଅନୁମତି ପ୍ରଦାନ କରିଅଛନ୍ତି । ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଏ ହୁକୁମରେ ସର୍ବସାଧାରଣ ଅତ୍ୟନ୍ତ ପ୍ରୀତ ହେବେ ସନ୍ଦେହ ନାହିଁ । ଏ ଉପାୟଦ୍ୱାରା ସାଧାରଣ ଲୋକେ ଉତ୍ତର୍ଗତରୁ ବହୁ ଦୂରରେ ଅଥଚ ଖଜଣା ସବୁ ଜମା ଦେବାମାନଙ୍କରେ ସଦର ଖଜଣାଖାନାରେ ପହଞ୍ଚିବ । ଅମ୍ଭେମାନେ ଆଶା କରୁଁ ଉତ୍ତରେ ଭୂଇଁଗତ ଉଦ୍ୟୋଗ ଓଡ଼ିଶାର ସମସ୍ତ ଜମିଦାରମାନେ ଯଥାସମୟରେ ସେମାନଙ୍କ ଦେୟ ମନ୍ତ୍ରଣାଳଦ୍ୱାରା ପ୍ରେରଣ କରିବାକୁ ବିଳମ୍ବ କରିବେ ନାହିଁ ।

---

ଗତ ରବିବାର ଏଠା ଉତ୍କଳସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ସଭାପତି ସାହେବ ଭାରୁ ମଧୁସୂଦନ ଦାସ ପ୍ରସ୍ତାବ କଲେ ଯେ ପୁରୀ କଟକ ବାଲେଶ୍ୱର ରେଲୱେ କୋମ୍ପାନିର କର୍ମଚାରୀ ନଦୀ ଓ ବନ୍ଦର ଭାର ଗ୍ରହଣ କରିଅଛନ୍ତି । ବଙ୍ଗଳା ନାଗପୁର ରେଲୱେ ମଧ୍ୟ ଏହି କର୍ମ କରୁଅଛନ୍ତି । ସେ ଦାର୍ଯ୍ୟ ଶେଷ ହେଲାପରେ ଏ ରେଲୱେ ଷ୍ଟେଶନରେ ସ୍ଥାନ ଦେବା ଉଚିତ କର୍ମଚାରୀ ଦିଆ । ଏପରି ହେଲେ ଓଡ଼ିଶା–ରେଲୱେର ଅନୁଷ୍ଠାନ ଉଚିତ ଅଟେ ଏ କାର୍ଯ୍ୟ ଶୀଘ୍ର ନ ହେଲେ ଗବର୍ଣ୍ଣମେଣ୍ଟ ଏହାକୁ ନ ଦେଇ ଅନ୍ୟ କମ୍ପାନୀକୁ ଦେବାର ଇଚ୍ଛା ପ୍ରକାଶ କଲେ ଅବଶ୍ୟ ସେମାନେ ଶୀଘ୍ର କାର୍ଯ୍ୟାରମ୍ଭ କରିବେ । ବଙ୍ଗଳା ନାଗପୁର–ରେଲୱେ ଆସି ହେଲେ ଓଡ଼ିଶା ରେଲୱେ କର୍ମଣ କରିବାର ଅଧିକ ସୁବିଧା ହେବ ଏ କଥାର ଯୁକ୍ତିସିଦ୍ଧ ମୂଳକ ବରଂ ଜାହାଜବାଟେ ରେଲୱେର ଉପକରଣମାନ ଯଥାଶୀଘ୍ର ଆଣିପାରିବେ ସେଠାରୁ ରମଣ କାର୍ଯ୍ୟ ଆରମ୍ଭ କରିବା ଅଧିକ ସୁବିଧା ଅଟେ ଏବଂ ଉକ୍ତବାଟ ଦୁଇ ଦିଗରୁ ସେଥିରେ ଲାଗିବା ସମ୍ଭବପର ନାହିଁ । ସେଥିରେ ଏ ରେଲ କେବା ଉପଯୁକ୍ତ କମ୍ପାନୀର ଅଟେ କେବ ଏବଂ ଉତ୍କଳକୁ ଯାତ୍ରୀ ଓ ମାଲ ବାଟେ ରେଲର ଉପକରଣମାନ ଆଣିବାକୁ ସମ୍ପୂର୍ଣ୍ଣ ସୁବିଧା ଅଛି ଦୁଇଟା ଦୁଇମନ ବାଟ ଉଣିଶ ଘଣ୍ଟାରେ ବହୁ ଅସୁବିଧା ନାହିଁ ଏଥିପାଇଁ ଏତେ ଦିନରେ ରେଲୱେ ଶୀଘ୍ର ନିର୍ମାଣ କାରଣ ଗବର୍ଣ୍ଣମେଣ୍ଟଙ୍କ ଅନେକଥର ନିବେଦନ କରାଯାଇଅଛି ସଭା ପ୍ରାର୍ଥନା କରୁଅଛନ୍ତି ।

---

ଅମ୍ଭେମାନେ ବାଲେଶ୍ୱରଙ୍କ ଦୁଃଖର ସହିତ ପାଠକଙ୍କୁ ଜଣାଉଅଛୁ ଯେ ବାଲେଶ୍ୱରର ଇଂରାଜୀସ୍କୁଲର ବ୍ୟୟ ସଂକ୍ଷେପ କରିବା ଉଦ୍ଦେଶ୍ୟରେ ଉକ୍ତ ସ୍କୁଲକୁ ସମ୍ପୂର୍ଣ୍ଣ ନଷ୍ଟ କରିବାର ଉପାୟ ହେଉଅଛି । ସେ ସମ୍ବନ୍ଧରେ ଗୋଟିଏ ପ୍ରସ୍ତାବ ହୋଇଅଛି ଯଥା ସ୍କୁଲର ପ୍ରଥମ ତିନିଶ୍ରେଣୀ ଉଠାଇଦେବା ଏବଂ ଉକ୍ତ ଶ୍ରେଣୀମାନ ଉଠାଇଦେବା ଏବଂ ଜିଲ୍ଲାବୋର୍ଡଙ୍କ ହାତରେ ସମର୍ପଣ କରିବା । ସେଠାର ବର୍ତ୍ତମାନ ସ୍ୱୟୋଗରେ ଜଙ୍କିନ୍ସ ହିନ୍ଦୁପ୍ରସ୍ତାବମତ ଏହି ଆପତ୍ତି ବର୍ଷାଭଙ୍କ ଓ ବାଲେଶ୍ୱରରେ ବହାବନୀର ଅସ୍ମଦୀୟ ଅଭିଭାବ ଏବଂ ପ୍ରଜାଙ୍କୁ ବୋର୍ଡଙ୍କ ଅଧୀନରେ ସ୍କୁଲର କାର୍ଯ୍ୟ କରାଇ ସୁସ୍ତରୂପେ ସ୍ଥାପନ ନାହିଁ । ଏ ଆପତ୍ତି ମେଟ୍ରୋପ ଶାଦେଶକ ସରକାର ହେଉବାକୁ ଦ୍ୱିତୀୟପ୍ରସ୍ତାବ ଗ୍ରହଣ କରି ପ୍ରଥମ ପ୍ରସ୍ତାବାନୁସାରେ କାର୍ଯ୍ୟ କରିବାକୁ ଆଦେଶ ଦେଇଅଛନ୍ତି । ସ୍କୁଲର ନିମ୍ନଶ୍ରେଣୀମାନ ଉଠିଗଲେ ସେ ସ୍କୁଲଟି ଶେଷ ହୋଇଯିବ ଅଥବା ଛାତ୍ର ହୋଇ ପାଇବ ନାହିଁ ଏକଥା ବୁଝାଇବା ବାହୁଲ୍ୟ ମାତ୍ର । ଯଦି ସରକାର ଅନୁଗ୍ରହ କରି ଉକ୍ତ ସ୍କୁଲକୁ ବଳପୂର୍ବକ ହ୍ରାସମତଠାରୁ ଏପରି ପ୍ରସ୍ତାବ ଜାଣାନ୍ତି । ଜିଲ୍ଲାସ୍କୁଲକୁ ଅଧିକ ନ ଉଠିଲେ ଉଠିଗଲେ ସମ୍ପୂର୍ଣ୍ଣ କାର୍ଯ୍ୟ ହେବ ଏବଂ ଅନ୍ୟ ସ୍କୁଲମାନଙ୍କ ଉପଯୁକ୍ତ ଛାତ୍ର ଉତ୍ତମ ସ୍କୁଲକୁ ଯୋଗାଇ ପାରିବେ ଏପରି ଉପାୟ ଅନ୍ୟ କରାଯାଇ ନ ପାରେ । ଅମ୍ଭେମାନେ ଏହାକୁ ଯଥା ବଳ ବାଲେଶ୍ୱରର ଲୋକଙ୍କର ଉକ୍ତ ପ୍ରସ୍ତାବର ସମ୍ମତ ପ୍ରତିବାଦ କରିବେ ଏବଂ ଅମ୍ଭମାନଙ୍କ ବର୍ତ୍ତମାନ ଡିରେକ୍ଟର ସ୍କୁଲ ସମ୍ପୂର୍ଣ୍ଣରୂପ ସ୍ଥାପନ କରିବେ ।

---

ସମ୍ବାଦ ପାଇଅଛୁ ତାଳଚେର ସ୍କୁଲ ସୈନ୍ୟ ହେଉଅଛନ୍ତି ସେ ତାହାଙ୍କର ବାର୍ଷିକ ଆୟ କେବଳ ୫ ୧୦୦ ଟା ହେଲେ ମଧ୍ୟ ୫ ୧୦୦ ଟା ଗ୍ରାମମାନଙ୍କ ଉପରେ ବାର୍ଷିକ ପଡ଼ିଲା ଓ ଏଥିରେ ଗ୍ରାମର ଆୟମ୍ ସମସ୍ତ ଅର୍ଥ ଦେଇ ଦେଇ ପାରନ୍ତି । ମଧ୍ୟ କୃଷକମାନ ଜାଣନ୍ତି ୫ ୧୮୦୦ ଟା ବାବଦ ଦେବ ଏବେ ତାହା ହେଲେ ୫୦ ଟଙ୍କାଭାବ ବାକି

Digitized by srujanika@gmail.com

Split by PDF Splitter



ସବୁ ଖାଇ ବଞ୍ଚିଲେ ରକ୍ଷିବେ । ଅତଏବ ଏ ସଭାଟିଠାରୁ ଏଥର ବଡ଼କାଳ ବନ ହେଲା । ଯେବେ ଏଥିମଧ୍ୟରେ ଟ ୫୦୦ ଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ ହେବ ତେବେ ପୁନର୍ବାର ପତ୍ର ପ୍ରକାଶ ହେବ ଆଉ ଯେବେ ଅଗ୍ରିମ ଛଅମାସରେ ନ ଦାଦାଉ ତେବେ ଯେଉଁମାନେ ଅଗ୍ରିମ ମୂଲ୍ୟ ଦେଇଅଛନ୍ତି ସେମାନଙ୍କର ଯାହା ପାଉଣା ହେବ ତାହା ଫେରି ଦିଆଯିବ । ସହଯୋଗିଙ୍କର ଏପ୍ରକାର ଦୁଃଖରେ ଆମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହେଲୁଁ କାରଣ ଯେସ୍ଥଳେ ବାମଣ୍ଡାଧିପତିଙ୍କ ପ୍ରସାଦରୁ ତାହା ପ୍ରକାଶିତ ହେଉଥିଲା ସେ ସ୍ଥଳେ ଗ୍ରାହକଙ୍କର ସମ୍ପୂର୍ଣ୍ଣ ଦୋଷ ଦିଆଯାଇ ନ ପାରେ । କାରଣ ଅନେକ ଗ୍ରାହକ ଏପରି ମନେ କରିଥିବେ ଯେ ରାଜପ୍ରସାଦରୁ ପତ୍ରିକା ପ୍ରକାଶ ହେଉଥିବାସ୍ଥଳେ ତହିଁର ମୂଲ୍ୟ ଦେବା ନ ଦେବାରେ କିଛି ଆସେ ଯାଏ ନାହିଁ । ମୂଳକଥା ଏହି କି ଓଡ଼ିଶା ସମ୍ବାଦପତ୍ରର ବ୍ୟବସାୟପକ୍ଷରେ ବଡ଼ ଶଙ୍କଟସ୍ଥାନ ଅଟଇ । ଯେଉଁଠାରେ ଖଣ୍ଡିଏ ସମ୍ବାଦପତ୍ରର ଜୀବନ ଧାରଣ କଷ୍ଟକର କଥା ସେଠାରେ ଦୁଇତିନଖଣ୍ଡ କିରୂପେ ଚଳିବ । ଉତ୍କଳଭାଷାର ସମ୍ବାଦପତ୍ରରେ ଗ୍ରାହକମାନେ ଉତ୍କଳବାସୀଙ୍କ ହେତୁ ବା ପଢ଼ିବା ଇଚ୍ଛାରୁ ହେଉ ପତ୍ରିକା ଗ୍ରହଣ କରିବାକୁ ମାତ୍ର କରନ୍ତି ନାହିଁ ଅଥଚ ମୂଲ୍ୟ ଦେବାକୁ ପ୍ରବୃତ୍ତି ହୁଅନ୍ତି ନାହିଁ । ଏଥିରେ କେବଳ ବ୍ୟବସାୟର ହାନି ଓ ଅଦୟା ଗ୍ରାହକଙ୍କ ସଂଖ୍ୟା ବୃଦ୍ଧି ହେବା ଭିନ୍ନ କିଛି ଲାଭ ନାହିଁ । ଆମ୍ଭମାନଙ୍କ ବିବେଚନାରେ ଯେ ବ୍ୟକ୍ତି ଇଚ୍ଛାପୂର୍ବକ ଗ୍ରାହକ ହୋଇ ମିଥ୍ୟାବାଦମତେ ମୂଲ୍ୟ ନ ଦେଇ ଚାହାନ୍ତିରେ ନାଲିଶ କରିବା ଏବ ଯାହାକୁ ଯାଚ ଦିଆଯିବ ଯେ ନିର୍ଦ୍ଦିଷ୍ଟ ସମୟରେ ମୂଲ୍ୟ ନ ଦେଲେ ତାହାଙ୍କୁ ତ୍ୟାଗ କରିବା ଉଚିତ ଜ୍ଞାନ ହେଉଅଛି ।

—*—

ବାଲେଶ୍ୱରରେ ଟ୍ରେଟେସମଦନ୍ଧିପାପ୍ରଏଡୁକେସନଫଣ୍ଡ ନାମରେ ଯେଉଁ ପାଣ୍ଠି ସ୍ଥାପିତ ହୋଇଅଛି ତହିଁର ସମ୍ପାଦକଙ୍କଠାରୁ ହେଡେଡ କାଗଜ ପତ୍ର ପ୍ରାପ୍ତ ହେବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ । ଏହି ପାଣ୍ଠି ସେଠା ମୁସଲମାନଙ୍କ ପାଠାଭ୍ୟାସର ଉଦ୍ୟମରେ ସ୍ଥିରହୁଅଛି । ଜିଲ୍ଲାସ୍କୁଲ ଉଦ୍ଦେଶ ଇଂରାଜୀସ୍କୁଲରେ ଉର୍ଦ୍ଦୁ ଓ ପାରସ୍ୟଭାଷା ଶିଖାଇବା କାରଣ ଜଣେ ମୌଲବୀ ନିଯୁକ୍ତ କରିବା ଓ ମୋହସେଇ ସଦାବର୍ତ୍ତୀପଣ୍ଠିରୁ ଅନ୍ୟୁନ ଜାଲେଜର-ଇଂରାଜୀସ୍କୁଲରେ ନ ୧୫ ଣ ଓ ହେଡ଼ର ଇଂରାଜୀସ୍କୁଲରେ ନ ୧୫ ଣ ପିଲଙ୍କୁ ପଢ଼ାଇବାସକାଶେ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା କରିବାର ପ୍ରସ୍ତାବମାନ ଧାର୍ଯ୍ୟ କରିଅଛନ୍ତି । ଏହାର ମୁସଲମାନପିଲଙ୍କ ବସାଘର ଓ ଖାଇବା ପିଇବାର ବ୍ୟୟ ନିର୍ବାହାର୍ଥେ ସାଧାରଣଙ୍କଦ୍ୱାରା ଉପରଲିଖିତ ପାଣ୍ଠି ସୃଷ୍ଟି ହୋଇଅଛି ଏବ ଏପର୍ଯ୍ୟନ୍ତ ନିମ୍ନଲିଖିତ ବ୍ୟକ୍ତିମାନେ ଚେନ୍ଦା ଦେବାକୁ ସମ୍ମତ ହୋଇଅଛନ୍ତି ଯଥା ଶ୍ରୀଯୁକ୍ତ ଟ୍ୱିଡି ସାହେବ ଟ ୫୦ ଙ୍କା, ଢାକାର ନବାବ ଅବଦୁଲଗନି ଟ ୫୦୦ ଙ୍କା, ରାଜା ପ୍ୟାରୀମୋହନ ଦେ ବାହାଦୁର ବାଲେଶ୍ୱର ଟ ୧୦୦ ଙ୍କା, ମୁନସି ଅବଦୁଲଗନି ବଦୃଶ ଟ ୨୦୦ ଙ୍କା, ମୌଲବୀ ଅବଦୁଲ ସୋଭାନଖାଲ ବାଲେଶ୍ୱର ଟ ୨୦୦ ଙ୍କା, ବାବୁ ସ୍ୱଧାରମଣ ଦାସ ଓ ରାମମୋହନ ଦାସ ଟ ୧୦୦ ଙ୍କା, ବାବୁ ପୁରୁଷୋତ୍ତମ ଦାସ ମହମ୍ମଦଖାଜାବାଶନ ଖାଜାଖାନମହମ୍ମଦ ସାଲେମହମ୍ମଦ ଶ୍ରୀମତୀ କମଳକୁମାରୀଦତ୍ତ ଟ ୨୫ ଙ୍କା ଲେଖାଏଁ ବାବୁ ଶରତଚନ୍ଦ୍ରମଣ୍ଡଳ ବାବୁ କୈଲାଶଚନ୍ଦ୍ର ରାୟ ମହାଶୟ ବାବୁ ଗୟାଶ୍ୟାମଚରଣ ମହାପାତ୍ର ଟ ୨୦ ଙ୍କା ଲେଖାଏଁ ବାବୁ ଭଗବାନଚନ୍ଦ୍ର ଦାସ ମୌଲବୀ ହଫିଜର ରହମାନ, ବାଞ୍ଛାସାହୁସାହେବ ଜେ, ଏଚ, କାନ ମହମ୍ମଦ ଟ ୧୦ ଙ୍କା ଲେଖାଏଁ ହାଜିହାସିମ ଓ ମୁନସି ଅବଦୁଲ ସମଦ ଟ ୧୫ ଙ୍କା ଲେଖାଏଁ ଏପରି ଟ ୫ ଙ୍କା ଓ ତହିଁରୁ ଊଣା ପାୟ ଟ ୧୦୦ ଙ୍କା ।

ଆମ୍ଭେମାନେ ଆଶା କରୁଁ କି ଓଡ଼ିଶାର ଅନ୍ୟାନ୍ୟ ମୁସଲମାନମାନେ ଏହି ପାଣ୍ଠି ଦାନ କରିବାଦ୍ୱାରା ସ୍ୱଜାତୀୟଙ୍କର ଶିକ୍ଷାକାର୍ଯ୍ୟରେ ଯଥୋଚିତ ସାହାଯ୍ୟ କରିବାକୁ ଅଗ୍ରସର ହେବେ । ମୁସଲମାନଙ୍କ ଉନ୍ନତି ନିମିତ୍ତ ହିନ୍ଦୁମାନେ ଉପଯୁକ୍ତ ସେମାନଙ୍କରେ ଯୋଗ ଦେଇ ଯେମନ୍ତ ସହୃଦୟତାର ପରିଚୟ ଦେଇଅଛନ୍ତି ତାହା ଅତି ପ୍ରଶଂସନୀୟ ଅଟଇ । ଏହିପରି ଜାତୀୟଭାବ ରହିବାର ଉଚିତ ।

---

ଏଠାର କେତେକଜଣ ସ୍କୁଲଛାତ୍ର ବ୍ରାହ୍ମଧର୍ମ ଗ୍ରହଣ କରିବାରୁ ସେ ସମ୍ବନ୍ଧରେ ସ୍ଥାନୀୟ କତିପୟ ବ୍ୟକ୍ତି ପ୍ରଦାୟକ ସଙ୍ଗ ହୋଇ ଆବେଦନପତ୍ର ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପଠାଇଥିଲେ ତହିଁର ନିମ୍ନଲିଖିତ ଉତ୍ତର ଆସିଅଛି ଏବ ଜିଲ୍ଲାସଭାର ଅନୁରୋଧକ୍ରମେ ତାହା ପ୍ରକାଶ କରୁଅଛୁଁ, ଯଥା ।

( Copy )

GENERAL DEPARTMENT

EDUCATION.

No. 174

From

H. W. C. Carnduff Esqre c. s

Offg. Under Secretary to the Govt. of Bengal.

To

The Commissioner of the Orissa Division

Calcutta the 15th February 1888

Sir,

I am directed to acknowledge the receipt of your letter No. 2062 R dated 22nd November 1887 with which is forwarded a memorial from some Hindu residents of Cuttack representing their grievances in connection with the conversion of certain Hindu school boys into Bramoism, together with a copy of a letter from the Collector of Cuttack containing a statement of the facts of the case.

In reply I am to say that the Lieutenant Governor approves the action taken by the Collector to prevent Babu Madhu Sudan Rào Deputy Inspector of Schools Cuttack from publicly discharging the duties of Acharya or priest of the Bramho religion while he holds the post of Deputy Inspector of schools. The memorialists should be informed accordingly.

I have &c

Sd. H. W. C. Carnduff

*Offg. Under Secretary to the Govt. of Bengal.*

ଏଥିର ସାରମର୍ମ ଏହିକି ବାବୁ ମଧୁସୂଦନରାଓ ସ୍କୁଲ ଡେପୁଟୀ ଇନସ୍ପେକ୍ଟରଙ୍କୁ ପ୍ରକାଶରୂପେ ବ୍ରାହ୍ମସମାଜର ଆଚାର୍ଯ୍ୟଙ୍କ କାର୍ଯ୍ୟ କରିବାକୁ ଯାନ୍ତ ରଖିବାକାରଣ ଏଠା କଲେକ୍ଟର ଯାହା କରିଅଛନ୍ତି ତାହା ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ମନୋନୀତ ହୋଇଅଛି । ମାନ୍ୟବର ଲେଫ୍ଟନେଣ୍ଟ ଗବର୍ଣ୍ଣରଙ୍କ ଏ ଉତ୍ତର ସନ୍ତୋଷଜନକ ଅଟଇ ସନ୍ଦେହ ନାହିଁ । ସ୍ୱାଧୀନଚିନ୍ତାପ୍ରିୟ ପ୍ରଦାୟିକାସତ୍ତ୍ୱ ଆପତ୍ତି ଏହି ସ୍ଥଳ ର ସିଦ୍ଧାନ୍ତ-

Digitized by srujanika@gmail.com

Split by PDF Splitter

102



ନୀତି କୌଣସିଧର୍ମଗ୍ରନ୍ଥ କୌଣସିସାମ୍ପ୍ରଦାୟିକ ଧର୍ମର ଉପଦେଶ କୌଣସିଗ୍ରନ୍ଥରୁ ଦେଇପାରିବେ ନାହିଁ ଓ ସ୍କୁଲମାନ ଡାକ୍ତରମାନଙ୍କଠାରୁ ଗବର୍ଣ୍ଣମେଣ୍ଟପର୍ଯ୍ୟନ୍ତ ତାହା ଗ୍ରହଣ କରିବାରୁ ଉଚିତ ହୁଅଇ ଅଉ ସେପରି କିଛି ଘଟିବ ନାହିଁ ।

---

ଅମ୍ଭେମାନେ ପ୍ରେରିତପତ୍ରମାନଙ୍କରେ ପାଠକଙ୍କୁ ବ ଗତ ମାସ ତା ୧୮ ରିଖରେ ଓଡ଼ିଶା-ଇସଲାମ ସଭାର ୧୫ ପଞ୍ଚଦଶମ ସାଧାରଣ ଅଧିବେଶନ ମୁନ୍ସି ମୁଲତାନ ମହମ୍ମଦଙ୍କ ଘରଠାରେ ହୋଇଥିଲା ଏବଂ ତହିଁରେ ଅନ୍ୟାନ୍ୟ ବିଷୟ ମଧ୍ୟରେ ମହାମାନ୍ୟ ଲର୍ଡ଼ଡଫରିନ ବାହାଦୁରଙ୍କୁ ଋଣ୍ଡ୍ରିଏ ବଦାନ୍ୟତାଜନିତ ଅଭିନନ୍ଦନପତ୍ର ପ୍ରଦାନ କରିବାର ସମସ୍ତଙ୍କ ସମ୍ମତିରେ ଧାର୍ଯ୍ୟ ହେଲା । ଏହି ଖବରବାଦ ଦେଖିବା ପୂର୍ବେ ଅମ୍ଭେମାନେ ଏ ବିଷୟର କିଛି ମାତ୍ର ଜାଣି ନ ଥିଲୁଁ । ଇସଲାମସଭ୍ୟ ଅବଶ୍ୟ ଲର୍ଡ଼ଡଫରିନଙ୍କର କୌଣସି ବିଶେଷ କାର୍ଯ୍ୟ ହେତୁରୁ ଏପ୍ରକାର କରିଥିବେ କିନ୍ତୁ ଯେସ୍ଥଳେ ଉକ୍ତ ମହାତ୍ମାଙ୍କ ରାଜକାର୍ଯ୍ୟର ପ୍ରଶଂସା କରିବା ବିଷୟରେ ବିଷମ ମତଭେଦ ଉପସ୍ଥିତ ହୋଇଅଛି ଏବଂ ଓଡ଼ିଶାର ଅନ୍ୟାନ୍ୟ ସଭାମାନେ (ଅନୁମାନ ହୁଅଇ କି) କର୍ତ୍ତବ୍ୟ ସ୍ଥିର କରି ନ ପାରି ନୀରବ ରହିଅଛନ୍ତି ସେସ୍ଥଳେ ଇସଲାମସଭା ଏପରି କାର୍ଯ୍ୟରେ ଅଗ୍ରସର ହୋଇ ଯଦ୍ଧା ଯାହା ସାଧାରଣ ବିଜ୍ଞାପନ ନ ଦେଇ ଓ ସମସ୍ତଶ୍ରେଣୀର ଲୋକଙ୍କୁ ନ ଜଣାଇ ଏକପ୍ରକାର ଗୋପନଭାବରେ ତାହା ସମାଧା କଲେ ଏଥିରେ ଅମ୍ଭମାନଙ୍କର ତୃପ୍ତି ହେଲା ନାହିଁ ଏବଂ ତାହାଙ୍କ ଉଦ୍ଦେଶରେ ଏହା ହେଲେ ତାହାଙ୍କ ପ୍ରତି ମଧ୍ୟ ଗୌରବାନ୍ୱିତ ହେଲା ନାହିଁ । କାର୍ଯ୍ୟଟି ଯେଉଁସ୍ଥାନରେ ହେଲା ସେହିଠାର ଲୋକମାନେ ଜାଣି ନ ପାରନ୍ତି ତେବେ ତହିଁର ମୂଲ୍ୟ କେତେ ? ଅମ୍ଭେମାନେ ମନେ କରିଥିଲୁଁ ଯେ ଏଠାରେ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଅତ୍ୟନ୍ତ ମେଳ ଅଛି ଏବଂ ଫଏଜୁଲ ସଭାର ଗତ-ଅଧିବେଶନରେ ଏହି କଥା ବିଶେଷରୂପେ ପ୍ରମାଣିତ ହୋଇଥିଲା ମାତ୍ର ସେହିଦିନ ଯେ ଏଠା ମୁସଲମାନମାନଙ୍କ ମଧ୍ୟରୁ ଏକ ସମ୍ପ୍ରଦାୟ ଗୋଟିଏ ସାଧାରଣ କାର୍ଯ୍ୟ ଏକାକୀ କରିବାଦ୍ୱାରା ଅପର କୌଣସି ସମ୍ପ୍ରଦାୟର ସାହାଯ୍ୟ ନେଉ ନ ଥିଲେ ଏହା ଜଣା ଯାଇଥିଲେ ଉଦ୍ଭଟପ୍ରକାଶ ହୋଇଥାନ୍ତା । ଅମ୍ଭେମାନେ ଶୁଣିଲୁଁ ଯେ ଇସଲାମସଭାର ଏହି ଅଧିବେଶନ ସନ୍ଧ୍ୟାକାଳରେ ହୋଇଥିଲା କିନ୍ତୁ ସେହିଦିନ ସନ୍ଧ୍ୟାସମୟରେ ଫଏଜୁଲ ସଭା ହୋଇଥିବା ଓ ତହିଁରେ ଅନେକ ମୁସଲମାନ ଏକତ୍ରିତ ହୋଇଥିଲେ ହେଁ ସେ ସଭାରେ ଏପରି କିଛି ପ୍ରସ୍ତାବ ହେଲା ନାହିଁ କିମ୍ବା ଅପର ସଭାରେ ତାହା ଧାର୍ଯ୍ୟ ହୋଇଅଛି ବୋଲି କେହି କହିଲେ ନାହିଁ । ଏଥିରୁ ସ୍ପଷ୍ଟ ଜଣା ଯାଉଅଛି କି ଇସଲାମସଭାର ହିନ୍ଦୁମାନଙ୍କ ସହିତ ମେଳ ହେବାର ଦେଖିବ ଆଉ ଏ ନଗରବାସୀ ସ୍ୱଜାତିଙ୍କ ସହିତ ସେହି ମେଳ ନାହିଁ ଏବଂ ସେ ସଭାରେ ଯାହା ଧାର୍ଯ୍ୟ ହୋଇଅଛି ତାହା ଏଠା ସମସ୍ତ ମୁସଲମାନଙ୍କ ପକ୍ଷରୁ ହେବାର ବୋଲିଯାଇ ନ ପାରେ । ଅତଏବ ଏପରି ଅଭିନନ୍ଦନପତ୍ରଦ୍ୱାରା ଦାତା ଗ୍ରହୀତା କାହାର ଗୌରବ ପ୍ରକାଶ ହେଲା ନାହିଁ ଅମ୍ଭେମାନେ ଆଶା କରୁଁ ଇସଲାମସଭା ଏପ୍ରକାର ଗୁରୁତରକାର୍ଯ୍ୟମାନଙ୍କରେ ସର୍ବସାଧାରଣଙ୍କର ସହାନୁଭୂତି ପାଇବାର ଉପାୟ କରିବେ ନୋହିଲେ ସଭାଦ୍ୱାରା ବିଶେଷ କାର୍ଯ୍ୟଲାଭ ହେବ ନାହିଁ ।

---

## ଗୋରକ୍ଷଣୀ ସଭା ।

ଆଜିକାଲି ଓଡ଼ିଶାର ସ୍ଥାନେ ଅଡ଼େ ଗୋରକ୍ଷାବିଷୟରେ ସଭାମାନ ବସିବାର ଦେଖି ଅମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ । ଏହି ହିତକର ବିଷୟରେ ଲୋକଙ୍କର ଯେମନ୍ତ ମନୋଯୋଗ ଲାଗିଅଛି ଓ ସଦର ମୋଫସଲ ସକଳ ସ୍ଥାନରେ ଯେମନ୍ତ ଚର୍ଚ୍ଚା ପଡ଼ିଅଛି ଏମନ୍ତ କୌଣସି ବିଷୟରେ ଦେଖାଯାଇ ନାହିଁ । ଯହିଁରେ ସମସ୍ତଙ୍କର ଯତ୍ନ ଓ ମନୋଯୋଗ ଅଛି ତାହା ଅବଶ୍ୟ ସଫଳ ହେବ କେବଳ ଏହିକ ଆବଶ୍ୟକ ଯେମନ୍ତ ଏ ଚର୍ଚ୍ଚା କ୍ରମାଗତ ଲାଗିଥିବ କୌଣସିମତେ ଶୀତଳ ହେବ ନାହିଁ । ଏଥିମଧ୍ୟରେ କେତୋଟି ସଭାର ବିବରଣ ଅମ୍ଭେମାନେ ପ୍ରାପ୍ତ ହୋଇଥିବାରୁ ପାଠକମାନଙ୍କୁ ଜଣାଉଅଛୁଁ । ଯଥା

। ମୌ । ସିନ୍ଦୁଲୀ । ପ୍ର । ପାଏନା—କଟକ ଜିଲ୍ଲାଧୀନସ୍ଥ ରକ୍ଷକ ଶ୍ରୀ ଫକୀର ତ୍ରିପାଠିଙ୍କ ଯତ୍ନରେ ସେଠା ଗ୍ରାମଦେବତା ଅନ୍ନପୂର୍ଣ୍ଣା ଠାକୁରାଣୀଙ୍କ ସମ୍ମୁଖରେ ଗୋଟିଏ ବୃହତ ସଭା ହୋଇଥିଲା । ନିକଟବର୍ତ୍ତୀ ୧୫ ଖଣ୍ଡ ଗ୍ରାମର ବାସିନ୍ଦାମାନେ ଆମନ୍ତ୍ରଣମତେ ଆସିଥିଲେ । ତ୍ରିପାଠୀ ମହାଶୟ ବେଦଶାସ୍ତ୍ର ଓ ଧର୍ମଶାସ୍ତ୍ରର ବଚନମାନ ପାଠକରି ଗୋରୁର ଉପକାରିତା ଓ ଗୋରକ୍ଷାର ଆବଶ୍ୟକତା ଉତ୍ତମରୂପେ ବୁଝାଇ ଦେଲେ । ତହିଁ ଉତ୍ତାରୁ ତାହାଙ୍କ ସଭାପତି ଜମିଦାର ଶ୍ରୀ ବାମଦେବ ତ୍ରିପାଠୀ ବକ୍ତୃତାଦ୍ୱାରା ଗୋଟିଏ ଉଦାହରଣ ଦେଖାଇ ଗୋରୁଙ୍କଠାରେ ଭକ୍ତି ରଖିବାର ଫଳ ବର୍ଣ୍ଣନା କଲେ । ସଭାରେ ଧାର୍ଯ୍ୟ ହେଲା କି ଗୋଖାଦକ କ ଗୋବ୍ୟବସାୟୀଙ୍କୁ କେହି ଗୋରୁ ବିକ୍ରୟ କରିବେ ନାହିଁ ଏବଂ ଗୋଚର ଓ ଦଣ୍ଡା ଯେଉଁମାନେ ଚଷିଅଛନ୍ତି ଶୀଘ୍ର ଛାଡ଼ି ଦେବେ । ତାହା ନ କଲେ ଗ୍ରାମବାସିମାନେ ଗୋରୁ ଛାଡ଼ି କ୍ଷେତ ନଷ୍ଟ କରାଇବେ । ଚୌକିଆଙ୍କୁ ମଧ୍ୟ ଏ ବିଷୟରେ ତାକିଦ ହେଲା । ସଭାରେ ପ୍ରକାଶ ହେଲା ଯେ ଆଗୁଆ ବଙ୍ଗାଳମାନେ ପ୍ରଧାନ ଗୋରୁବ୍ୟବସାୟୀ ଅଟନ୍ତି । ସେମାନେ ଗ୍ରାମ ବୁଲି ଅଦର୍ଶନୀୟ ଗୋରୁସବୁ କିଣି ଆଣି କସାଇ ପ୍ରଭୃତିଙ୍କି ବିକ୍ରୟ କରନ୍ତି । ଏମାନେ ଦଣ୍ଡିତ ହେବାର ଯୋଗ୍ୟ ଓ ତାହା କରିବାର ବନ୍ଦୋବସ୍ତ ହେବ । ଏଥିରୁ ପାଠକମାନେ ଦେଖିବେ ଯେ ହିନ୍ଦୁମାନଙ୍କ ଯୋଗେ କସାଇମାନେ ଗୋରୁ ପାଉଅଛନ୍ତି । ଧର୍ମଶାସ୍ତ୍ରର ଶାସନ କଠିନରୂପେ ପ୍ରତିପାଳିତ ହେଲେ ଅବଶ୍ୟ ଫଳ ହେବ । ତ୍ରିପାଠୀ ଜମିଦାରମାନେ ଆପଣା ଏଲାକାର ଗୋଚରଭୂମି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ପ୍ରଶଂସନୀୟ ହୋଇଅଛନ୍ତି ସନ୍ଦେହ ନାହିଁ । ଆଶା କରୁଁ ଅନ୍ୟାନ୍ୟ ଜମିଦାରମାନେ ଏଥିର ଅନୁକରଣ କରିବେ ।

ଯୋଗେ ଗ୍ରାମଜଣା ବାଲେଶ୍ୱର—ଏଠା ଶ୍ରୀହରିହର ମହାଦେବଙ୍କ ମନ୍ଦିରରେ ଗତ ଚୈତ୍ରମାସ ତା ୧ ଦିନରେ ଶ୍ରୀ ମହନ୍ତ ସ୍ୱାମୀପ୍ରପନ୍ନସ୍ୱାମାନୁଜଦାସଙ୍କ ଅନୁମତି ଓ ଶ୍ରୀ ଚୌଧୁରୀ ଦୁର୍ଗାଚରଣ ଦାସ ମହାପାତ୍ରଙ୍କ ଯତ୍ନରେ ସଭା ହୋଇଥିଲା । ପ୍ରାୟ ୨୦୦ ଲୋକ ସଭାରେ ଉପସ୍ଥିତ ଥିଲେ । ମହନ୍ତ ମହାଶୟ ଏ ସଭାର ସଭାପତି ଓ ଧ୍ରୁ ଚନ୍ଦ୍ରମଣି ଦେଓ ସମ୍ପାଦକ ହୋଇଅଛନ୍ତି । ଏ ସଭା ପ୍ରତିମାସରେ ଥରେ ବସିବାର ନିୟମ ହୋଇଅଛି । ଏ ସଭା ଗଠନବିଷୟରେ ଅଃ, ପ୍ରାଃ, ସ୍କୁଲ ଶିକ୍ଷକ ଶ୍ରୀ ଗୁହାମଚରଣ ମହାପାତ୍ର ବିଶେଷ ପରିଶ୍ରମ କରିଅଛନ୍ତି ।

। ମୌ । ଲମ୍ବିଙ୍ଗେ । ପ୍ର । କୋଠଦେଶ—ଗତ ଦୋଳଯାତ୍ରା ସମୟରେ ଜାତକ ପଞ୍ଜିକାପଠନ ପରେ ଉକ୍ତ ଗ୍ରାମନିବାସୀ ବାବୁ ଫକୀରମହାନ୍ତି ଏବଂ ବାବୁ ଯୋଗୀନ୍ଦ୍ର ଦାସଙ୍କ ଉଦ୍ୟମ ଓ ଯତ୍ନରେ ଗୋରକ୍ଷଣୀ ସଭା ହୋଇ-

Digitized by srujanika@gmail.com

ଥିଲା ଶୋଷକମାନଙ୍କୁ ଗୋରୁ ରକ୍ଷଣ୍ଟୁର-ବାର ଉପଦେଶ ହେଲା । ଏ ସଭାରେ ଅନ୍ତିମ ବାଛୁର ଧରାଇବା ବିଷୟରେ ଏକ ଗୁରୁତର ଆପତ୍ତି ଉପସ୍ଥିତ ହେଲା । ଯାଣ ପଠାଣ ବିନା ଅନ୍ୟ କେହି ବାଛୁରକୁ ବଳଦ କରନ୍ତି ନାହିଁ ଓ ସେମାନଙ୍କ ସଙ୍ଗେ ବାଛୁର ବଦଳ କଲେ ଦୋଷ ହେବ ତାହା ହେଲେ ଉପାୟ କଅଣ ? ଏଥିକୁ ବଳଦ କରିବାରେ ପାପ ଅଛି କି ନାହିଁ ଓ ପାପ ନ ଥିଲେ ସମସ୍ତ ଜାତି ତାହା କରି-ପାରନ୍ତି କି ନାହିଁ ଏଥିର ମୀମାଂସା ପ୍ରୟୋଜନ-ବିଷୟରୁ ଶୁଣୁଛୁ ଅଛି ଏବଂ ଅମ୍ଭେମାନେ ଆଶା କରୁଁ କି ଉତ୍କଳର ପଣ୍ଡିତମାନଙ୍କ ମଧ୍ୟରୁ କେହି ଏଥିର ବ୍ୟବସ୍ଥା ପ୍ରଦାନ କଲେ ସର୍ବ-ସାଧାରଣଙ୍କ ଜାଣିବା କାରଣ ଏ ପତ୍ରିକାରେ ପ୍ରକାଶିତ ହେବ ।

---

# ସାପ୍ତାହିକ ସଂବାଦ ।

ଆଗାମୀ ସୋମବାରଠାରୁ ଏଠା ଦେୱାନୀଅଦାଲତ ଏବଂ କଲେକ୍ଟରୀ ଫୌଜଦାରୀ କଚେରୀମାନ ଖୋଲିବ ହେବ ।

ଏଠା ଜେଲଖାନାରୁ କେତେକମାସ ହେବ ଦୁଇଜଣ କଏଦୀ ପଳାଇଯାଇଥିବାରୁ ଜେଲଖାନାର ଜମାଦାର ହେଡ୍ ୱାର୍ଡର ଓ ଜଣେ ୱାର୍ଡର ଫୌଜଦାରୀ ସୁପର୍ଦ୍ଦ ହୋଇଥିଲେ । ଅବଶେଷରେ ଜମାଦାର ଖଲାସ ପାଇଅଛନ୍ତି ୱାର୍ଡରମାନଙ୍କୁ ଏକବର୍ଷ ଲେଖାଏଁ କାରାବାସଦଣ୍ଡ ହୋଇଅଛି ପଳାତକ କଏଦୀଙ୍କର କୌଣସି ସନ୍ଧାନ ମିଳିଲା ନାହିଁ ।

ଗତ ଶନିବାର ରାତ୍ରି ଦୁଇପ୍ରହର ଏକଘଣ୍ଟା ସମୟରେ ଏଠା ଷ୍ଟେସନ ସ୍କୁଲ ଗୃହ ପୋଡ଼ିଗଲା । କିପରି ଅଗ୍ନି ଲାଗିଲା ତାହା ଜଣାଗଲା ନାହିଁ । ସେ ସମୟରେ ପବନ ପ୍ରବଳ ଥିବାରୁ ଅଗ୍ନି ଯେପରି ପ୍ରବଳ ହୋଇଥିଲା ରେଭେନ୍ସା କଲେଜ ଗୃହ-ଚୂଡ଼ା ଭସ୍ମ ହୋଇଥାନ୍ତା ମାତ୍ର ଅନେକ ମନୁଷ୍ୟ ପହଞ୍ଚିବା ଏବଂ ଦମକଳ ସାହାଯ୍ୟ ମିଳିବାରୁ ରକ୍ଷା ପାଇଗଲା । ସ୍କୁଲର ପଶ୍ଚାତ ସମସ୍ତଗୃହ ପୋଡ଼ିଯାଇଅଛି ।

ବୁଲକ କମ୍ପାନୀର ଯାବ ନାମକ ଅଗ୍ନିବୋଟ ଏଠା-ରୁ ସାହେବଙ୍କ ଅଧୀନରେ ଆଗାମୀ ଅପ୍ରେଲମାସ ତା ୧୨ ରଖ ମୁତାବକ ବୈଶାଖ ୧ ରେ ଚାଲୁ ହେବ । ଏ ବୋଟର ବୃତ୍ତାନ୍ତ ଦକ୍ଷିଣ ସ୍ଥାନାନ୍ତରେ ପ୍ରକାଶିତ ଇଂରାଜୀ ବିଜ୍ଞାପନରେ ଲେଖା ହୋଇଅଛି ।

ଅତଏବ ନୂତନ ଅଧିପତି ରାଜା ଯଦୁନାଥ ଦେବ ଆପଣାର ଅଭିଷେକ ଉପଲକ୍ଷରେ ସମସ୍ତ ପ୍ରଜାଙ୍କୁ ମୂଲ ପଣ ଟଙ୍କା ଛାଡ଼ି ଦେଇଅଛନ୍ତି ବୋଲି ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଏଥିରୁ ଜଣାଯାଏ ପ୍ରଜାମାନଙ୍କ ପ୍ରତି ତାହାଙ୍କର ଦୟା ଓ ସହାନୁଭୂତି ଅଛି ଓ ସେ ଭଲ ରଜା ହେବେ ।

ଆଗାମୀ ସୋମବାରଠାରୁ ପୁରୀ ଷ୍ଟେସନ ... ଜାଲ ଅସ୍ତ୍ର କରିବା ଫୌଜ ମୋକଦ୍ଦମାର ବିଚାର ଏଠାରେ ଆରମ୍ଭ ହେବ । ପୁରୀର ଅନେକ ଲୋକ ଏ ମୋକଦ୍ଦମାରେ ସାକ୍ଷୀ ଅଛନ୍ତି । ସମସ୍ତେ ଏକସଙ୍ଗରେ ଆସିଲେ ସରକାରଙ୍କ କାର୍ଯ୍ୟର ବ୍ୟାଘାତ ହେବ ବୋଲି ଏକ୍ ଏକ୍ ପାଳି ହୋଇ ଆସିବାର ଆଦେଶ ହୋଇଅଛି ।

## କଲିକତା-ଗେଜେଟ ।

କାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଅଟଳବିହାରୀ ମିତ୍ର ସନ ୧୮୮୮ ମସିହାର ଏପ୍ରେଲ ମାସ ୭ ତାରିଖଠାରୁ ଅସ୍ଥାୟୀ କଲେକ୍ଟରୀ କାର୍ଯ୍ୟ ନିର୍ବାହାର୍ଥେ ନିଯୁକ୍ତ ହୋଇଅଛନ୍ତି ।

କଟକର ତହସିଲଦାର ମୃତ ବାବୁ ହାଣ୍ଟନ ଘୋଷଙ୍କ ସ୍ଥାନରେ ମିଃ ଜେ, ଟେଲର ପରୀକ୍ଷାସ୍ୱରୂପ ଛଅମାସ ନିମନ୍ତେ କଟକର ତହସିଲଦାର କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ଓ ଡେପୁଟି କଲେକ୍ଟରୀ ମୁନସଫି ଓ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟି କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ନିମ୍ନଲିଖିତ ମୁସଲମାନପର୍ବ ଉପଲକ୍ଷେ ଚଳିତବର୍ଷରେ ବଙ୍ଗପ୍ରଦେଶର ସମସ୍ତ କଚେରୀମାନ ବନ୍ଦ ହେବ ।

ଇଦୁଲଫିତର—ଜୁନ ତା ୧୨ ରଖରେ ଅବା ଉକ୍ତମାସ ତା ୧୧ ରଖରେ ଚନ୍ଦ୍ରଦୃଶ୍ୟ ନ ହେଲେ ତା ୧୩ ରଖରେ ।

ଇଦୁଲଜୁହା—ଅଗଷ୍ଟ ତା ୧୯ ତାରିଖ ଅବା ଉକ୍ତମାସ ତା ୧୮ ରଖରେ ଚନ୍ଦ୍ରଦୃଶ୍ୟ ନ ହେଲେ ତା ୨୦ ରଖରେ ।

ମୋହରମ—ସେପ୍ଟେମ୍ବର ତା ୧୬ ଓ ୧୭ ରଖରେ ଅବା ଉକ୍ତ ମାସ ତା ୭ ରଖରେ ଚନ୍ଦ୍ରଦୃଶ୍ୟ ନ ହେଲେ ତା ୧୭ ଓ ୧୮ ରଖରେ ।

ଫାତିହାଦୋଆଜଦାହମ—ନଭେମ୍ବର ତା ୧୭ ରଖରେ ଅବା ଉକ୍ତମାସ ତା ୫ ରଖରେ ଚନ୍ଦ୍ରଦୃଶ୍ୟ ନ ହେଲେ ତା ୧୮ ରଖରେ ।

କଟକ ଟ୍ରେନିଂସ୍କୁଲର ୨ୟ ଶିକ୍ଷକ ବାବୁ ସତ୍ୟେନ୍ଦ୍ର-ନାଥ ବାନାର୍ଜ୍ଜୀ ଜାନୁଆରୀମାସ ତା ୧ ରଖରୁ ୫ମ ଗ୍ରେଡରେ ବାହାଲ ହେଲେ ।

କଟକ ରେଭେନ୍ସା କଲେଜର ଅଧ୍ୟାପକ ବାବୁ ରାମପ୍ରସନ୍ନ ମୁଖର୍ଜ୍ଜୀ ବର୍ତ୍ତମାନ ୫ମ ଗ୍ରେଡରେ କାର୍ଯ୍ୟ କରୁଅଛନ୍ତି ।

ସନ ୧୮୮୮-୮୯ ମସିହା ନିମନ୍ତେ ପୁରୀ ଲଜିଂହାଉସ-କମିଟିର ସଭ୍ୟପଦରେ ନିମ୍ନଲିଖିତ ବ୍ୟକ୍ତିମାନେ ନିଯୁକ୍ତ ହୋଇଅଛନ୍ତି ।

### ସରକାରୀକର୍ମଚାରୀ ।

ମିଃ ଜେ, ଇ, ରବର୍ଟ୍ସ ପୋଲିସବିଭାଗର ଡିଷ୍ଟ୍ରିକ୍ଟସୁପରିଣ୍ଟେଣ୍ଡେଣ୍ଟ,
ଡେପୁଟି ମାଜିଷ୍ଟ୍ରେଟ ବାବୁ ରାଜଗୋପାଳ ରାୟ,
ମୁନସଫ ବାବୁ ଯୋଗେନ୍ଦ୍ରନାଥ ମୁଖର୍ଜ୍ଜୀ,

### ବେସରକାରୀ କର୍ମଚାରୀ ।

ବାବୁ ସଚ୍ଚିଦାନନ୍ଦ ଦାସ,
ମିଃ ଏ, ପେରୁ,
ବାବୁ ଲୋକନାଥ ରାୟ,

---

ସମ୍ବଲପୁର ଡେପୁଟି କମିଶନରଙ୍କ କଚେରୀର ମୋହରର ବାବୁ ନାରାୟଣ ପଟ୍ଟନାୟକ ଉକ୍ତ ସ୍ଥାନର ଦ୍ୱିତୀୟଶ୍ରେଣୀର ଏକଟିଂ ତହସିଲଦାର ନିଯୁକ୍ତ ହୋଇଅଛନ୍ତି ।

ସମ୍ବଲପୁରର ନାଏବ ତହସିଲଦାର ବାବୁ ଭଗୀରଥୀ ମହାନ୍ତି ବରଗଡ଼କୁ ବଦଳି ହୋଇଅଛନ୍ତି ।

ଅପର୍ଣ୍ଣୋଠାରେ ଗତ ମାର୍ଚ୍ଚମାସ ତା ୨୧ ରିଖରେ ଏକ ନାଟ୍ୟଗୃହ ପୋଡ଼ିଯାଇଥିବାର ସମ୍ବାଦ ମିଳିଲା । ଅଭିନୟ ହେଲେ ଏ ଅଗ୍ନିକାଣ୍ଡର ଘଟଣା ହୋଇଥିଲା ଓ ଅଭିନୟ ଗୃହଟି ସେତେବେଳେ ଦର୍ଶକମଣ୍ଡଳୀରେ ପୂର୍ଣ୍ଣ ହୋଇଥିଲା । ଅନେକ ଲୋକେ ଉତ୍ତରବାଟେ ଲମ୍ଫ ପ୍ରଦାନକରି ପଳାଇଥିଲେ ଏବଂ ଅନ୍ୟୂନ ୮୦ ଜଣ ଲୋକ ମରି ଯାଇଅଛନ୍ତି ।

ମାନ୍ଦ୍ରାଜ ଅଞ୍ଚଳରେ ସେନାସନ୍ନିବେଶ ଏବଂ ଦୁର୍ଗମାନ-ମାନଙ୍କରେ କେରାସିନ ପରିବର୍ତ୍ତରେ କଷ୍ଟୋର ତେଲ ବ୍ୟବ-ହାର କରିବାକୁ ଭାରତଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ।

ଶର୍ତ୍ତା କମିପଡ଼ିବା ଏ ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ମାତ୍ର ସ୍ୱାସ୍ଥ୍ୟ ଓ ଚକ୍ଷୁଙ୍କ ପାଇଁ ଯେ ଶର୍ତ୍ତାପଡ଼ିବ ଗବର୍ଣ୍ଣମେଣ୍ଟ ତାହା ବିଚାରିଅଛନ୍ତି କି ?

ଜର୍ମାନିର ନୂତନ ସମ୍ରାଟ ଫ୍ରେଡରିକଙ୍କ ଶରୀର ଅବଧି କିଛି ଭଲ ଅଛି ମାତ୍ର ଆରୋଗ୍ୟ ନ ହେବା ପର୍ଯ୍ୟନ୍ତ ଦଖଲ ନେବେ ନାହିଁ ।

ଭାରତସାମ୍ରାଜ୍ୟର ରକ୍ଷାକାର୍ଯ୍ୟନିମିତ୍ତ ମହୀଶୂର ହୋଲ-କାର ଭରତ ଗବର୍ଣ୍ଣମେଣ୍ଟକୁ ଆପଣାର ସର୍ବସ୍ୱ ଯାଚ-ଥିବାର ସମ୍ବାଦ ମିଳିଲା । ଉତ୍ତମ ।

ନିଜାମ ଏବଂ ଅନ୍ୟାନ୍ୟ ରାଜାମାନେ ଭାରତସୀମା ରକ୍ଷା-କାର୍ଯ୍ୟସକାଶେ ଯେଉଁ ସାହାଯ୍ୟ ଦେବାକୁ ପ୍ରାର୍ଥୀ ହୋଇ ଆପଣାର ବଦାନ୍ୟତା ଏବଂ ରାଜଭକ୍ତି ଦେଖାଉଅଛନ୍ତି ସେମାନ ଅବଧି ଭାରତଗବର୍ଣ୍ଣମେଣ୍ଟଙ୍କ ଦସ୍ତୁରାଧୀନ ଥିବାର ଅମ୍ଭମାନଙ୍କର ନମ୍ରସେକ୍ରେଟରୀ ଜର୍ଣ୍ଣାଲେଷ୍ଟ ଦଶର ପାର୍-ଲ୍ୟାମେଣ୍ଟର କମନ୍ସ ସଭାରେ ବ୍ୟକ୍ତ କରିଅଛନ୍ତି ।

କାଶ୍ମୀରର ମହାରାଜା ଆପଣା ଦେୱାନ ଲଛମନ ଦାସଙ୍କୁ କର୍ତ୍ତବ୍ୟ କାର୍ଯ୍ୟର ତ୍ରୁଟି ଏବଂ ଅବହେଳା ଯୋଗୁଁ ପଦଚ୍ୟୁତ କରି ତାଙ୍କ ସ୍ଥାନରେ ଆପଣାର ସାନଭାଇ ରାଜା ରାମସିଂହ ଏବଂ ରାଜା ଅମରସିଂହଙ୍କୁ ନିଯୁକ୍ତ କରିଅଛନ୍ତି । ଏଥିରେ କାଶ୍ମୀରବାସୀ ଲୋକେ ସନ୍ତୁଷ୍ଟ ଥିବାର ଜଣାଯାଏ ।

ବଡ଼ଲାଟ ମହୋଦୟଙ୍କ ପତ୍ନୀ ଲେଡି ଡଫରିନ ଆପଣାର ଦୁଇକନ୍ୟାଙ୍କ ସହିତରେ ଗତମାସ ତା ୨୦ ରିଖ ଦ ୪ଘ ସମୟରେ ମହାରାଜ ଯତୀନ୍ଦ୍ରମୋହନ ଠାକୁରଙ୍କ ଘରକୁ ବୁଲିବାକୁ ଯାଇଥିବାର ସମ୍ବାଦ ମିଳିଲା । ମହାରାଜା ଏମାନଙ୍କୁ ଆପଣା ଅନ୍ତଃପୁରକୁ ନେଇ ଯାଇଥିଲେ ଓ ଅନ୍ତଃପୁର ବାସିନୀମାନଙ୍କ ସହିତ ଆଳାପ ହେଲା ଉତ୍ତାରୁ ଅତର ପାନ ଯେଉଁ ସେମାନେ ଗ୍ରହଣ କଲେ । ବିଦାୟହୋଇ ଆସିଲାବେଳେ ମହାରାଜାଙ୍କ ମାତା ବଡ଼ଲାଟପତ୍ନୀଙ୍କ ମସ୍ତକ ଚୁମ୍ବନ ଦେଇଥିଲେ ।

ଭିନିଜୁଏଲାର ସୁଜାନ ଏବଂ ଉର୍ଚ୍ଚନ ପ୍ରଦେଶରେ ଭୂମିକମ୍ପ-ହେତୁ ଅନେକ ନଗର ଧ୍ୱଂସ ହୋଇଥିବା ଏବଂ ପ୍ରାୟ ୨୦୦୦୦ ଲୋକ ମରି ପଡ଼ିଥିବାର ସମ୍ବାଦ ମିଳିଲା ।

ଜୟପୁର ରାଜ୍ୟର ସୂର୍ଯ୍ୟଗଡ଼ର ସବ୍ ପୋଷ୍ଟମାଷ୍ଟର ସରକାରୀ ପ୍ରାୟ ଟ ୨୦୦୦ ଟଙ୍କା ଅପହରଣ କରି ପୋଷ୍ଟାଫିସ ଅଗ୍ନିରେ ପଳାୟନ କରିଥିବାର ସମ୍ବାଦ ମିଳିଲା ।—ସରକାରୀ ଖାତା-ଶିଖା ସହଜ ନୁହଇ ।

## କେନ୍ଦ୍ରାପଡ଼ା-ସମ୍ବାଦ ।

କେନ୍ଦ୍ରାପଡ଼ାର ଜଣେ ବାଳିକା ଗୋବିନ୍ଦପୁରର ବାରୁଣୀ-ସ୍ନାନକୁ ଯାଇଥିଲା ତାକୁ ଜଣେ ଧରି ନେଇ ବଳପୂର୍ବକ ବିବାହ କରିଅଛି ବୋଲି କନ୍ୟାର ମାତା ପୁଲିସରେ ନାଲିସ କରିବାରୁ ପୁଲିସ ତଦାରଖରେ କନ୍ୟା ଲଖିଥିର-ଣ୍ଡ ଜନୈକ ପରେ ଏକ ଗ୍ରାମରେ ପାଇଗଲା । ସେ କହେ ଯେ ଉକ୍ତଜଣ ମୋତେ ଜବରଦସ୍ତି ଏହି ସ୍ତ୍ରୀକୁଲେ ବନ୍ଦ କରିଥିଲେ ମୋତେ ଶଙ୍ଖାଳଟୋଟ ଦିଆଇଥିଲେ କିନ୍ତୁ ମୁଁ ଆହାଙ୍କୁ ବରିବାରେ ମୋତେ ଦବାବ ଦେଇଥାନ୍ତି ବର୍ତ୍ତ-ମାନ ସ୍ତ୍ରୀମାନଙ୍କୁ ଓଁଏଣ୍ଡ ହୋଇଅଛି ମୋକଦ୍ଦମା କେନ୍ଦ୍ରାପଡ଼ା-ଡେପୁଟି ମାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି ।

ବର୍ତ୍ତମାନ ଏ ଅଞ୍ଚଳରେ ହାଡ଼ଫୁଟି ଅତି ପ୍ରବଳ ହୋଇ-ଅଛି ପୁଣି ଗୋରୁମାନଙ୍କୁ ପାଟିଘା ଭଳିଆ ଅନେକ ପଶୁମାନେ ଥିବା ନଷ୍ଟ କରୁଅଛି ।

ଜଣେ ବ୍ରାହ୍ମଣୀ [illegible] ଅଞ୍ଚଳରେ ଶ୍ରୀଲୋକ ତମ୍ବାଖିଆ ଲେଖି ଲୋକଙ୍କୁ କରୁଅଛି ବୋଲି ମାନବ ଦେଖିଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter



ଅନ୍ତୁ ଥାନାର ଜମାଦାର ଜଣେ କୁମ୍ଭାରକୁ ମଦ ଚୁଆଇ-କରିବା ଅପରାଧରେ ଗ୍ରେପ୍ତାର କରିଥିଲେ । କୁମ୍ଭାର ମାଡପିଟର ନାଲିସ କଲା ସାହେବଙ୍କ କଚ୍ଛରେ ପାଞ୍ଚଅଦନ ଗ୍ରେପ୍ତା-କୁମ୍ଭାର ଖଲାସ ଓ ମାଡପିଟ ମୋକଦ୍ଦମା ପ୍ରମାଣ ହୋଇବାରୁ ଜମାଦାରକୁ ଅକାରଣ ଟ ୫୧ ଙ୍କା ଜରିମାନା କଲେ ଜମାଦାର ରିପୋର୍ଟରେ କିଛି ହୁକୁମ ହୋଇ ନାହିଁ ।

ଖାପୁନ କଲିଟର ସାହେବଙ୍କର ରୁଥଜାର ପଞ୍ଚ ସୁଜ-କାର ସାହେବ ମହୋଦୟ ଅନ୍ତୁ ଥାନାର ଅଞ୍ଚଳ ପ୍ରଜାଙ୍କ ଦେଖି ପଚ୍ଛରେ ତୁମ୍ଭେ କ ଅପରି କରତ ପ୍ରଜାମାନେ କହିଲେ କ ଅମ୍ଭେମାନେ ଖାଇବାକୁ ପାଉ ନାହୁଁ ଥାଉନ-ଜ୍ଞବମ ମାଉପବାଉସ ସାହେବ ଏଠାସାହେବଙ୍କ କହିବାକୁ-ଅଛେ ଦଣ୍ଡାର କର କହିଲେ କି ତୁମ୍ଭେ ଥାଉନ ପ୍ରଜାମାନେ ନେଇ ହୋଉଛ ଅଡ ଅମ୍ଭେ ବୁଝି ହୁକୁମ ଦେବୁଁ ।

କରେସନକଟ ଗ୍ରାଧରପାଠ୍ର ଗୁଣ୍ଟସ୍ୱାର ଟ ୧୩।୧୭ ଟଙ୍କାର ମାଲ ଲେଖ ହୋଇଅଛି ପୁଣି ଯୋଷକାରୁଙ୍କ ବସାରୁ ଲୋ ୧ ଥା ବାକସ ଜଏ ନେଇଗଲ ଯେ ତର୍ହିରେ ପଣ ଏକକୋଷ ଓ ବୋଦାମର୍ଓସେଇ ଥିଲ ମୋଟରେ ଜାକସ୍ଥ-ହିତ ଟ ୬୨୯ ଙ୍କା ମୂଲ୍ୟର ମାଲଅଛେ ଏହିରୁ ଚତୁର୍ଭରେ କିଛି ଫଳ ହୋଇ ନାହିଁ । ଏ ପୁଲିସ କେବଳ ପାଞ୍ଚଅଦନ ଗ୍ରେପ୍ତାର ଦେବାକୁ ପଟୁ ।

ଗତ ଯେଜୁଏଥନମେଣ୍ଟରେ ମାହାକାଲପଡାଠାରୁ ସ୍ୱଜଗତ୍ ମହାମଣ୍ଟ ଏକ ଷ୍ଟ୍ରୀଟ ଅଛି ପଞ୍ଚୁବଟେଷ୍ଟ ଏହା ସୂଚନା କରୁ ।

ମୁନସି ସୁପୁଡ ଓଁଆଇଣଅଛ ଯେପରି କାର୍ଯ୍ୟ ଦର୍ଶ-ତେଅଇମେନ ମୁନିସିପାଲିଟୀର କଲେ ତାହା ଅଜନସହତ ଅଟେ ସାହେବ ଏପରି ଅନୁକମ୍ପା କାର୍ଯ୍ୟ ପୂର୍ବରୁ କରିଥିଲେ ବହୁତ ଭଲ ହୋଇଥାନ୍ତା ।

ତା୧୧ରିଖ ଫେବୃଏରି ସନ ୧୮୮୮ ମସିହା ପତ୍ରିକାର ଭ୍ରମ ସଂଶୋଧନ ।

| | | | |
|---|---|---|---|
| ରାଜା ଜଣ୍ଟେ ସୁଜଦା | ଅଶ୍ରୀନ୍ନ | ଟ ୩୯ | ସ୍ଥାନରେ |
| ରାଜା ଜଣ୍ଟେ କଜଦା | ଅଶ୍ରୀମ | ଟ ୩୯ | ହେବ |

ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ମୋଗ ଏଲପାନ ଟର | ପୁଲ | ଅଗ୍ରିମ | ୫୩୯ |
| ବାବୁ ନୀଲାଲୋତନ ମିଶ୍ର | କଟକ | „ | ୫୧୯ |
| „ ଯୋଗନାଥ ମିଶ୍ର | ବୁଦ୍ଧଜେସ୍ଥା | „ | ୫୩୯ |
| „ ଗୋବିନ୍ଦ ମହାନ୍ତି | ଭଦ୍ରଚନ୍ଦ୍ର | „ | ୫୧୦ |
| „ ହରେକୃଷ୍ଣ ସାହୁ | କଟକ | „ | ୫୧୯ |
| ଚୌଧୁରୀ କନ୍ଦର୍ପନାରାୟଣ ପ୍ରତାପ ରାୟ | | „ | ୫୩୯ |
| ବାବୁ ଗୋବିନ୍ଦଚନ୍ଦ୍ର ଚୌଧୁରୀ | କଟକ କଳାପା | | ୫୩୯ |
| „ ମଧୁସୂଦନ ବଡଜେନା ସାମନ୍ତ ମଞ୍ଜୁଷା ଅଗ୍ରିମ | | | ୫୩୯ |

## ବି ଜ୍ଞା ପ ନ ।

ନୂତନ ପୁସ୍ତକ ।

## କାଳିକାଳି ନାଟକ ।

( ପ୍ରହସନ ।)

କଟକ ପ୍ରିଣ୍ଟିଙ୍ଗ କମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି

ମୂଲ୍ୟ ଦୁଇଅଣା । ଡାକମାସୁଲ ପଠାଇବା-କାରୁଣ ଦୁଇପଇସାର ଡାକଟିକଟ ଲାଗିବ ।

ନୂତନପୁସ୍ତକ ।

## ସୁଚିତ୍ର ରାମାୟଣ

( ସଂକ୍ଷେପ )

ସଚିତ୍ର ଗବଣର ଚଉଷ୍ଟ ସହିତ ।

କଟକପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ଛାପା ହେଉଅଛି, । ମୂଲ୍ୟ ଖ୍ୟ ଟ୦।

| | |
|---|---|
| ଜନ୍ନଜନ ଓ କଲାକର ନଅଉଣା | „ ଖ୍ୟ ଟ୦/ |
| ମକ୍ଷାଦସ୍ତ ଚଉଉଣା | „ ଖ୍ୟ ଟ୦୯ |
| ଡାକମାସୁଲ ଖଣ୍ଡପ୍ରତି | ଟ ୦ ୧ ୬ |

## NOTICE.

1. It is hereby notified for general information that the Kendrapara, Kendrapara Extension, Gobree, Gobree Extension, Puttamoondy, and 1st section of High Level Canal, will be closed for annual repairs for the period of one month, from 1st to 31st May, 1888, both days inclusive. Merchants, boatmen, and others are therefore informed that all boats must be taken out of the above Canals on or before midnight of 30th April, 1888 when the Head and Tail Locks on each will be closed and vessels if in the Canal will have to remain until the Canal re-opens.

2. It is also intimated that the Steamer and boat traffic to and from Bhudrack will also be stopped during the above period.

By Order,
C. TAYLOR,
*Executive Engineer Brahmini Byterni Division.*

CUTTACK,
The 26th March.
1888.

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ସନ ୧୮୮୮ ସାଲ ମେ ମାସ ୧ ତାରିଖଠାରୁ ୩୧ ତାରିଖ ପର୍ଯ୍ୟନ୍ତ ମରାମତି ସକାଶେ ଉଲ-ଲିଖିତ ନାଲମାନ ବନ୍ଦ ହେବ, ଅତଏବ ମହାଜନ ଓ ମାଝି ଓ ଅନ୍ୟ ବ୍ୟକ୍ତିମାନଙ୍କୁ ଏତଦ୍ଦ୍ୱାରା ଜଣାଇ ଦିଆଯାଉଅଛି ଯେ ସେମାନେ ଉକ୍ତ ସନ ୧୮୮୮ ସାଲ ଏପ୍ରେଲ ମାସ ୩୦ ତାରିଖରେ ରାତ୍ରି ଅଧପୂର୍ବେ ଉକ୍ତ ନାଲରୁ ଆପଣା୨ର ନୌକା ଇତ୍ୟାଦ ବାହାର କରି ନେବେ, ଯେବେ କୌଣସି ନୌକା ନାଲମଧ୍ୟରୁ ବାହାର ହୋଇ ନ ପାରିବ ତେବେ ନାଲରେ ପାଣି ଛାଡିବା ପର୍ଯ୍ୟନ୍ତେ ସେହିଠାରେ ରହିବ ।

୨ । ପ୍ରକାଶ ଥାଉ କି କଟକଠାରୁ ଭଦ୍ରକ-ପର୍ଯ୍ୟନ୍ତ ଯେଉଁ ନୌକାମାନ ଓ ଷ୍ଟିମର୍‌ମାନ ଗତାୟାତ ହେଉଅଛି ସେମାନେ ମଧ୍ୟ ଉକ୍ତ ସମୟ ପର୍ଯ୍ୟନ୍ତ ବନ୍ଦ ରହିବେ ।

୧ । କେନ୍ଦ୍ରାପଡ଼ା ନାଲ ।
୨ । କେନ୍ଦ୍ରାପଡ଼ା ଏକ୍ସଟେନ୍‌ସନ୍ ନାଲ ।
୩ । ଗୋବରୀ ନାଲ ।
୪ । ଗୋବରୀ ଏକ୍ସଟେନ୍‌ସନ୍ ନାଲ ।
୫ । ପଟ୍ଟାମୁଣ୍ଡେଇ ନାଲ ।
୬ । ହାଇଲେବଲ ନାଲ ପ୍ରଥମ ବିଭାଗ ।

କଟକ
ତା ୨୬ ରିଖ ମାର୍ଚ୍ଚ
ସନ ୧୮୮୮ ମସିହା

C. TAYLOR
ଏକଜକ୍ୟୁଟିବ ଇଞ୍ଜି-ନିୟର, ବ୍ରାହ୍ମଣୀ-ବୈତରଣୀ ଡିଭିଜନ ।

## NOTICE.

In the Court of the Subordinate Judge of Cuttack.

Decree Execution case No. 45 of 1888.

JOHN KING & JOHN CLARKE of Howrah, District Hoogly carrying business in co-partnership under the name style and firm of JOHN KING & Co. plaintiffs ... Decree holders.

*Versus*

1 JOHN BULLOCK formerly carring on business at Cuttack and now residing in England and 3 others Defendants Joint Debtors.

Notice is hereby given that in the above mentioned case one steamer, named S. S. JACK, with materials and appurtenances &c. will be put up to public auction at Jobra in the town of Cuttack, by the Nazir of the District Judge's Court, Cuttack, for satisfaction of the decree at noon on Thursday the 12th April 1888 corresponding with 2nd Bysack 1295.

Discription of Launch S. S. JACK Iron Twine screw launch lengthened by Messrs. JOHN KING & Co. at Howrah in 1884 measuring

| | | Ft. | |
|---|---|---|---|
| Length stem to stern of upper Deck | | 90 | 0 |
| Breadth mid ship | Do. | 14 | 0 |
| Length of between Deck | | 70 | 0 |
| Breadth of do. | | 13 | 6 |
| Height do. | | 6 | 6 |

Accommodates 4 cabin passengers and 500 packages of general cargo below or four first class passengers and 245 deck passengers. Draft

Digitized by srujanika@gmail.com

Split by PDF Splitter



4 feet Horizontal engines, 10 inch cylinders, Bailer by Messrs Bow & MACLANLIN.

27—3—88. Joges Chandra Mitra. Sub-Judge.

## NOTICE.

It is hereby notified for general information that the Ranges II & III of the High Level Canal, will be closed for annual repairs for the period of one month from 1st to 31st May 1888 both days inclusive, merchants, boatmen, and others are therefore informed that all boats must be taken out of the above canals on or before midnight of 30th April 1888.

II. It is also intimated to the public information that the Steamer and boat trafic to and from Bhudruck will also be stopped during the above mentioned period.

ଏତଦ୍ଵାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ସନ ୧୮୮୮ ମସିହା ମେ ମାସ ତା ୧ ରିଖଠାରୁ ତା ୩୧ ରିଖ ପର୍ଯ୍ୟନ୍ତ ବାର୍ଷିକ ମରାମତି ସକାଶେ ହାଇଲେବଲ କେନାଲର ଦ୍ଵିତୀୟ ଓ ତୃତୀୟ ବିଭାଗ ବନ୍ଦ ହେବ ଅତଏବ ମହାଜନ ଓ ମାଝି ଓ ଅନ୍ୟାନ୍ୟ ବ୍ୟକ୍ତିମାନଙ୍କୁ ଏତଦ୍ଵାରା ଜଣାଇ ଦିଆଯାଉଅଛି କି ସେମାନେ ଉକ୍ତ ସନ ଏପ୍ରେଲମାସ ତା ୩୦ ରିଖରେ ରାତ୍ର ଦୁଇ ପୂର୍ବେ ଉକ୍ତ କେନାଲରୁ ଆପଣା ଆପଣାର ନୌକା ଇତ୍ୟାଦି ବାହାର କରି ନେବେ ।

୨ । ପ୍ରକାଶ ଥାଉ କି କଟକଠାରୁ ଭଦ୍ରକ ପର୍ଯ୍ୟନ୍ତ ଯେଉଁ ନୌକାମାନ ଓ ଷ୍ଟିମରମାନ ଗତାୟାତ ହେଉଅଛି ସେସବୁ ମଧ୍ୟ ଉପର ଉକ୍ତ ସମୟ ପର୍ଯ୍ୟନ୍ତ ବନ୍ଦ ରହିବ ।

Acquapada 26—3—88. A. MONIES Executive Engineer. Acqapada Jajpur Division.

## INCOME TAX

### Form M.

General notice under Section 18. Sub-Section 1 Clause ( b )

( Rule 19 )

The pubiic are hereby informed that Act II of 1886, an Act for imposing a tax on income derived from sources other than agriculture has come into operation on the 1st April 1886 and that all incomes derived from sources other than agriculture is liable to taxation from that date. Every person chargeable under part IV of the second schedule of the Act is invited to deliver, or cause to be delivered to the Collector, on or before the 15th April 1888, a return in form II B, giving details of his income according to the instructions on the return, for the purposes of assessment for the year 1888—89. The form of return can be obtained free of cost at the Collector's office.

Katak Collectorate 29—3—88. Ras Behari Nayak Income Tax Dy. Collector.

### M ଫାର୍ମ ।

ଆଇନର ୧୮ ଧାରାର ୧ ପ୍ରକରଣର ( ଖ ) ଦଫାନୁସାରେ ସାଧାରଣ ନୋଟିସ ।

( ନିୟମ ୧୯ ଧାରା । )

ସାଧାରଣଙ୍କୁ ଏତଦ୍ଵାରା ଏହି ସମ୍ବାଦ ଦିଆଯାଉଅଛି ଯେ କୃଷିଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ସନ ୧୮୮୬ ଏପ୍ରେଲ ମାସ ୧ ତାରିଖଠାରୁ ପ୍ରଚଳିତ ହୋଇଅଛି ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ସବୁ ଆୟ ହେଉଥାଏ ତାହା ସେହି ତାରିଖଠାରୁ କରଯୋଗ୍ୟ ହୋଇଅଛି, ଆଇନର ଦ୍ଵିତୀୟ ତଫସିଲର ୪ ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଅନୁରୋଧ ଏହି ଯେ ସେ ସନ ୧୮୮୮ ଏପ୍ରେଲ ମାସ ୧୫ ତାରିଖରେ ବା ତହିଁପୂର୍ବେ ଉକ୍ତଲିଖିତ ୨ B ଚିହ୍ନିତ ଫାରମ ଖଣ୍ଡେ ରିଟର୍ଣ୍ଣରେ ସେହି ରିଟର୍ଣ୍ଣ-ଲିଖିତ ଆଦେଶାନୁଯାୟୀ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ସନ ୧୮୮୮।୮୯ ସାଲର ଇନକମ୍ ଟିକସ ବନ୍ଦୋବସ୍ତ ସକାଶେ କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରିବେ ବା କରାଇବେ ।

ରିଟର୍ଣ୍ଣର ଫାରମ ବିନା ଖରଚରେ କଲେକ୍ଟରଙ୍କ ଅଫିସରେ ମିଳି ପାରିବ ।

Katak Collectorate 29—3—88. Ras Behari Nayak Income Tax Dy. Collector.

## NOTICE.

### TO BE LET OR SOLD

2 Bungalows at Chawleagunj

1 Double storied Pucca Building with out-offices and Garden &c. near Police line formerly occupied by G. H. Faulkner Esquire.

1 single storied Pucca Building without out-offices near Mooradkhan Patna formerly occupied by John Beames Esquire.

### TO BE SALED

1 single storied Pucca Building with out-offices No. 13 Cantonment.

1 Double storied Pucca Building with out-offices Godown, Tank, and Garden &c. near Sudder Post Office,

Apply to

Hadjee Dadamia Abdool Salam

Managing Agent for Hajee Jackaria Mohomed &c.

### ବିଜ୍ଞାପନ ।

କେହି ଭଡ଼ାସୂତ୍ରରେ ନେବାକୁ ଇଚ୍ଛିଲେ କିମ୍ବା ଖରିଦ କରିବା ନିମନ୍ତେ ଇଚ୍ଛିଲେ ନେଇ ପାରନ୍ତି ।

ମୋ ୨ ଟା ବଙ୍ଗଳା ଚୌଲିଆଗଞ୍ଜଠାରେ ଅଛି ।

୧ ଦୋମହଲା ପକ୍କାକୋଠି ବାଟେଘର ଓ ବଗିଚ୍ଚ ଓଗେର ପୁଲିସଲାଇନ ନିକଟରେ ଅଛି ଯେଉଁଥିରେ ପୂର୍ବେ ଜି, ଏଚ୍, ଫାକନର୍ ସାହେବଙ୍କର ଦଖଲ ଥିଲା ।

୧ ଏକମହଲା ପକ୍କାକୋଠି ତାହାର ବାଟେଘର ଛାଡ଼ିଯାଇଅଛି ମୁରାଦଖାଁ ପାଟଣା ନିକଟେ ଯେଉଁଥିରେ ପୂର୍ବେ ଜନ୍ ବିମସ୍ ସାହେବଙ୍କର ଦଖଲ ଥିଲା ।

### ବିକ୍ରୀ ହେବ ।

୧ ଏକମହଲା ପକ୍କାକୋଠି ଓ ତାହାର ବାଟେଘର ଓଗେର ନ ୧୩ ନମ୍ବର ପଲଟଣ ଲାଇନ ମଧ୍ୟରେ ଅଛି । ତାହାର ଭଡ଼ା ପ୍ରତିମାସରୁ ଟ ୩୨ ଙ୍କା ଆୟ ହେଉଅଛି ।

୧ ଦୋମହଲା ପକ୍କାକୋଠି ଓ ବାଟେଘରମାନ ଓ ପକ୍କାଗୋଦାମ ଘର ଓ ପୁଷ୍କରିଣୀ ଓ ବଗିଚ୍ଚ ଓଗେର ସଦର ଡାକଘର ନିକଟରେ ଅଛି ।

ପ୍ରାର୍ଥନା କରନ୍ତେ

ଶ୍ରୀ ହାଜି ଦାଦାମିଆଁ ଅବଦୁଲ ସଲାମ

କର୍ମ୍ମଚାରୀ ନିମନ୍ତେ କାରପରଦାଜ

ତରଫ ହାଜନ୍ତେ ଶ୍ରୀ ହାଜି ଜକରିଆ

ମହମଦ ଲୁଷ୍ମାଙ୍କ ।

Digitized by srujanika@gmail.com

ଅପୂର୍ବ ସମ୍ବାଦ ୨ୟ ରୂପ ।

" ହୃଦାମ୍ବୁ ନେତ୍ରସ୍ୟ ଇବ ପ୍ରିୟାର୍ଥଂ ସଂସାରଯାତ୍ରାମନୁବର୍ତ୍ତୟିଷ୍ୟେ "




ଦୋହାଇ " ବଙ୍ଗବାସୀ "

ଅମ୍ଭେ ତୁମ୍ଭର ନାମ ନେଇ ପ୍ରକାଶ୍ୟ ଭୂଭାର ହରଣ ପାଇଁ ଅବତୀର୍ଣ୍ଣ ହେଲୁଁ ତୁମ୍ଭର ବଳରେ ତୁମ୍ଭଙ୍କୁ ସନ୍ତୁଷ୍ଟ କରବୁଁ ।

ସନ ୧୨୯୫ ସାଲ ବୈଶାଖମାସ ତା ୭ ନ ବୁଧବାରଠାରୁ ସାପ୍ତାହିକ "ଅପୂର୍ବ ଧନ" ବାହାର ହେବ । ଚୈତ୍ର ତା ୩୦ ନ ପର୍ଯ୍ୟନ୍ତ ଯେଉଁମାନେ ଗ୍ରାହକଶ୍ରେଣୀଭୁକ୍ତ ହେବେ ସେମାନେ ସାଂବତ୍ସରିକ ମୂଲ୍ୟ କଲିକତାରେ ଟ ୧୰ ମଫସଲରେ ଟ ୧୰ ହାରରେ ପାଇବେ । ଅଉ ଯାହା ଡେରି ଜଳ ହେଲେ ନୂତନ ଖାତାରେ ଯେଉଁମାନେ ଗ୍ରାହକ ହେବେ ସେମାନେ ଟ ୧୰ ଓ ଟ ୧୰ ଦେବେ । ସିଧା କଥା ।

ଏ ଦୋକାନଦାରୀ କାହିଁକି କଲୁ ତାହା ପରେ ବୁଝାଇବୁଁ । କେବଳ ଅଠଅଣା ପଇସା ଲୋକସାନ ନୁହେଁ; ଆଉ ମଧ୍ୟ କହୁ ଅଛୁ, ଚୈତ୍ର ତା ୩୦ ନ ପର "No gold can buy them back again" ଅଉ କେବେହେଁ ସେସମସ୍ତ ଫେରିବ ନାହିଁ । ବୋଲିବା ବାହୁଲ୍ୟ ଏଥି ମଧ୍ୟରେ ପୁଣି ଅଗ ପଛ ଅଛୁ, ଚୈତ୍ର ତା ୧ ନର ଓ ଚୈତ୍ର ତା ୩୦ ନର ଗ୍ରାହକମଧ୍ୟରେ ପ୍ରଭେଦ ଅଛି ।

ଯେଉଁ ବ୍ୟକ୍ତି "ଅପୂର୍ବର" କୌଣସି ପରିଚୟ ନ ନେଇ ଟଙ୍କା ପଠାଇଅଛନ୍ତି ସେମାନେ ଅର୍ଦ୍ଧମୂଲ୍ୟରେ ପାଇବେ ଆଉ ( ଖଡ଼ଦାହ ) ଶ୍ୟାମସୁନ୍ଦରବାସୀ ଶ୍ରୀଯୁକ୍ତ ମହେନ୍ଦ୍ର ସରକାର 'ପ୍ରତିପାଳକ ପିତା' ବଙ୍ଗବାସୀଙ୍କ ବିନାମୂଲ୍ୟରେ କାଗଜ ପାଇବେ, ଏ ଏଥିର ମୂଳ ଅଟନ୍ତି ।

ହେ "ଅପୂର୍ବଙ୍କୁ" ମାନେ ବଳୁଛା ନ କର କର ଯୋଡ଼ କରୁଅଛୁ ଯେ ଆପଣା ହୃଦୟମିତ୍ର ଯଦ୍ୟପି ପିଠିଫୋଡ଼ାଲ ଲକ୍ଷ୍ୟରେ ଝୁଲିପାର, ଅଗ୍ନିରେ ଝାସ ଦେଇପାର ତାହା ହେଲେ ଏହି "ପାଣ୍ଟିଅରେ" ଦେଖାଦିଅ । ଚଡ଼କପର୍ବ ଉଠିଲେ ଅନେକଲୋକ ଲଗ ତାମାସା ଦେଖି ବାକୁ ଆସିବେ । ଦିନେ ୨୦ ହଜାର ଆସିଥିଲେ । କିନ୍ତୁ 'ବଙ୍ଗବାସିର' ରୂପ ଗୁଣର ପରିଚୟ ନ ନେଇ ଯେଉଁମାନେ ଦେଖା ଦେଇଥିଲେ ସେମାନଙ୍କର ନାମ ଅମ୍ଭର ଏବେ ଦେଲାଯାଏ ମୁଖସ୍ଥ ଅଛି । ମଲେ ଭୁଲିବୁଁ କି ନାହିଁ ନ ଜାଣୁଁ ।

ଦୁଇଜଣ ଅପୂର୍ବଙ୍କୁ ଏକତ୍ର ଦୁଇଖଣ୍ଡ କାଗଜ ନେଲେ ଟ ୨୰ ରେ ପାଇବେ । ନିବେଦନ ଇତି । ୯୪ ସାଲ ୩୦ ଫାଲ୍‌ଗୁନ ମୌନୀ ଅମାବାସ୍ୟା ।

ଚରଣମାନଙ୍କର ପ୍ରଣତଜନସ୍ୟ } ଉପେନ୍ଦ୍ରନାଥ ସିଂହ ସାମନ୍ତ କାର୍ଯ୍ୟାଧ୍ୟକ୍ଷ
୫୭ ନମ୍ବର କଲୁଟୋଲା
କଲିକତା ଅପୂର୍ବକାର୍ଯ୍ୟାଳୟ

ଯୋଗସିଦ୍ଧ ଅଷ୍ଟଧାତୁ ଅଙ୍ଗୁରୀ, ଅନନ୍ତ ଓ ପଦକ ।




ଏ ସବୁ ସୁନା ରୁପା ତମ୍ବା ଲୁହା ଦସ୍ତା ଶଙ୍ଖ ଦସ୍ତା ଓ ପାରଦରେ ଗଠିତ । ଜ୍ୱର କଷ୍ଟ କାଶ, ଶ୍ୱାସ ଅର୍ଶ ମୂର୍ଚ୍ଛା ଅମ୍ଳପିତ୍ତ ବାତ ଉନ୍ମାଦ ଓଲାଉଠା ପ୍ରଭୃତି ସମସ୍ତ ଉତ୍କଟରୋଗର ଅବ୍ୟର୍ଥ ଔଷଧ । ସୁସ୍ଥ ଶରୀରରେ ଧାରଣ କଲେ ଶରୀରର ବଳ ବୀର୍ଯ୍ୟ କାନ୍ତି ଓ ସ୍ମୃତି ଅତ୍ୟନ୍ତ ବୃଦ୍ଧି ହୁଏଇ । ଏହି ଅନନ୍ତବ୍ରତ ଇତ୍ୟାଦି ହିମାଚଳ-ନିବାସୀ ଜଣେ ଯୋଗିଙ୍କଠାରୁ ପ୍ରାପ୍ତ ଓ ତାହାଙ୍କର ଆଜ୍ଞା ଅଛି ଯେ ରୋଗରୁ ମୁକ୍ତ ହେଲେ କୌଣସି ଦେବାଳୟରେ ଯଥାସାଧ୍ୟ ପୂଜା ଦେବାକୁ ହେବ ।

ପୁରୁଷ ଦକ୍ଷିଣକର ଓ ସ୍ତ୍ରୀ ବାମକରରେ ଏହି ଅନନ୍ତବ୍ରତ ଧାରଣ କରିବ ପୂର୍ଣ୍ଣିମା ଓ ଅମାବାସ୍ୟାରେ ଗଙ୍ଗାଜଳ ଅଥବା ଦେବପୂଜାରେ ବ୍ୟବହାର ହୋଇଥାଇବା ଶୁଦ୍ଧ ଜଳରେ ବୁଡ଼ାଇ ସେ ଜଳ ପିଇବ ।

ମୂଲ୍ୟ

| | | |
|---|---|---|
| ଅନନ୍ତବ୍ରତ | ଗୋ ୧ ଖଣ୍ଡ | ଟ ୧ |
| କବଚ ଅବା ପଦକ | " | ଟ ୧୰ |
| ଅଙ୍ଗୁରୀ | " | ଟ ୧ । |

ଡାକରେ ପଠାଇବାକୁ ହେଲେ ଡାକମାସୁଲ ଦେବାକୁ ହେବ ।

କଟକ ପ୍ରିଣ୍ଟିଂ କମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ।

# ଓଡ଼ିଶା ମିଶନ ପ୍ରେସ କଟକ ।

୧୮୩୮ ମସିହାରେ ସଂସ୍ଥାପିତ ।

ଗବର୍ଣ୍ଣମେଣ୍ଟ, ଶିକ୍ଷା, ବାଣିଜ୍ୟ ଓ ଜମିଦାରୀ ସମ୍ବନ୍ଧୀୟ କାଗଜ ପତ୍ରାଦି ଛପା ହୁଏ ।

ଏଷ୍ଟିମେଟ ମାଗିଲେ ମିଳଇ ।

ଏ ପତ୍ର ଉତ୍କଳଦୀପିକା ଯନ୍ତ୍ରରେ ଶ୍ରୀ ଉଦୟନାଥ ଦାସଙ୍କ ଦ୍ୱାରା ପ୍ରିଣ୍ଟିଂକମ୍ପାନିଙ୍କ ସମ୍ପାଦକଙ୍କ ପାଇଁ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୩ ସ / ସଂ ୧୪ ସଂଖ୍ୟା } ତା ୭ ଇଙ୍ଗ ମାସେ ଅପ୍ରେଲ ସନ ୧୮୮୮ ମସିହା । ମ । ଚୈତ୍ର ର ୨୬ ଦ ସନ ୧୨୯୫ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩ / ପଶ୍ଚାଦେୟ ଟ ୬

ସୁଲଭ ସମାଚାରରେ ପାଠକଲୁଁ କଲିକତାର ଭୂତପୂର୍ବ ନବାବ ଗଉଳ ଅଲିସାହେବଙ୍କ ମୃତ୍ୟୁ ହେବାରୁ ତାହାଙ୍କ ମେଟ୍ଟିବୃଜ ଭବନରେ ଥିବା ସମସ୍ତ ମିଲିଟେରି କର୍ମଚାରୀ ଓ ସାହେବି ନିଯୁକ୍ତ କର୍ମଚାରୀ ଉନମାସବେତନ କାର୍ଯ୍ୟଦ୍ୱାରା ବନ୍ଦ କରୁଅଛନ୍ତି ଅଦ୍ୟାପି ଶେଷ ହୋଇ ନାହିଁ । ନବାବ କାଣ୍ଡଟା ଉପରେ ପାଠକମାନେ ଏଥିରୁ ଅନୁମାନ କରନ୍ତୁ ।

---

କେନ୍ଦ୍ରାପଡ଼ାରେ ମୁନସଫିକଚେରୀ ବସିବାର ବିଜ୍ଞାପନ ଗତମାସ ତା ୨୮ ରିଖର କଲିକତା- ଗେଜେଟରେ ବାହାରିଅଛି ଓ କଟକର ଅତି- ରିକ୍ତ ମୁନସଫ ବାବୁ ଅଘୋରଚନ୍ଦ୍ର ଦାସ କେନ୍ଦ୍ରାପଡ଼ାର ମୁନସଫ ନିଯୁକ୍ତ ହୋଇଅଛନ୍ତି ଏବଂ ଟ ୫୦ ଙ୍କା ଦାବୀ ପର୍ଯ୍ୟନ୍ତ ଛୋଟ ଅଦାଲ- ତର ମୋକଦ୍ଦମା ବୁଝିବାର କ୍ଷମତା ପାଇଅଛନ୍ତି । ଗତ ଶନିବାର ଗେଜେଟରେ ଏହି ବିଜ୍ଞାପନ ଦେଖି ମୁନସଫ ମହାଶୟ ଅମଲାମାନଙ୍କ ସଙ୍ଗେ ନେଇ କେନ୍ଦ୍ରାପଡ଼ା ଯାତ୍ରା କରିଥିଲେ । ଗତ ସୋମବାରଠାରୁ ସେଠାରେ କାର୍ଯ୍ୟାରମ୍ଭ ହୋ- ଇଅଛି । ଅପାତତଃ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ଓ ଅନ୍ୟ ଏହି ତିନିଥାନାର ଭୂମିଖଣ୍ଡ ନୂତନ- ମୁନସଫିର ଅଧିକାରଭୁକ୍ତ ହୋଇଅଛି ।

---

ବଙ୍ଗଦେଶର ବ୍ରାହ୍ମଣମାନେ ନ ପାରନ୍ତି ଏମନ୍ତ କଥା ନାହିଁ । ସଞ୍ଜୀବନୀରେ ପାଠକଲୁଁ ବ ଜଣେ ବନ୍ଦ୍ୟୋପାଧ୍ୟାୟ ଉପାଧିଧାରୀ ବ୍ରାହ୍ମଣ ଦଶପସ୍ତ ଖୋଲାଗୃହର ସୃଷ୍ଟି ହୋଇଅଛନ୍ତି । ଦେଶୀମଦ ସୁଣ୍ଡିମାନେ ପ୍ରସ୍ତୁତ କରନ୍ତି ବୋଲି ତାହା ଅଶୁଦ୍ଧ ଥିଲା । ବ୍ରାହ୍ମଣ ଯେବେ ତାହା ପ୍ରସ୍ତୁତ କଲେ ଆଉ ମଦ ଖାଇବାରେ କି ଆପତ୍ତି ହୋଇପାରେ ଯେମନ୍ତ କ ପାଉଁରୁଟି ଓ ବିସ୍କୁଟ ବ୍ରାହ୍ମଣମାନେ ପ୍ରସ୍ତୁତ କରିବାରୁ ତାହା ବିନା ଆପତ୍ତିରେ ସମସ୍ତ ହିନ୍ଦୁ ଖାଉଁଅଛନ୍ତି ! ଯେମନ୍ତ କି ମଦ ନିଜେ ଅପବିତ୍ର ଓ ନିନ୍ଦନୀୟ ନୁହେଁ ଅର୍ଥାତ ବ୍ରାହ୍ମଣ ଯାହା ପ୍ରସ୍ତୁତ କରିବେ ତାହା ସମସ୍ତ ହିନ୍ଦୁଙ୍କର ସେବ୍ୟ । ଧନ୍ୟ କଳି- କାଳ ! ଏମନ୍ତ ସୂକ୍ଷ୍ମବୁଦ୍ଧି ଆଉ କେଉଁଣସି ଯୁଗ- ରେ ବାହାରି ପାରନ୍ତା କି ?

---

କୁଇନାଇନ ଜ୍ୱରରୋଗର ପ୍ରଧାନ ଔଷଧ ଏବଂ ଭାରତବର୍ଷକୁ ଜ୍ୱରପ୍ରଧାନଦେଶ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଗବର୍ଣ୍ଣ- ମେଣ୍ଟ ଅନେକକାଳରୁ ବଙ୍ଗଳା ଓ ମାନ୍ଦ୍ରାଜରେ କୁଇନାଇନ ପ୍ରସ୍ତୁତ କରିବା- ଆଶାରେ ସିଙ୍କୋନା ନାମକ ଗଛ କ ଯହିଁର ଛାଲରୁ କୁଇନାଇନ ପ୍ରସ୍ତୁତ ହୁଏ ତହିଁର ଚାଷ ଆରମ୍ଭକରି ଏକ ପ୍ରକାର ନାନ୍ କୁଇନାଇନ ପ୍ରସ୍ତୁତ କରିବା ଓ ତାହା କୁଇନାଇନ ବଦଳରେ ଚିକିତ୍ସାଳୟମାନଙ୍କରେ ବ୍ୟବହାର କରିବା ଦ୍ୱାରା ଅନେକ ବ୍ୟୟ ସଂକ୍ଷେପ କରୁଅଛନ୍ତି । ସମ୍ପ୍ରତି ଡାକ୍ତର କିଙ୍ଗ ତାହାଙ୍କ ସହକର୍ମଚାରୀ ଡାକ୍ତର- ଗାମିଙ୍କ ଅନୁପମ ଅଧ୍ୟବସାୟ ଓ କୌଶଳରେ ଅତି ସୁଲଭମୂଲ୍ୟରେ କୁଇନାଇନ ପ୍ରସ୍ତୁତ କରିବାର ଉପାୟ ଆବିଷ୍କାର ହୋଇଥିବାରୁ ସର୍ବସାଧାରଣ ଜାଣିବା କାରଣ ତାହା ଗବର୍ଣ୍ଣ- ମେଣ୍ଟ ଗେଜେଟରେ ପ୍ରକାଶିତ ହୋଇଅଛି । କୁଇନାଇନ ପ୍ରସ୍ତୁତ କର କଲ କରିବା ଗବ- ର୍ଣ୍ଣମେଣ୍ଟଙ୍କର ଇଚ୍ଛା ନୁହେ । ଅତଏବ ଯାହାର ଇଚ୍ଛା ସେ ଉକ୍ତ ଉପାୟରେ କୁଇନାଇନ ପ୍ରସ୍ତୁତ କରିପାରେ ଓ ତାହା କେଲେ କୁଇନାଇନର ମୂଲ୍ୟ ଅଧିକ ବଢ଼ିପାରିବ ନାହିଁ । ଏ ଉପାୟରେ ଅନାୟାସରେ ଟ ୧୫ ଙ୍କା ଦରରେ ଏକପାଉଣ୍ଡ କୁଇନାଇନ ବିକ୍ରୟ ହୋଇପାରିବ ।

---

ଗତ ସପ୍ତାହ ମଙ୍ଗଳବାରଦିନ କାଲେ- ଜର ଇଂରାଜୀ ସ୍କୁଲର ଛାତ୍ରମାନଙ୍କୁ ବାର୍ଷିକ- ପାରିତୋଷିକ ପ୍ରଦାନ ଉପଲକ୍ଷରେ ଉକ୍ତ ସ୍କୁଲରେ ଗୋଟିଏ ବୃହତ୍‌ସଭା ହୋଇଥିଲା । ସମ୍ବାଦବାହକ ଲେଖିଅଛନ୍ତି କ ଉକ୍ତ ନଗରର ଇଉରୋପୀୟ ଭଦ୍ରସାହେବ ଓ ଦେଶୀୟଭଦ୍ର- ଲୋକ ପ୍ରାୟ ସମସ୍ତେ ଉପସ୍ଥିତ ଥିଲେ ଏବଂ ସଭାପତିର ଆସନ କଲେକ୍ଟରସାହେବ ଗ୍ରହଣ କରିଥିଲେ । ନିୟମିତରୂପେ ରପୋର୍ଟ ପାଠ ପିଲାମାନଙ୍କ ଅଭ୍ୟସ୍ତପାଠ ଓ ପୁରସ୍କାରବଣ୍ଟନ ଶେଷ ହେଲାରୁ ସଭାପତିଙ୍କର ବକ୍ତୃତା ହେଲା ଏବଂ ବାବୁ ଗୋପାଳବଲ୍ଲଭ ଦାସ ତାହା ଓଡ଼ି- ଆରେ ଛାତ୍ରମାନଙ୍କୁ ବୁଝାଇ ଦେଲେ । ସର- କାରୀ ପୁରସ୍କାର ଛଡ଼ା କୁମାର ବୈକୁଣ୍ଠନାଥ-

Digitized by srujanika@gmail.com

Split by PDF Splitter



ଦେ ଟ ୨୦ ଙ୍କା କୁମାର ସତ୍ୟେନ୍ଦ୍ରନାଥ ଦେ ଟ ୧୦ ଙ୍କା ବାବୁ ରାଧାରମଣ ଦାସ ଟ ୧୦ ଙ୍କା ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟ ଟ ୧୦ଙ୍କା ବାବୁ ରାମମୋହନ ଦାସ ଟ ୫ ଙ୍କା ଏବଂ ବାବୁ ଗୋପାଳବଲ୍ଲଭ ଦାସ ଟ ୫ ଙ୍କା ପୁରସ୍କାର ଦେଇଥିଲେ । ଅମ୍ଭେମାନେ କ୍ରମାଗତ ଦେଖି ଆସୁଅଛୁଁ ଯେ ଏପ୍ରକାର ସଭାରେ ବାଲେଶ୍ୱରର ଦେଶୀୟଭଦ୍ରଲୋକମାନେ ଉପସ୍ଥିତ ହେବା ଏବଂ ପୁରସ୍କାର ଦେବା ବିଷୟରେ ଯେମନ୍ତ ଅଗ୍ରସର ଉଡ଼ିଶାର ଅନ୍ୟ କୌଣସିଠାରେ ତେମନ୍ତ ନୁହଇ ଏବଂ ଏହା ବଡ଼ ପ୍ରଶଂସାର ବିଷୟ ଅଟଇ ।

---

ଶ୍ରୀକ୍ଷେତ୍ର ଜଗନ୍ନାଥଙ୍କ ମନ୍ଦିରସମ୍ମୁଖସ୍ଥ ଗୁମ୍ଫଟଦ୍ୱାର ଭାଙ୍ଗିଯାଇଥିବାରୁ ତାହାକୁ ବର୍ତ୍ତମାନ ସରଜୁରାମାନୁଜ ଦାସ ନାମକ ଜଣେ ବୈଷ୍ଣବ ତିଆର କରାଉଅଛନ୍ତି । ସେଠାରେ ସାଧାରଣ ଲୋକଙ୍କଠାରୁ ଭେଟ ଆଦାୟ କରି ଉକ୍ତ ଦ୍ୱାରର ପ୍ରାୟ ଚାରିପଣ ଅଂଶ କାର୍ଯ୍ୟ ସେ ଉଠାଇଅଛନ୍ତି ମାତ୍ର ଟଙ୍କା ଅଭାବ ହେବାରୁ ବର୍ତ୍ତମାନ ଉକ୍ତ କାର୍ଯ୍ୟ ବନ୍ଦ ଅଛି ମଧ୍ୟ ବୈଷ୍ଣବ ପ୍ରଶଂସିତ ଭେଦାଦ୍ୱାରା ଟଙ୍କା ଉଠାଇବାକାରଣ ଏଠାକୁ ଆସିଅଛନ୍ତି । ଅମ୍ଭେମାନେ ଏହାଙ୍କର ଆଗମନ ବାର୍ତ୍ତା ଏଥିପୂର୍ବେ ଦେଇଥିଲୁଁ ଏବଂ ବିଶ୍ୱସ୍ତସୂତ୍ରରୁ ଅବଗତ ହେଲୁଁ ଯେ ସେ କେବଳ ଏପର୍ଯ୍ୟନ୍ତ ଟ ୪୦୦ ଙ୍କା ଯାଏ ଏଠାରେ ଆଦାୟ କରିବାକୁ ସମର୍ଥ ହୋଇଅଛନ୍ତି । ଯେଉଁଠାରେ ଦଶସହସ୍ରରୁ ଅଧିକ ଅର୍ଥର ପ୍ରୟୋଜନ ସେସ୍ଥଳେ ଟ ୪୦୦ ଙ୍କା କିଛି ନୁହେ ବୋଲି ବୋଲିବାକୁ ହେବ । ଏଦେଶରେ ଏବେ ହିନ୍ଦୁ ଓ ଧନଲୋକେ ଆଜିଂ ଏଭଳି ପୁଷ୍କରର ଓ ଧର୍ମସମ୍ବନ୍ଧୀୟ ପ୍ରଧାନକାର୍ଯ୍ୟରେ ଆବଶ୍ୟକମତ ଟଙ୍କା ନ ଉଠିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ଅମ୍ଭେମାନେ ଜାଣୁଁ ଯେ ଏଦେଶରେ ତେଲି, ଗୁଡ଼ିଆ ଓ ଅନ୍ୟାନ୍ୟ ଜାତିମାନଙ୍କ ମଧ୍ୟରେ ଅନେକ ଜାତିଟଙ୍କା ଜମା ଅଛି । ସେ ଟଙ୍କାମାନ ସେମାନେ ଏକାର୍ଯ୍ୟରେ ଦାନ କଲେ ଉକ୍ତ ଟଙ୍କାର ଉଚିତ ବ୍ୟବହାର ହେବ । ଅନର୍ଥକ ସାମାନ୍ୟ କ୍ଷଣିକ ଆମୋଦକାର୍ଯ୍ୟରେ ସେ ଟଙ୍କା ବ୍ୟୟ ନ କରି ଏହିଳ ଧର୍ମସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ କରି ଗୋଟିଏ ସୁନ୍ଦର କୀର୍ତ୍ତି ବଜାୟ ରଖିବା ଶତଗୁଣେ ଶ୍ରେୟସ୍କର । ଅମ୍ଭେମାନେ ଭରସା କରୁଁ ଏଦେଶର ତେଲି ଗୁଡ଼ିଆ ଓ ଅନ୍ୟାନ୍ୟ ଜାତିମାନେ ବୈଷ୍ଣବ ପ୍ରଶଂସିତଙ୍କ ହସ୍ତେ ଅପଣାଙ୍କ ଅଂଶଟଙ୍କା ଗୁମ୍ଫଟଦ୍ୱାର କାର୍ଯ୍ୟ ନିମିତ୍ତ ପ୍ରଦାନ କରିବାକୁ ଅଗ୍ରସର ହେବେ ।

---

## ଜିଲାର ଅବସ୍ଥା ।

ଗତ ଶନିବାର ସନ୍ଧ୍ୟାସମୟରେ ଏଠାପ୍ରିଞ୍ଚିଂଲୁମ୍ବାଙ୍କ ଦ୍ୱିତଳଗୃହରେ ଏ ନଗରର ରେଭରେଣ୍ଡ ଟେମସାନ୍ସ ଜିଲାର ବର୍ତ୍ତମାନ ଅବସ୍ଥା ସମ୍ବନ୍ଧରେ ଗୋଟିଏ କ୍ଷୁଦ୍ର ଅଥଚ ତେଜଃପୂର୍ଣ୍ଣ ହୃଦୟଗ୍ରାହୀ ବକ୍ତୃତା ପ୍ରଦାନ କରିଥିଲେ । ସନ୍ଧ୍ୟା ଘ ୬ ଘା ସମୟରେ ସଭା ହେବାର ବିଜ୍ଞାପନ ଦିଆ ଯାଇଥିଲେହେଁ ବକ୍ତା ମହାଶୟ ପ୍ରାୟ ଘ ୭ ଘାସମୟରେ ସଭାସ୍ଥଳରେ ଉପନୀତ ହେଲେ ଏବଂ ଅନେକ ଲୋକ ଘ ୬ ଘା ସମୟରୁ ସଭାସ୍ଥଳରେ ଉପସ୍ଥିତ ହୋଇ ବକ୍ତାମହାଶୟଙ୍କୁ ଅପେକ୍ଷା କରି ରହିଥିଲେ ଏବଂ କେହି୨ ବକ୍ତାମହାଶୟଙ୍କ ଆଗମନରୁ ଉପଲକ୍ଷ କରି ତାହାହିଁ ଉଡ଼ିଶାର ଗୋଟିଏ ଦୁରବସ୍ଥାର ଲକ୍ଷଣ ବୋଲି ବ୍ୟକ୍ତ କଲେ । ସେ ଯାହା ହେଉ ବକ୍ତା ମହାଶୟଙ୍କ ବକ୍ତୃତା ଶୁଣି ଲୋକେ ତାହାଙ୍କୁ ଅପେକ୍ଷା କରିବାର କଷ୍ଟ ପାସୋରି ପକାଇଲେ । ପ୍ରକୃତରେ ବକ୍ତୃତାଟି ବଡ଼ ସୁନ୍ଦର ହୋଇଥିଲା । ବକ୍ତା ମହାଶୟ ପ୍ରଥମେ ଏଠାର ଶିକ୍ଷା ଓ ଶିକ୍ଷାର୍ଥୀର ଉଦ୍ୟମର ଅବସ୍ଥା ମନ୍ଦ ଥିବାର ବ୍ୟକ୍ତ କରି ଆର୍ଥିକ ଅବସ୍ଥା ନିତାନ୍ତ ଶୋଚନୀୟ ଥିବାର ପ୍ରକାଶ କଲେ । ସେ କହିଲେ ଅର୍ଥଦ୍ୱାରା ଅଶେଷ ମଙ୍ଗଳମୟକାର୍ଯ୍ୟ ସମ୍ପାଦିତ ହୁଅଇ ଏବଂ ଚାକରୀ ଅର୍ଥାଗମର ଗୋଟିଏ ପ୍ରଧାନ ଉପାୟ । ମାତ୍ର ଏ ଦେଶର ଯେଉଁ ଚାକରୀଦ୍ୱାରା ବିଶେଷ ଅର୍ଥ ଉପାର୍ଜନ ହୋଇ ପାରେ ତହିଁରେ ଅତି ଅଳ୍ପ ଜଣ ମାତ୍ର ଏ ଦେଶୀୟଲୋକେ ନିଯୁକ୍ତ ଅଛନ୍ତି ତେବେ କୁଲିଗିରି ଇତ୍ୟାଦି ସାମାନ୍ୟ୨ କର୍ମରେ ଓଡ଼ିଆମାନଙ୍କୁ ବିଶେଷ ଦେଖାଯିବ । ଏରୂପ ଅବସ୍ଥାରେ ବଡ଼୨ ଚାକରୀମାନ ଯେପରି ଏ ଦେଶୀୟମାନେ ପାନ୍ତି ତହିଁ ପ୍ରତି ଓଡ଼ିଆମାନଙ୍କୁ ବିଶେଷ ଯତ୍ନବାନ୍ ହେବା ଉଚିତ କାରଣ ସେମାନେ ଯତ୍ନ ନ କଲେ ତାଙ୍କ ପାଇଁ ଅନ୍ୟ କିଏ ଯତ୍ନ କରିବ । ପୁଣି ଓଡ଼ିଶା ତିନ ଗବର୍ଣ୍ଣମେଣ୍ଟଙ୍କ ଶାସନାଧୀନ ହୋଇଥିବାରୁ ମଧ୍ୟ ଏ ଦେଶ ଲୋକଙ୍କର ବିଶେଷ ଅସୁବିଧା ଓ ଅନିଷ୍ଟ ହେଉଅଛି ଏବଂ ଯେପରି ସମୁଦାୟ ଓଡ଼ିଶା ଏକ ଗବର୍ଣ୍ଣମେଣ୍ଟଙ୍କ ଅଧୀନ ହୁଏ ତହିଁପ୍ରତି ମଧ୍ୟ ଓଡ଼ିଆମାନଙ୍କୁ ଯତ୍ନ କରିବାକୁ ହେବ । ଏରୂପରେ ବକ୍ତୃତା ଶେଷ ହେବାରୁ ଖ୍ରୀଷ୍ଟୀୟମଣ୍ଡଳୀରୁ ଜଣେ ଉତ୍କଳୀୟଲୋକ ଆସି ଉତ୍କଳୀୟମାନଙ୍କୁ ଜାଗତ କରିବାର ଦେଖି ବାବୁ ଚତୁର୍ଭୁଜ ପଟ୍ଟନାୟକ ଆଡ଼ଶାରପରମସନ୍ତୋଷ ସଭାସ୍ଥଳରେ ପ୍ରକାଶ କରି ବକ୍ତାମହାଶୟଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ କଲେ । ଓ ତତ୍ପରେ ସଭା ଭଙ୍ଗ ହେଲା । ଏ ଦିନ ସଭାରେ ମଧ୍ୟ ଅନେକଲୋକ ଉପସ୍ଥିତ ହୋଇଥିଲେ ଏମନ୍ତ କି ଘରରେ ବସିବାର ସ୍ଥାନ ନ ହେବାରୁ ଅନେକେ ବାଧ୍ୟ ହୋଇ ବାରଣ୍ଡାରେ ଉପବେଶନ କରିଥିଲେ । ବକ୍ତାଙ୍କ ବକ୍ତୃତା ଶେଷ ହେଲା ପରେ ଏଠାର ଜଣେ କଣ୍ଟ୍ରାକ୍ଟର ବ୍ୟକ୍ତ କଲେ ଯେ ଆଗେ ଏଦେଶରେ କଣ୍ଟ୍ରାକ୍ଟ କର୍ମ ଓଡ଼ିଆମାନେ ପାଉଥିଲେ ଏବେ ଅନେକ ବିଦେଶିଲୋକେ ତହିଁରେ ଭର୍ତ୍ତି ହେବାରୁ ଓଡ଼ିଆଙ୍କର ବିଶେଷ କଷ୍ଟ ହୋଇଅଛି । ଏହାଦ୍ୱାରା ବକ୍ତାଙ୍କ କଥା ଏକପ୍ରକାର ପ୍ରମାଣିତ ହୋଇଗଲା । ଅମ୍ଭେମାନେ ମଧ୍ୟ ଏ ଦେଶବାସିଙ୍କି ଏ ବିଷୟପ୍ରତି ଜାଗ୍ରତ ହେବା ନିମିତ୍ତ ଅନୁରୋଧ କରୁଅଛୁଁ ।

—*—

## ଖାଜନର କାସ୍ତକାରସମ୍ବନ୍ଧୀୟ ଆଇନ ।

ଖାଜନା ଦେଣ ପରିଶୋଧ କରି ନ ପାରିଲେ କଏଦ ହେବାର ଯେଉଁ ଆଇନ ପ୍ରଚଳିତ ଥିଲା ତାହା ସଂଶୋଧିତ ହୋଇ ସନ ୧୮୮୫ ସାଲର ଅ ୭ ଇନ ନାମରେ ଗୋଟିଏ ନୂତନ ଆଇନ ବିଧିବଦ୍ଧ ହୋଇଅଛି ଏବଂ ତାହା ଗତମାସ ତା ୨୮ ଋଣର ଗଜେଟରେ ପ୍ରକାଶିତ ହେବା ସଙ୍ଗେ୨ ଜାରି ହୋଇଅଛି । ଏହି ଆଇନର ମର୍ମ ଏହି କି କୌଣସି ଟଙ୍କାବାକିର ଡିକ୍ରୀଜାରୀରେ କୌଣସି ସ୍ତ୍ରୀକି ଗିରଫ୍ତାର କରିବା କିମ୍ବା କଏଦ ରଖିବାର ଆଜ୍ଞା କୌଣସି ଅଦାଲତ ଦେଇପାରିବେ ନାହିଁ । ପୁରୁଷ ଦେଣଦାର ପକ୍ଷରେ ଏହି ବିଧାନ ହୋଇଅଛି କି ଡିକ୍ରୀଦାର କୌଣସି ଦେଣଦାର ନାମରେ ଗିରଫ୍ତାରି ଓ୍ୱାରେଣ୍ଟ ପ୍ରାର୍ଥନା କଲେ ଅଦାଲତ ପ୍ରଥମେ ତାହା ଜାରି ନ କରି ଦେଣଦାର କାହିଁକି କଏଦ ନ ହେବ ତହିଁର କାରଣ ଦର୍ଶାଇବାର ନୋଟିସ ତାହା ନାମରେ ଜାରି କରିବେ ।

Digitized by srujanika@gmail.com

ନୋଟିସମାନେ ଦେଣଦାର ଉପସ୍ଥିତ ନ ହେଲେ ଉଅରଣ୍ଡ କରାଯିବ ନାହିଁ ନୋଟିସମାନେ ଅଥବା ଉଅରଣ୍ଡମାନ ଦେଣଦାର ଉପସ୍ଥିତ ହେଲେ ତେବେ ଅଦାଲତ ଜାଣିପାରିବେ ଯେ ଦରିଦ୍ରତା ଅଥବା ଅନ୍ୟ ପ୍ରକୃତ କାରଣହେତୁରୁ ଖାତକ ଟଙ୍କା ଅଦାୟ କରିବାକୁ ଅକ୍ଷମ ଅଛନ୍ତି ତେବେ ଅଦାଲତ ଅପଣା ବିବେଚନାଅନୁସାରେ କଏଦର ପ୍ରାର୍ଥନା ନାମଞ୍ଜୁର କରିବେ ଅଥବା ମୁକ୍ତିର ଆଜ୍ଞା ଦେବେ । ଏହି ଆଜ୍ଞା ଦେବା ପୂର୍ବରେ ଯେବେ ଡିକ୍ରୀଦାରପକ୍ଷରୁ ଏପରି ଆପତ୍ତି ହୋଇଥିବ ଯେ ଦେଣଦାର କାହାର ଜାମିନ ବା ମାଲଫଛଦାର ହୋଇଥିଲା ସେ ଡିକ୍ରୀଦାରକୁ ଠକାଇବା କାରଣ କୌଣସି ସମ୍ପତ୍ତି ଗୋପନ ହସ୍ତାନ୍ତର ବା ସ୍ଥାନାନ୍ତର କରିଅଛି ବା ସଙ୍ଗତି ଥିବାସତ୍ତ୍ୱେ ଦେଣ ଅଦାୟ କରି ନାହିଁ ଏକ ମହାଜନଙ୍କୁ ନ ଦେଇ ସେମାନେ ଅପର ମହାଜନଙ୍କୁ ଦେଇଅଛି ବା ଅଦାଲତଙ୍କ ଏଲାକାମଧ୍ୟରୁ ପଳାଇଯିବାର ସମ୍ଭବ ତେବେ ଅଦାଲତ ସେ ସମସ୍ତ ଆପତ୍ତିର ମୀମାଂସା କରିବେ ଏବଂ ସେ ମୀମାଂସା ଶେଷ ହେବାପର୍ଯ୍ୟନ୍ତ ଦେଣଦାରକୁ କଏଦ ରଖିବେ ବା ଜାମିନରେ ଖଲାସ ଦେବେ । ଦେଣଦାର ଏହି ଅଧ୍ୟାୟକ୍ରମେ ଏକଥର କଏଦରୁ ଖଲାସ ପାଇଲେ ପୁନର୍ବାର ଗିରଫ୍ତାର ହୋଇପାରିବ ।

ଏହି ଆଇନର ତାତ୍ପର୍ଯ୍ୟ ଏହି ଯେ କୌଣସି ସାଧୁ ଋଣୀ ଟଙ୍କାଶୋଧରେ କଏଦ ହୋଇ ପାରିବ ନାହିଁ । ସ୍ତ୍ରୀମାନଙ୍କୁ ଏକାବେଳକେ ମୁକ୍ତି ଦିଆଗଲା ଏବଂ ପୁରୁଷ ଦେଣଦାର ଯେତେବେ ଦରଖାସ୍ତ ଦେବ ଏବଂ କୌଣସି ଅସଦ୍ଭଳ କାର୍ଯ୍ୟ କରି ନ ଥିବ ତେବେ ସେ ମଧ୍ୟ ଗିରଫ୍ତାର ବା କଏଦ ହୋଇପାରିବ ନାହିଁ । ସ୍ତ୍ରୀଙ୍କ ସମ୍ପର୍କରେ ବୋଧ ହୁଅଇ କାହାର ଆପତ୍ତି ହୋଇ ନ ପାରେ ବରଂ ଉତ୍ତମ ହୋଇଅଛି ମାତ୍ର ପୁରୁଷ ଦେଣଦାରକୁ ଏତାଦୃଶ ସୁବିଧା ଦେବାରେ କାହାର ଫଳ ଭଲ ହେବ କି ନାହିଁ ଠିକ ଜଣାଯାଉ ନାହିଁ । ଦରଦ୍ରବ୍ୟକ୍ତିକ କଏଦ ହେବା ବାସ୍ତବିକ ନୂତନ ମାତ୍ର ଏଥ ପ୍ରକୃତରେ ସଚ୍ଚରିତ୍ର ଓ ଏବେ ନୂତନ ଏକଥା ବୁଝିବା ବଡ଼ କଠିନ ଓଡ଼ିଆର ଭୟରେ ଅନେକ ଲୋକଙ୍କ ଅସୁବିଧା ହେଉଥିଲେ ସେ ଭୟ ଦୂରିଭୂତ ହେଲେ ମହାଜନମାନେ ଋଣ ଦେବାକୁ ଦ୍ୱିଧା କରିବେ ଏବଂ ଋଣୀଙ୍କ ଦରକାର ହୋଇପାରିବେ ।

---

## ବଙ୍ଗଳାର ଡାକସଡ଼କର ରକ୍ଷାଣ ।

ବଙ୍ଗଳାର ଡାକମାଲଙ୍କର ସ ୧୮୮୬।୮୭-ସାଲର ରକ୍ଷାପଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନଣ୍ଟ ଗବର୍ଣ୍ଣର ଯେଉଁ ମନ୍ତବ୍ୟ ବାହାରଅଛି ତହିଁରୁ ଉଲଲିଖିତ ସାର କଥା ମାନ ସଙ୍କଳିତ ହେଲା ।

ବଙ୍ଗଳାରେ ସର୍ବସ୍ୱଦ୍ଧା ମା ୮୩୨ ଉଁବ ନାଲ ଅଛି ଏଥିମଧ୍ୟରୁ ମା ୬୦୮ ଉଲ ନୌକା ଯାତାୟାତର ଯୋଗ୍ୟ । ଏଥିରେ ସର୍ବସୁଦ୍ଧା ୭ କୋଟି ଟଙ୍କା ବ୍ୟୟ ହୋଇଅଛି ତହିଁମଧ୍ୟରୁ ଦୁର୍ଭିକ୍ଷାବାବଦ୍ୟ ପାଣ୍ଠି ଓ ପ୍ରଦେଶୀୟ ପାଣ୍ଠିରୁ ପ୍ରାୟ ଏକକୋଟି ଟଙ୍କା ଅବଶିଷ୍ଟ ୬ କୋଟି ଟଙ୍କା ସରକାରୀ ଋଣଲବ୍ଧରକମରୁ ଦିଆଯାଇଅଛି । ଏହି ସମସ୍ତ ନାଳଦ୍ୱାରା ୨୭ ଲକ୍ଷମାଣ ଭୂମିରେ ଜଳ ମାଡ଼ିପାରେ ମାତ୍ର ତହିଁମଧ୍ୟରୁ କେବଳ ୪ ଲକ୍ଷମାଣ ଭୂମିରେ ଏବର୍ଷ ଜଳ ମଡ଼ିଥିଲା । ପ୍ରାୟ ଦୁଇଲକ୍ଷ ନୌକା ନାଳମଧ୍ୟରେ ଗତାୟାତ କରିଥିଲା ଏବଂ ତହିଁରେ ବୋଝାଇ ହୋଇଥିବା ଦ୍ରବ୍ୟର ମୂଲ୍ୟ ପ୍ରାୟ ଅଠକୋଟି ଟଙ୍କା ଥିଲା ।

ବର୍ତ୍ତିତବର୍ଷରେ ନାଳର ଆୟ ବ୍ୟୟ ଉଲଲିଖିତ ପରିମାଣରେ ହୋଇଥିଲା ଯଥା ।

| | ଆୟ | ବ୍ୟୟ |
|---|---|---|
| ଓଡ଼ିଶା ନାଳ | ଟ ୧୭୯୧୭୨୯ | ଟ ୪୨୦୭୩୪ |
| ମେଦନିପୁରନାଳ | ଟ ୨୭୪୯୮୪ | ଟ ୨୩୪୨୪୧ |
| ହିଜଲିନାଳ | ଟ ୪୪୪୦୪ | ଟ ୨୩୬୪୪ |
| ସୋଣନାଳ | ଟ ୧୯୮୪୨୧ | ଟ ୭୯୩୪୪୮ |
| ସାରଣ ନାଳ | ଟ ୧୨୪୩୭ | ଟ ୨୮୭୪୧ |
| କଲିକତା ନାଳ | ଟ ୪୮୩୭୪୪ | ଟ ୧୯୨୨୬୪ |
| ଓଡ଼ିଶାକୋଷ୍ଟକେନାଲ | ଟ ୨୯୪୮୮ | ଟ ୭୧୪୭ |
| ଯୋଡ଼ | ଟ ୧୯୯୨୨୯୮ | ଟ ୧୬୭୭୪୨୩୭ |

ଅତଏବ ନିଟ ଆୟ କେବଳ ଟ୨୩୭୬୬୧-ଙ୍କା ହୋଇଥିଲା । ଏଥିରୁ ମୂଳଧନର ସୁଧ ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଟ ୨୨୧୨୦୬୦୧ ଙ୍କା ଦେଣ ସୁଦ୍ଧା ଟ ୧୯୪୬୨୮୪ ଙ୍କା ତୁଟି ପଡ଼ିଅଛି ଏବଂ ତାହା ପ୍ରଦେଶୀୟବଜେଟରୁ ପୂର୍ତ୍ତି କରିବାକୁ ହେବ । ଆୟ ଊଣା ଏବଂ ବିଶେଷ ମରାମତି ହେତୁ ଖର୍ଚ୍ଚ ଅଧିକ ବୃଦ୍ଧି ହେବାରୁ ଏପରି ଅସନ୍ତୋଷଜନକ ଫଳ ଘଟିଅଛି । ଓଡ଼ିଶାରେ ମହାନଦୀ ବନ୍ଧ ଭଙ୍ଗି ପାଣି ଓ ଜଳପ୍ଳାବନ ବନ୍ଧମାନ ବରଖଣ୍ଡ ହେଲା ସେହି କାଳର ବରୁଣାଳର ଜଲାକବାଟ ସବୁ ଅକର୍ମଣ୍ୟ ହୋଇଯିବାରୁ ନୂତନ କବାଟମାନ ପ୍ରସ୍ତୁତ କରିବାକୁ ହେଲା ଏବଂ ମେଦନୀପୁରରେ ଯୁଥଅଧ ଲବଣରୁ ନ ନାଳରେ ବିଶେଷ

---

ଫଳ ମଡ଼ିଗଲା । ଏହି ସମସ୍ତ କାରଣରୁ ବର୍ତ୍ତିତବର୍ଷରେ ବିଶେଷ ଖର୍ଚ୍ଚ ପଡ଼ିଅଛି ।

ଯଦ୍ୟପି ନ ପୂର୍ବବର୍ଷମାନଙ୍କର ବନ୍ଦୋବସ୍ତ ଗତବର୍ଷ ଏବଂ ଏବର୍ଷ ଅନେକ ଉପୁଲ ହୋଇ ଆୟ ବଢ଼ି ହୋଇଅଛି ମାତ୍ର ଜଳର ଅର୍ଜ୍ଜନ ଉଦୟ ଜଳକର ଓ ନୌକାକରରେ ଊଣା ପଡ଼ିଅଛି । ଜଳକର ଅଧିକ ନ ହେବାର ଏହି କାରଣ ପ୍ରଦର୍ଶିତ ହୋଇଅଛି ଯେ ବର୍ଷା ଭଲ ହୋଇଥିଲା । ପୂର୍ବବର୍ଷମାନଙ୍କର ବନ୍ଦୋବସ୍ତ ବିଶେଷ ପରିମାଣରେ ଅଦାୟ ହୋଇ ଯିବା ସନ୍ତୋଷଜନକ ଅଟଇ ମାତ୍ର ନାଳର ଅର୍ଜ୍ଜନ ବୃଦ୍ଧି ନ ହେଲେ ଭବିଷ୍ୟତରୁ ଆୟ ବସ୍ତର ଊଣା ପଡ଼ିବ । ସାର୍ଟିଫିକେଟ ସଂଖ୍ୟା ଊଣା ପଡ଼ିଅଛି ଏବଂ ବିବିଧ୍ୟତକୁ ଅଧିକ ଊଣାହେବାର ସମ୍ଭାବନା । କେବଳ ଓଡ଼ିଶାରେ ହାଲକମର ଅନ୍ୟତମ ଉପୁଲ ହୋଇ ବିଶେଷ ବାକି ପଡ଼ିଅଛି । ନାବମହାଳମର ନିର୍ଦ୍ଦିଷ୍ଟ ବସ୍ତୁବଙ୍କର ଦୂର୍ବାବର୍ଷମାନଙ୍କର ଓଡ଼ିଶା ଏବଂ ସୋଣ ବଣିକରେ ଅନେକ ଗୁଜାର ହୋଇଥିଲା ଏବର୍ଷର ରକ୍ଷାପତ୍ରରେ ତହିଁର ବିଶେଷ ଉଲ୍ଲେଖ ନ ଥିବାରୁ ନେଇ ହୋଇପାରେ ଯେ ଆଉଡିନ ଗୁଜାର ନାହିଁ ମାତ୍ର ଏଥିରେ ଗବର୍ଣ୍ଣମେଣ୍ଟଙ୍କ ମତ ମାନ ନାହିଁ ଏବଂ ଏଥିପାଇଁ ଭବିଷ୍ୟତରେ ବିଶେଷ ସମ୍ବାଦ ଦେବା କାରଣ ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି । ପାଞ୍ଚବର୍ଷୀୟ ବନ୍ଦୋବସ୍ତ କ୍ରମଶଃ ବୃଦ୍ଧି ହେଉଥିବାରୁ ଗବର୍ଣ୍ଣମେଣ୍ଟ ସନ୍ତୁଷ୍ଟ ହୋଇଅଛନ୍ତି । ବୃହତ ଏବଂ ଷୋଟର ବ୍ୟବସାୟ ଊଣା ପଡ଼ିବାରୁ ନୌକାମାସୁଲ ଊଣା ପଡ଼ିବାର ଜଣାଯାଏ ଅତଏବ ଏଥିରୁ ରେଲୱେଦ୍ୱାରା ବ୍ୟବସାୟ ଊଣା ପଡ଼ିବାର ଜଣା ଯାଉ ନାହିଁ ବୋଲି ଗବର୍ଣ୍ଣମେଣ୍ଟ କହୁଅଛନ୍ତି ।

ଉପରଲିଖିତ ମନ୍ତବ୍ୟ ପାଠକରୁ ଦେଖାଯାଉଅଛି ନାଳଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଲାଭ ନାହିଁ ଏବଂ ଲୋକଙ୍କର ଯେ ସୁଖ ହେଉଅଛି ଏହାର ମଧ୍ୟ ପ୍ରମାଣ ନାହିଁ । ବସ୍ତୁତରେ ନାଳସମ୍ପର୍କୀୟ ଗୃହତ ପୂର୍ବପ୍ରାୟ ରହିଅଛି ମାତ୍ର ବଙ୍ଗୀୟ ବ୍ରାହ୍ମଣମାନେ ଯାହା ଗବର୍ଣ୍ଣମେଣ୍ଟଙ୍କୁ ଯେତେବେଳ ଜଣାଇବେ ତେବେ ଅମ୍ଭେମାନେ ଜାଣିବ । ପାଞ୍ଚବର୍ଷୀୟ ବନ୍ଦୋବସ୍ତ ବୃଦ୍ଧି ହେବାର ପ୍ରକୃତ କାରଣ ଜଣ ଓ କାହିଁକି ଜଳକର ଊଣା ପଡ଼ୁଅଛି ଗବର୍ଣ୍ଣମେଣ୍ଟ ସେପରି ବଙ୍ଗୀୟ କର୍ମଚାରୀଙ୍କି ନ ପଚାରି ପ୍ରଜାଙ୍କଠାରୁ

Digitized by srujanika@gmail.com

Split by PDF Splitter

110



ବୁଝିବାକୁ ଦେବେ ଜାଣିପାରନ୍ତେ । ଜାଲସଂକ୍ରାନ୍ତ ରିପୋର୍ଟରୁ ଅନେକ କଥା ବୁଝିଥିବେ ମାତ୍ର ଅଦ୍ୟାବଧି ତହିଁର ମୀମାଂସା ହୋଇ ନାହିଁ ।

---

## ଲର୍ଡ୍ ଡଫରିନଙ୍କ ବିଦାୟ ।

ଯଦ୍ୟପି ଏ ଅସ୍ମାକଙ୍କର ମହାମାନ୍ୟ ଗବର୍ଣ୍ଣର ଜେନରଲ ଲର୍ଡ୍ ଡଫରିନଙ୍କୁ ସମ୍ମାନସୂଚକ ବିଦାୟ ଦେବା କଥା ଯେଉଁ ବଙ୍ଗଳାରେ ମହା ମତଭେଦ ଘଟିଥିଲା ଓ ସାଧାରଣଙ୍କ ପକ୍ଷରୁ ଦେଶୀୟ ସମ୍ବାଦପତ୍ରମାନଙ୍କରେ ଅତ୍ୟନ୍ତ ସମାଲୋଚନା ଚାଲିଥିଲା ତଥାପି ଗତମାସ ତା ୨୨ ଓ ୨୩ ଋଖରେ କଲିକତା ଟାଉନହଲରେ ଏହି ଉପଲକ୍ଷରେ ଯେଉଁ ସଭାମାନ ବସିଥିଲା ସେସବୁ ଅଶାତୀତରୂପେ ସଫଳ ହୋଇଅଛି । ପ୍ରଥମଦିନ ସଭାରେ ଇଂରାଜ ଓ ଦେଶୀୟମାନଙ୍କ ମଧ୍ୟରେ ଭିଡ଼ ଜଣାରୁ ଉଣା ନ ଥିଲେ ଏବଂ ହିନ୍ଦୁ ମୁସଲମାନ ପାରସୀ ସମ୍ପ୍ରଦାୟମାନଙ୍କର ମାନ୍ୟଗଣ୍ୟ ଅନେକ ବ୍ୟକ୍ତି ଉପସ୍ଥିତ ଥିଲେ । ସର୍ବସାଧାରଣଙ୍କ ଅନୁମୋଦନ କ୍ରମେ ଏ ସଭା ବସି ନ ଥିବାରୁ ଏହାକୁ କେବଳ ଲର୍ଡ୍ ଡଫରିନଙ୍କ ବନ୍ଧୁ ଓ ସ୍ତାବକମାନଙ୍କ ସଭା ବୋଲି ପତ୍ରସ୍ଥ ଦର୍ଶାଯାଇଅଛି । ମାତ୍ର ଏପ୍ରକାର ଲୋକମାନେ ଯାହାଙ୍କୁ ସମ୍ମାନ କଲେ ସେ ଯେ ସମ୍ମାନ ପାଇବାର ଯୋଗ୍ୟ ନୁହନ୍ତି ଅଥବା ସେ ଅଳ୍ପଭାବରେ ତାହାଙ୍କର ସମ୍ମାନ ହୋଇ ନାହିଁ ଏକଥା କେହ ବୋଲିପାରିବ । ବାସ୍ତବରେ ଲର୍ଡ୍ ଡଫରିନ ନିଷ୍କପଟ ସଦ୍‌ବ୍ୟବହାର ଓ ସୌଜନ୍ୟତା ପ୍ରଭୃତି ପ୍ରୀତିକର ଗୁଣମାନଙ୍କଦ୍ୱାରା ପ୍ରଧାନ ଲୋକଙ୍କ ମନ ଆକର୍ଷଣ କରିଥିବାରୁ ସେମାନେ ତାହାଙ୍କୁ ବିଦାୟ କାଳରେ ସମ୍ମାନ ନ ଦେଖାଇ ରହିପାରିଲେ ନାହିଁ ଏବଂ ସେମାନେ ଏତାଦୃଶ ଅନୁରକ୍ତ ହୋଇ ଗଲେ ଯେ ମହାମାନ୍ୟଙ୍କର କୌଣସି ରାଜକୀୟ କାର୍ଯ୍ୟ ସେମାନଙ୍କ ବିବେଚନାରେ ଊଣା ଦଶିଲା ନାହିଁ । ସୁତରାଂ ଯେଉଁ ଅଭିନନ୍ଦନ ମହାମାନ୍ୟଙ୍କୁ ଦ୍ୱିତୀୟ ସଭାରେ ଅର୍ପଣ ହେଲା ତହିଁରେ ଇଜିପ୍ଟ ଷ୍ଟାମ୍ପ ଆକ୍ଟ ବୃଦ୍ଧି ବ୍ୟୟ ଖାସ ସୀମା ଦୃଢ଼ତା ପ୍ରଭୃତି ଅନ୍ୟାନ୍ୟ ବିଷୟ ଇତ୍ୟାଦି ଯେ ସମସ୍ତ ପ୍ରସଙ୍ଗରେ ହିନ୍ଦୁ ରହିଅଛି ସେସବୁରେ ସମସ୍ତ ବଙ୍ଗବାସିଙ୍କ ପକ୍ଷରୁ ମହାମାନ୍ୟଙ୍କର ପ୍ରଶଂସା ଗାୟନ କଲେ ଉକ୍ତ ସଭାରେ ଏପ୍ରକାର ଅଭିନନ୍ଦନପତ୍ର ଦେବାଦ୍ୱାରା ମହାମାନ୍ୟଙ୍କର ଗୋଟିଏ ପ୍ରତିମୂର୍ତ୍ତି ନିର୍ମାଣ କରି କଲିକତାରେ ରକ୍ଷିବାର ଧାର୍ଯ୍ୟ ହେଲା । ସଭାଟି କେବଳ ଲର୍ଡ୍ ଡଫରିନଙ୍କ ଗୁଣଦର୍ଶନରେ ହୋଇଥିଲେ ହେଁ ଏଥିରେ ମହାମାନ୍ୟା ଶ୍ରୀମତୀ ଲେଡି ଡଫରିନଙ୍କୁ ଖଣ୍ଡିଏ ଅଭିନନ୍ଦନ ପ୍ରଦାନ କରିବା ଏବଂ ତାହାଙ୍କର ଖଣ୍ଡିଏ ଚିତ୍ରପଟ କଲିକତାରେ ରକ୍ଷିବାର ଧାର୍ଯ୍ୟ ହେଲା । ଶ୍ରୀମତୀ ଡଫରିନ ଏ ଦେଶୀୟ ନାରୀଙ୍କ ଚିକିତ୍ସା ନିମନ୍ତେ ଯେଉଁ ଚିରସ୍ଥାୟୀ କୀର୍ତ୍ତି ସ୍ଥାପନ କରିଅଛନ୍ତି ତହିଁର ଉଲ୍ଲେଖ ଉକ୍ତ ଅଭିନନ୍ଦନପତ୍ରରେ ହୋଇଅଛି ଏବଂ ଏଥିପାଇଁ ଯେ ମହାମାନ୍ୟା ଶ୍ରୀମତୀ ଭାରତବାସିଙ୍କର ଚିରକୃତଜ୍ଞତାର ପାତ୍ର ହୋଇଅଛନ୍ତି ଏ ବିଷୟରେ କାହାର ସନ୍ଦେହ ନାହିଁ । ବାସ୍ତବରେ ଲେଡି ଡଫରିନଙ୍କୁ ସମ୍ମାନ ଦେବା ସମ୍ବନ୍ଧୀୟ ଏ ସଭାର କାର୍ଯ୍ୟ ସର୍ବସାଧାରଣଙ୍କର ମନୋନୀତ ଅଟଇ ଏବଂ ସଭାର ଏହି କାର୍ଯ୍ୟରେ ଯୋଗ ଦେବାପାଇଁ ଅଧିକାଂଶ ଦେଶୀୟଲୋକ ଯୋଗ ଦେଇଥିଲେ । ଲର୍ଡ୍ ଡଫରିନଙ୍କ ବନ୍ଧୁମାନେ ଯେବେ ତାହାଙ୍କ ଅଭିନନ୍ଦନପତ୍ରରେ ବିବାଦଗ୍ରସ୍ତ ପ୍ରସଙ୍ଗମାନଙ୍କର ଅବତାରଣା କରି ନ ଥାନ୍ତେ ତେବେ ସେମାନଙ୍କ କାର୍ଯ୍ୟର କୌଣସି ପ୍ରତିବାଦ ହୋଇ ନ ଥାନ୍ତା କିନ୍ତୁ ସେମାନେ ଉକ୍ତମତେ ବଙ୍ଗବାସିଙ୍କର ପ୍ରତିନିଧି ହୋଇ ସେମାନଙ୍କ ପକ୍ଷରୁ ତାହାସବୁ ଉଲ୍ଲେଖ କରି ଆପଣାକୁ ହତା କରାଇଅଛନ୍ତି ।

ଯାହା ହେଉ ତା ୨୨ ଋଖର ସଭା ଏପ୍ରକାର ସମାରୋହପୂର୍ବକ ଶେଷ ହେଲାରୁ ତା ୨୩ ଋଖ ସଭାରେ ଅଭିନନ୍ଦନପତ୍ରମାନ ପ୍ରଦାନ କରିବା କାରଣ ପୂର୍ବଦିନଠାରୁ ଅଧିକଲୋକ ଏକତ୍ର ହେଲେ । ପ୍ରଥମେ ଲର୍ଡ୍ ଡଫରିନଙ୍କ ଅଭିନନ୍ଦନପତ୍ର ପ୍ରଦତ୍ତ ହେଲା ଏବଂ ସେ ତହିଁର ସୁନ୍ଦର ଉତ୍ତର ପ୍ରଦାନ କଲେ । ଲର୍ଡ୍ ଡଫରିନଙ୍କର ବକ୍ତୃତାଶକ୍ତି ବିଲକ୍ଷଣ ଅଟେ ଏବଂ ସେ ଆପଣା କାର୍ଯ୍ୟର ଉଦ୍ଦେଶ୍ୟ ତେମନ୍ତ ଚାତୁରୀ ସହିତ ପ୍ରକାଶ କଲେ ଯେ ଭାରତବାସୀ ନାନା ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଏକତା ହେବାର ଅବଶ୍ୟକତା ବିଷୟରେ ଯାହା କହିଲେ ତାହା ଛଡ଼ା ଅନ୍ୟ କୌଣସି କଥାରେ ମତଭେଦ ଦୂର ହେଲା ନାହିଁ । ଏଥିଉତ୍ତାରୁ ଲେଡି ଡଫରିନଙ୍କୁ ଅଭିନନ୍ଦନପତ୍ର ପ୍ରଦତ୍ତ ହେଲା ଏବଂ ସେ ତହିଁର ଉତ୍ତରରେ ଦେଶୀୟ ରମଣୀଙ୍କ ପ୍ରତି ଯେମନ୍ତ ସହୃଦୟତା ଦୟା ଓ ସହାନୁଭୂତି ପ୍ରକାଶ କଲେ ତହିଁରେ ସମସ୍ତଙ୍କର ମନ ଦ୍ରବୀଭୂତ ହୋଇଗଲା । ବାସ୍ତବରେ ଏଥିପୂର୍ବେ ଏପରି ଗବର୍ଣ୍ଣର ଜେନରଲଙ୍କ ସହଧର୍ମିଣୀଙ୍କଠାରୁ ଏ ଦେଶୀୟମାନେ ଉପକାର ଲାଭ କରିଅଛନ୍ତି ସତ୍ୟ ମାତ୍ର ଲେଡି ଡଫରିନଙ୍କ ପରି କେହି ଚିରସ୍ଥାୟୀ ଉପକାର କରିବାକୁ ସମର୍ଥ ହୋଇ ନ ଥିଲେ । ଲର୍ଡ୍ ଡଫରିନ ଅଳ୍ପ ଦିନମାତ୍ର ଏ ଦେଶରେ ରହିବେ ଏବଂ ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ତାହାଙ୍କ ସମ୍ବନ୍ଧରେ ଏହିପରି ଅନନୁକୂଳ ମତ ପ୍ରକାଶ କରିବାକୁ ଆମ୍ଭେମାନେ ସମର୍ଥ ହେଉଁ । ଅବଶ୍ୟ ଯାହା ଘଟିଅଛି ତହିଁରେ ତାହାଙ୍କ ଶାସନସମ୍ପର୍କୀୟ କୌଣସି କାର୍ଯ୍ୟର ବିଶେଷ ପ୍ରଶଂସା କରିବାର କାରଣ ପ୍ରତ୍ୟକ୍ଷ ହୋଇ ନାହିଁ । ତଥାପି ଉ.ଦାହରଣ ଉତ୍କର୍ଷ୍ୟରଙ୍କୁ ଅଭିନନ୍ଦନ ଦେବାକୁ ଅସ୍ମାକଙ୍କର ଆପତ୍ତି ନାହିଁ ମାତ୍ର ତାହାଙ୍କର ଯେ ସମସ୍ତ କାର୍ଯ୍ୟ ପ୍ରଶଂସନୀୟ ହୋଇ ନାହିଁ ସେ ସବୁର ଉଲ୍ଲେଖ କରି ଯେ କଲିକତାର ସଭା ତାହାଙ୍କୁ ଅଭିନନ୍ଦନପତ୍ର ଦେଲେ ଏହିକ ବଡ଼ ଅବିବେଚନାର କାର୍ଯ୍ୟ ହୋଇଅଛି ।

---

## ସାପ୍ତାହିକ ସଂବାଦ ।

ଗତ ଶୁକ୍ରବାର ଏଠାରେ ମିଉନିସିପାଲିଟୀର ନଂ ୨ ଓ ୭ ୱାର୍ଡର କମିଶନର ନିର୍ବାଚନ ହେଲା । ନଂ ୨ ୱାର୍ଡରେ ବାବୁ ରାଧାବିନୋଦ ବୋଷ ଓ ନଂ ୭ ୱାର୍ଡରେ ବାବୁ ଅଶ୍ୱିନୀକୁମାର ଘୋଷ ନିର୍ବାଚିତ ହେଲେ । ଏମାନେ ଦୁହେଁ ନୂତନ ଲୋକ ନଂ ୭ ୱାର୍ଡରେ ବଡ଼ ଲଢ଼ାଇ ହୋଇଥିଲା ।

ଏ ସପ୍ତାହରେ ଏ ନଗରରେ କଷ୍ଟ କ୍ଲିଷ୍ଟ ହୋଇଅଛି । ଏଥିରେ ମାତ୍ର କେତେ ଦିନର ପାଇଁ କିଛି ସାମାନ୍ୟ ବର୍ଷା ହୋଇଥିଲା । ଜ୍ୱର ଓ ସାମାନ୍ୟରେ ବସନ୍ତ ରୋଗ ଦେଖାଯାଉଅଛି ।

କଲିକତାରେ କେତେ କେଉଁଠି ନହି ନୂଆ ସେହି ଭଙ୍ଗା ଗାଡ଼ିରେ ପଡ଼ି ମରିଯାଉଛି ।

ସ୍ଥାନୀୟ ବୋର୍ଡରେ କେହି ନିର୍ବାଚିତ ହେବାର ଯାହା କଥା ଥିଲା ତାହା ହେବ ନାହିଁ । ସେପର୍ଯ୍ୟନ୍ତ ପୂର୍ଣ୍ଣ ଅବସ୍ଥାରେ ଏ ଜିଲ୍ଲାର ଅଧିକାର ନ ହେବ ସେପର୍ଯ୍ୟନ୍ତ ନିର୍ବାଚନ ଦ୍ୱାରା ମେମ୍ବର ନିଯୁକ୍ତ କରିବା ପ୍ରଥାରେ ପଦୋନ୍ନତି ବର୍ଜନସର୍ବ ଜାହାଦେବ ନାହିଁ ଦେଉଅଛନ୍ତି । ଏହା ଦୁଃଖର ବିଷୟ ଅଟଇ ।

ଲଣ୍ଡନର ସମ୍ବାଦ ଅଛି କି ସେଠାରେ ଇନଫ୍ଲୁଏଞ୍ଜା ରୋଗ ବଡ଼ ପ୍ରବଳ ହୋଇଥିଲା ମାତ୍ର ଏବେ ବାୟୁ ଓ ଜଳର ପରିବର୍ତ୍ତନଦ୍ୱାରା ଶାନ୍ତ ହୋଇଅଛି ।

### ଇଲବର୍ଟ-ଗେଜେଟ ।

ମି ଈ, ଜେ, ପି, ଫ୍ରାଞ୍ଜ ଦେବ ପୁରୀ ଜିଲ୍ଲାର କଲେକ୍ଟରୀ ପ୍ରାପ୍ତ ହୋଇଅଛନ୍ତି ।

ବାଲେଶ୍ୱରର ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ଅଘୋରନାଥ ଘୋଷ ତିନିମାସର ଛୁଟି ପ୍ରାପ୍ତ ହୋଇଅଛନ୍ତି ।

Digitized by srujanika@gmail.com

Split by PDF Splitter



ତାଲେଶ୍ବରର ମାଜିଷ୍ଟ୍ରେଟ ମିଃ ଥର ବର୍ଣ୍ଣ ସାହେବ ଅନ୍ୟାନ୍ୟ ପର୍ଯ୍ୟନ୍ତ ମାଜିଷ୍ଟ୍ରେଟ ଓ କଲେକ୍ଟରଙ୍କ ଦ୍ବିତୀୟଶ୍ରେଣୀରେ କାର୍ଯ୍ୟ କରିବେ ।

ଗତ ମୋକ୍ତାର ପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ବ୍ୟକ୍ତିମାନେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

| | |
|---|---|
| କେଶବ ରାଉତ, | ଉମାଚରଣ ଦାସ |
| ଶିବଶଙ୍କର ଘୋଷ, | ମଦନମୋହନ ଦାସ |
| ହରମୋହନ ରାୟ ଚୌଧୁରୀ, | ବାନାମ୍ବର କାନୁଗୋଇ |
| ବାଳକୃଷ୍ଣ ମହାପାତ୍ର, | ରାଧାପ୍ରସାଦ ଦାସ |
| କାଶୀନାଥ ମହାନ୍ତି, | ପାର୍ବତୀଚରଣ ଦାସ |
| | ଭଗୀରଥି ଦାସ |

ମଧ୍ୟପ୍ରଦେଶର ଦକ୍ଷିଣଚକ୍ରର ସ୍କୁଲଇନ୍‌ସ୍ପେକ୍ଟର ସେକ୍‌ସପିୟର ଦେଢ଼ମାସର ଛୁଟି ପାଇବାରୁ ପୂର୍ବଚକ୍ରର ଏକ୍‌ଷ୍ଟ୍ରା ସ୍କୁଲଇନ୍‌ସ୍ପେକ୍ଟର ବାବୁ ହରଗୋପାଳ ଉପାଧ୍ୟା ବି, ଏ, ଉକ୍ତ ପଦରେ ଏକ୍‌ଷ୍ଟ୍ରା ନିଯୁକ୍ତ ହୋଇଅଛନ୍ତି ।

କଲିକତାର ଗଡ଼ସ୍ତ୍ରାହରେ ଗୋଟିଏ ଅଦ୍ଭୁତ ଗୁଜବ ହୋଇଅଛି । ସ୍ବଲମାଧବ ମିତ୍ର ନାମରେ ଏକବ୍ୟକ୍ତି ଆପଣାର ପିତା ଓ ଜ୍ୟେଷ୍ଠଭ୍ରାତା ଜୀବିତ ଥିବାଅବସ୍ଥାରେ ସେମାନଙ୍କୁ ପିଣ୍ଡଦାନ ଗୁଡ଼ମାରିବାରୁ ପିତା ଉକ୍ତଶ୍ରାଦ୍ଧ କରିଗଲ ମାତ୍ର ମୃତ୍ୟୁ ଜୀବତ ଅଛି । ଅସାମୀ ଧରା ହୋଇ ଜବାବ ଲେଖାଇଅଛି ଦଶହଜାର ଟଙ୍କା ଅମାନତ କରି ବାଦରୁଆନଙ୍କ ଦୋକାନରେ ଶୀଘ୍ର ହେବାର ବନ୍ଦୋବସ୍ତ କରିଥିଲ ମାତ୍ର ପିତା ସେ ଟଙ୍କା ନ ଦେବା ଓ ଜ୍ୟେଷ୍ଠଙ୍କର ତାହା ନାମରେ ନାନା କଥା କହି ପିତାର ମନ ଭଙ୍ଗାଇ ଦେବାରୁ ସେ ଏପରି କରିଅଛି । ଗ୍ରବସ୍ତ ସ୍ବାଥେ ପିତୃହତ୍ୟା ! କାଲ କ କଠିନ ହେଲ !

ଗତ ମାର୍ଚ୍ଚ ମାସ ତା ୨୪ ରେଖରେ ଅନୁଗ୍ରହରେ କଡ଼ ଲାଟ ଲର୍ଡ ଡଫରିନ ମହୋଦୟ ସ୍ବପତ୍ନୀ ସମଭିବ୍ୟାହାରେ କଲିକତାସ୍ଥ ରବିନ୍‌ସନ କଲେଜ ଦେଖିବାକୁ ଯାଇଥିଲେ । ଏହି କଲେଜ ମୃତ କେଶବଚନ୍ଦ୍ର ସେନଙ୍କ ସୃଷ୍ଟ ଅଟଇ । କୁଚବିହାରର ମହାରାଣୀ ଏବଂ ବାବୁ କୃଷ୍ଣବିହାରୀ ସେନ ଏମାନଙ୍କୁ ଯଥୋଚିତ ସମ୍ମାନ ଦେଖାଇଥିଲେ । ଦେଶୀୟ ଶ୍ରୀମାନେ କେତେକ ଛାତ୍ରୀ ଉକ୍ତ କଲେଜଠାରେ ପ୍ରସ୍ତୁତ ହୋଇଥିଲ । ବଡ଼ ଲାଟ ମହୋଦୟ ଏବଂ ତାଙ୍କ ପତ୍ନୀ ତାହା ଅବଲୋକନ କରି ଆପଣାର ସନ୍ତୋଷ ବ୍ୟକ୍ତ କଲେ । କୁଚବିହାରର ମହାରାଣୀ ସେମାନଙ୍କୁ ରୂପାର ରେକାବୀ ରୂପାର ପିଲସ୍ପ ଉପହାର ଦେଇଥିଲେ ଏବଂ ବଡ଼ ଲାଟ ସ୍ବୟଂ ଉକ୍ତ କଲେଜର ଉପସ୍ଥିତ ଛାତ୍ରୀକୁ ଗୋଟିଏ ପଦକ ଦେବାକୁ ପ୍ରତିଶ୍ରୁତ ହୋଇ ଅଛନ୍ତି ।

ବର୍ତ୍ତମାନ ବ୍ରହ୍ମଦେଶରୁ ଛାତ୍ରମାନେ ଡାକ୍ତରୀ ଶାସ୍ତ୍ର ଅଧ୍ୟୟନ କରିବାର୍ଥେ କଲିକତା ଓ ମାନ୍ଦ୍ରାଜଠାକୁ ଆସୁଅଛନ୍ତି । ଏମାନଙ୍କ ମଧ୍ୟରୁ ଯେଉଁମାନେ ଡାକ୍ତରଖାନାରେ ଅଭିଜ୍ଞ ସ୍ବରୂପ କାର୍ଯ୍ୟ କରୁଅଛନ୍ତି ତାଙ୍କର କାର୍ଯ୍ୟ ସନ୍ତୋଷଜନକ ଥିବାର ଜଣାଯାଏ ।

ଗତ ମାର୍ଚ୍ଚ ମାସ ତା ୨୪ ରଖ ପ୍ରାତଃକାଳରେ କଲିକତା ଗବର୍ଣ୍ଣମେଣ୍ଟ ହାଉସକୁ ଯାଇ ମୁସଲମାନମାନେ ବଡ଼ଲାଟ ମହୋଦୟଙ୍କୁ ଅଭିନନ୍ଦନ ପତ୍ର ପ୍ରଦାନ କରିଥିବାର ସମ୍ବାଦ ମିଳଇ ମଧ୍ୟ ସେହିଦିନ ଅପରାହ୍ନ ସମୟରେ ବଙ୍ଗ ପାର୍ଲିୟାମେଣ୍ଟ ମୁସଲମାନ ଅଜୁମନରେ ଉତ୍ତରପତ୍ର ଠାରୁ ଆପଣା ପତ୍ନୀ ସମଭିବ୍ୟାହାରେ ବଡ଼ ଲାଟ ମହୋଦୟ ଯାଇଥିଲେ । ଏଠାରେ ମଧ୍ୟ ଏହାଙ୍କୁ ଅଭିନନ୍ଦନ ପତ୍ର ଦିଆଯାଇଥିଲ ।

ଗତ ମାର୍ଚ୍ଚ ମାସ ତା ୨୭ ରଖ ଦିନ କାଶୀରେ ଲାଠିମାଲ ଦୁର୍ଗାଷ୍ଟ ସେନାମାନଙ୍କ ହାରଲ ଏବଂ ବନ୍ଧୁକା ଲାଗିଯିବା ଉପରେ ତହୀରୁ କରିଥିଲେ । କାଶୀବାଙ୍କ ପକ୍ଷରୁ ଜଣେ କର୍ଣ୍ଣେଲ ଓ ଜ ୧୦ ଜଣ ଲୋକ ହତ ଏବଂ ଜ ୨୩ ଜଣ ଆହତ ହୋଇ ଅଛନ୍ତି । ତଥାପି ବିପକ୍ଷ ଦଳ ପଳାୟନ କରିବାରୁ ଏମାନଙ୍କର ଜୟ ହୋଇଅଛି ବୋଲିବାକୁ ହେବ ।

କ୍ଷାମ୍‌ରୋ ପ୍ରଦର୍ଶନୀର ଭାରତରୁ ଜ ୧୫ ଜଣ କାରିଗର ଯାଇଅଛନ୍ତି ଏମାନଙ୍କ ମଧ୍ୟରେ ଜ ୨ ଜଣ ପଞ୍ଜାବ ମୁସଲମାନ ଓ ଅବଶିଷ୍ଟ ଜ ୭ ଜଣ ବଙ୍ଗାଳ ଦେଶ ଅଟନ୍ତି ଏବଂ ଏହାଙ୍କ ମଧ୍ୟରୁ ଜ ୨ ଜଣ କହାର, ଜ ୨ ଜଣ ବୈଷ୍ଣବ, ଜ ୨ଜଣ କୁମ୍ଭାର ଜ ୨ ଜଣ ଗୁହାଳ ଏବଂ ଜ ୧ ଜଣ ଭଣ୍ଡାରୀର କାର୍ଯ୍ୟ ଜାଣନ୍ତି କରିଆ ଜ ୨ ଜଣଙ୍କ ମଧ୍ୟରୁ ଜଣେ ବାଲ ଓ କୋବା ଅଟଇ ମାତ୍ର ସେବକ ବଡ଼ ତଳର ।

କଲିକତା ଇନ୍ଧନ୍ସ୍କୁଲ ଏବଂ ଏଣ୍ଡାଲରେ ଓଲଉଠା ଘଟଣା ହୋଇଥିବାର ସମ୍ବାଦ ମିଳଇ ।

